READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews


EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ ସଂଖ୍ୟା-୩୮ ୨ - ୮ ଅକ୍ଟୋବର, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-38 2nd - 8th OCTOBER, 2023 BHUBANESWAR ₹ 5/- (8 Pages)

## ମହିଳା ସଂରକ୍ଷଣ ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନୁମୋଦନ



**ନୂଆଦିଲ୍ଲୀ :** ଆଧୁନିକ ଭାରତର ଇତିହାସରେ ପ୍ରଥମ ଥର ପାଇଁ ଆମ ଦେଶରେ ମହିଳାଙ୍କୁ ଲୋକସଭା ଓ ବିଧାନସଭାରେ ଆଇନତଃ ପ୍ରତିନିଧିତ୍ୱ ଆରକ୍ଷଣ ମିଳିବାକୁ ଯାଉଛି। ସଂସଦର ଉଭୟ ବିପୁଳ ବହୁମତରେ ପାରିତ ହେବା ପରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହୋଇଛି। ଏହି ବିଲ ସେପ୍ଟେମ୍ବର ୨୦ ତାରିଖରେ ଲୋକସଭାରେ ୨୧ ତାରିଖରେ ରାଜ୍ୟସଭାରେ ପାରିତ ହୋଇଥିଲା। ଉଭୟ ସଦନରେ ପାରିତ ହେବା ପରେ ଏହାକୁ ଆଇନରେ ପରିଣତ କରିବାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ଯାହାକୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ବିଲ ଆଇନରେ ପରିଣତ ହେବା ପରେ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଶ୍ଚିତ ହୋଇଛି। ସେହିପରି ସମ୍ବିଧାନର ଧାରା ୨୩୯ ଇର ସଂଶୋଧନ ହେବା ଫଳରେ ଦିଲ୍ଲୀ ବିଧାନସଭାରେ ବି ➤ ପୃ-୬

### ରତ୍ନଭଣ୍ଡାରକୁ ନେଇ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ

# ଗଠନ ହେବ ଉଚ୍ଚସ୍ତରୀୟ କମିଟି

**କଟକ :** ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ହାଇକୋର୍ଟ। ରତ୍ନଭଣ୍ଡାର ଭିତରେ ଥିବା ସମ୍ପତ୍ତିର ଆକଳନ ପାଇଁ ଏକ ହାଇପାୱାର କମିଟି ଗଠନ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବେଦନ କରିବାର ଦୁଇ ମାସ ମଧ୍ୟରେ ରାଜ୍ୟ ସରକାର କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ପୂର୍ବରୁ ଏଏସଆଇ ପକ୍ଷରୁ ଏମିତି ରିପୋର୍ଟ ଦିଆଯିବା ସତ୍ତ୍ୱେ ରତ୍ନଭଣ୍ଡାର ଖୋଲିବାକୁ ରାଜି ହେଉ ନ ଥିଲେ ଓଡ଼ିଶା



ସରକାର। ଏବେ ଏହି ମାମଲାରେ ଦୃଢ଼ ହସ୍ତକ୍ଷେପ କରିଛନ୍ତି ହାଇକୋର୍ଟ। ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ରତ୍ନଭଣ୍ଡାର ଖୋଲିବା ପାଇଁ ଏକ ହାଇପାୱାର କମିଟି ଗଠନ କର। ଶ୍ରୀମନ୍ଦିର ପରିଚାଳନା କମିଟିର ସୁପାରିଶ ପରେ ଦୁଇ ମାସ ମଧ୍ୟରେ ରତ୍ନଭଣ୍ଡାର ଭିତରେ ଥିବା ବିଭିନ୍ନ ଅଳଙ୍କାର ଆଦିର ଯାଞ୍ଚ ପାଇଁ ହାଇପାୱାର କମିଟି ଗଠନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରତ୍ନଭଣ୍ଡାର ଖୋଲିବା ନେଇ ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ପକ୍ଷରୁ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ହାଇକୋର୍ଟ। ➤ ପୃ-୬

## କିସମ ପରିବର୍ତ୍ତନ ପାଇଁ ଦେବାକୁ ପଡ଼ିବ ଜମି ମୂଲ୍ୟର ୧% ପ୍ରିମିୟମ

**ଭୁବନେଶ୍ୱର:** କୃଷି ଜମିକୁ ଅଣ କୃଷି କାର୍ଯ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ କିସମ ପରିବର୍ତ୍ତନ ସକାଶେ ଭିନ୍ନ ଭିନ୍ନ ଦେୟ ଦେବାକୁ ପଡ଼ିବ ନାହିଁ। ପ୍ରତିବଦଳରେ ଏକର ପିଛା ଜମିର ମୂଲ୍ୟର ୧ ପ୍ରତିଶତ ପ୍ରିମିୟମ ବାବଦରେ ଆଦାୟ କରାଯିବ। ଏହାଦ୍ୱାରା କୃଷି ଜମିର କିସମ ପରିବର୍ତ୍ତନ ବେଳେ ସାରାରାଜ୍ୟରେ ସମାନତା ସହ ସ୍ୱଚ୍ଛତା ଆସିବ। ଏ ସମ୍ପର୍କରେ ବିଧାନସଭାରେ ଓଡ଼ିଶା ଭୂ-ସଂସ୍କାର (ସଂଶୋଧନ) ବିଧେୟକ ୨୦୨୩ ପାରିତ ହୋଇଛି। ବିଧେୟକ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି ଯେ ଓଡ଼ିଶାର ଭୂ-ସଂସ୍କାର ଆଇନ ୧୯୬୦ର ଧାରା ୮(ଏ)ରେ କୃଷି ଜମିକୁ ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ବ୍ୟବସ୍ଥା ରହିଛି। ଏହି ଆଇନରେ କୃଷି ଜମିକୁ ଅଣ କୃଷି ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ପ୍ରିମିୟମ ବାବଦକୁ ବିଭିନ୍ନ ଦର ଧାର୍ଯ୍ୟ କରାଯାଇଥିଲା। ମହାନଗର ନିଗମ, ପୌରାଞ୍ଚଳ ଓ ଜାତୀୟ ରାଜପଥର ଉଭୟ ପାର୍ଶ୍ୱର ୫୦୦ ମିଟର ମଧ୍ୟରେ ଥିବା କୃଷି ଜମିକୁ ଅଣ କୃଷି ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ଏକର ପିଛା ୩ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି। ସେହିପରି ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱର ୨୫୦ ମିଟର ମଧ୍ୟରେ ଥିବା ଜମିର ଅଣକୃଷି ବ୍ୟବହାର ପାଇଁ ୧ ଲକ୍ଷ ଟଙ୍କା ଦେୟ ଦେବାକୁ ପଡୁଛି। ଏନଏସି କିମ୍ବା ବିଜ୍ଞପିତ ସହରାଞ୍ଚଳରେ ➤ ପୃ-୬

## ମହିଳା ବାଚସ୍ପତିଙ୍କୁ ଏଭଳି ଆଚରଣ ଅଶୋଭନୀୟ



**ଭୁବନେଶ୍ୱର :** ଗୃହ କାର୍ଯ୍ୟ ଚାଲୁଥିବା ବେଳେ ଦୁଇ ବିଜେପି ବିଧାୟକ ବାଚସ୍ପତିଙ୍କ ପୋଡିୟମ୍ ଉପରକୁ ଡ଼ାଳି ଫୋପାଡ଼ିବା ଘଟଣାକୁ ସବୁ ମହଲରୁ କରାଯାଉଛି ନିନ୍ଦା। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ମହିଳାଙ୍କୁ ସମ୍ମାନ ଜଣାଇ ଅଗ୍ରାଧିକାର ଦେଇ ଭାରତ ବର୍ଷରେ ଚର୍ଚ୍ଚାକୁ ଆସିଛନ୍ତି। ଭାରତ ବର୍ଷରେ ମହିଳା ସଂରକ୍ଷଣ ଦାବିକୁ ବାରମ୍ବାର ଉଠାଇ ସଫଳ ହୋଇଥିବା ବେଳେ ରାଜ୍ୟରେ କିନ୍ତୁ ବିଜେପି ହିନ ରାଜନୀତି ଠାରୁ ଦୁରେଇ ପାରୁନି। ଜଣେ ମହିଳା ବାସସ୍ପତିଙ୍କୁ ଗୃହ ଭିତରେ ଅସମ୍ମାନ କରିବା କେତେଦୁର ଠିକ ରାଜ୍ୟବାସୀ ଏଭଳି ହିନମାନସିକତା ଥିବା ବିଜେପି ବିଧାୟକଙ୍କୁ ପ୍ରଶ୍ନ କରିଛନ୍ତି। ବିଧାନସଭାରେ ନିଜ ନିଜ ନିର୍ବାଚନ ମଣ୍ଡଳୀର ସମସ୍ୟା ଉପସ୍ଥାପନ କରି ସମାଧାନ କରିବା ବଦଳରେ ଏଭିଳି ଆଚରଣ ଦେଖାଉଛନ୍ତି ବିଜେପି ବିଧାୟକ। ଏହି ଘଟଣାକୁ ନେଇ ସତ୍ୟବାଦୀ ବିଧାୟକ ଉମା ସାମନ୍ତରାୟ କହିଛନ୍ତି ➤ ପୃ-୬

## ଶୁଣାଣି ଆରମ୍ଭରୁ ଅଭିଯୁକ୍ତ ମୃତ

### ନିଜ ଆଡୁ ମାମଲା ପ୍ରତ୍ୟାହାର କଲେ ଆଇନଜୀବୀ



**ଭୁବନେଶ୍ୱର :** ଦୀର୍ଘ ତେର ବର୍ଷ ତଳେ ୨୦୧୦ ମସିହାରେ ଜଟଣୀ ଥାନା ଅନ୍ତର୍ଗତ ଦେଉଳବସ୍ତ ଗାଁର ନବୀନ ପରିଡ଼ା ନାମକ ଜନୈକ ବ୍ୟକ୍ତି ହାଇକୋର୍ଟର ଆଇନଜୀବୀ ଶିବାଶିଷ ମହାପାତ୍ରଙ୍କ ଠାରୁ ଶହେ ଡେସିମିଲ ଜମି ବାବଦକୁ ବ୍ୟାଙ୍କ ଚେକ ମାଧ୍ୟମରେ ଅଢ଼େଇ ଲକ୍ଷ ଟଙ୍କା ନେଇଥିଲେ। ଟଙ୍କା ନେବାର ଦୀର୍ଘ ଦିନ ବିତି ଯାଇଥିଲେ ବି ଶ୍ରୀ ପରିଡ଼ା ଜମି ଦେବାର ନାଁ ଧରୁନଥିଲେ କି ନେଇଥିବା ଟଙ୍କା ଫେରସ୍ତ କରୁନଥିଲେ। ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲେ। ୧୨ ବର୍ଷ ଅପେକ୍ଷା କଲା ପରେ ବାଧ ହେଇ ଆଇନଜୀବୀ ଶ୍ରୀ ମହାପାତ୍ର ଜଟଣୀ ଥାନାର ଦ୍ୱାରସ୍ଥ ହେଇଥିଲେ। ଜଟଣୀ ଥାନା ଏତଲାଟିକୁ ଗ୍ରହଣ କରି ଏଫଆଇଆର ନମ୍ବର ୬୫୩ରେ ରୁଜୁ କରିଥିଲେ। ମାତ୍ର ଅଭିଯୁକ୍ତ ଶ୍ରୀ ପରିଡ଼ାଙ୍କୁ ଧରିବାରେ ସଫଳ ହେଇନଥିଲେ। ପୋଲିସ ଆଖିରେ ଧୂଳି ଦେଇ ଶ୍ରୀ ପରିଡ଼ା ➤ ପୃ-୬

## ୫-ଟି ସଚିବଙ୍କ ଗସ୍ତ ଖର୍ଚ୍ଚର ବିବରଣୀ ମାଗିଲା କଂଗ୍ରେସ




**ଭୁବନେଶ୍ୱର :** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି କାର୍ଯ୍ୟକ୍ରମ ରୂପାୟନ ସଚିବଙ୍କ ସର୍ବଭାରତୀୟ ପ୍ରଶାସନିକ ପ୍ରଶାସନିକ ସେବା ଆଇନ୍ ୧୯୬୮ ବିଭିନ୍ନ ଧାରାର ଉଲଘଂନକୁ ନେଇ କେନ୍ଦ୍ର ସରକାରଙ୍କ ଡିଓପିଟି ବିଭାଗରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ୨୦୨୩ ମସିହା ଜୁନ୍ ମାସ ୨୩ ତାରିଖରେ ଡିଓପିଟି ବିଭାଗ ଓଡ଼ିଶା ସରକାରଙ୍କ ମୁଖ୍ୟଶାସନ ସଚିବଙ୍କୁ ଚିଠି ଲେଖି ଏହି ଅଭିଯୋଗ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଆଜକୁ ୯୮ ଦିନ ପରେ ମୁଖ୍ୟଶାସନ ସଚିବ ଏହି ଘଟଣାର ତଦନ୍ତ ରିପୋର୍ଟ ଡିଓପିଟିଙ୍କୁ ପ୍ରଦାନ କରିଛନ୍ତି କି? ଯଦି କରାଯାଇ ନାହିଁ ତାହାଲେ ଏହାକୁ କାହିଁକି ଚାପି ରଖାଯାଇଛି। ସର୍ବଭାରତୀୟ ପ୍ରଶାସନିକ ସେବା ଆଇନ୍ ୧୯୬୮ କହୁଛି ମୁଖ୍ୟ ଶାସନ ସଚିବ ୪୫ ଦିନ ଭିତରେ ଏହି ତଦନ୍ତ ରିପୋର୍ଟ ଡିଓପିଟିଙ୍କୁ ପ୍ରଦାନ କରିବା କଥା। ୯୮ ଦିନ ➤ ପୃ-୬

## 'ଶ୍ରଦ୍ଧା' ପ୍ରତି ଏତେ ଶ୍ରଦ୍ଧା କାହିଁକି : ବସନ୍ତ ପଣ୍ଡା



**ଭୁବନେଶ୍ୱର :** ଆମେ ଲୋକଙ୍କୁ ସ୍ନେହ ଓ ଶ୍ରଦ୍ଧା ମାଗୁଛୁ, କିନ୍ତୁ ସେଇ 'ଶ୍ରଦ୍ଧା' କଥା ଶୁଣିଲେ ବିଳି ବିଳାଉଛି ବିଜୁ ଜନତା ଦଳ। ରାଜ୍ୟ ସରକାର 'ଶ୍ରଦ୍ଧା'ନାଁ ଧରିଲେ ଡରୁଛନ୍ତି। ଡାଲି ଖାଇଲେ ଚଳିବ, କିନ୍ତୁ ଡାଲି ଦେଖିଲେ ଭୟଭୀତ ହେଉଛନ୍ତି ବାଚସ୍ପତି। ଦାନ୍ତ ନଥିବା 'ଶ୍ରଦ୍ଧା ଓ ଡାଲି' ଶାସକ ଦଳର ମନ୍ତ୍ରୀ, ବିଧାୟକ ଏବଂ ନେତାଙ୍କୁ କାମୁଡି ଦେଇଛି। ଶାସକ ଦଳ ଭୟଭିତ ହୋଇ ଚିତ୍କାର କରୁଛନ୍ତି ବୋଲି ସାଂସଦ ତଥା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ, 'ଶ୍ରଦ୍ଧା ଓ ଡାଲି' ଦେଖିକି ବାଚସ୍ପତି ମହୋଦୟା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଓ ବିଧାୟକ ଡ.ମୁକେଶ ମହାଲିଙ୍ଗଙ୍କୁ ପବିତ୍ର ବିଧାନସଭାରୁ ନିଲମ୍ବିତ କରିଛନ୍ତି, ଏହା ଇତିହାସରେ ଏକ ବିରଳ ଘଟଣା। ଓଡ଼ିଶାରେ ଏକ ନମ୍ବର ମୁଖ୍ୟମନ୍ତ୍ରୀ ନବୀନ ବାବୁ ବୋଲି ଶାସକ ଦଳର ନେତାମାନେ ଡିଣ୍ଡିମ ପିଟୁଛନ୍ତି, ତାହାଲେ ବିରୋଧୀଙ୍କ ପ୍ରଶ୍ନରେ ଉତର ନଦେଇ କାହିଁକି ପଳାୟନ କରୁଛନ୍ତି? 'ଶ୍ରଦ୍ଧା' ନାମ ଧରିଲେ ଶାସକ ଦଳ ବିଳିବିଳାଉଛି ଏବଂ ବିରୋଧୀ ଦଳର ବିଧାୟକଙ୍କ ପ୍ରତି ଆକ୍ରୋଶମୁଳକ ବ୍ୟବହାର କରୁଛନ୍ତି। ➤ ପୃ-୬


## ବକ୍ରବାଣୀ



ମିଡିଆରେ ଆଉ ହଉନି ଚର୍ଚ୍ଚା
ଦିନ କେଇଟାରେ ହେଲେ ନୀରବ
ପଚାରିବେ ନାହିଁ ଆଉ କେବେ ସେ
ମନ୍ତ୍ରୀ ବଡ଼ କିବା ବଡ଼ ସଚିବ
ସର୍କାରୀ ମାଡ଼ରେ ଘାଏଲା ହେଲେ
ଖୋଲିଗଲା ଥିଲା ଯେତେ ଗୁମର
ବ୍ଲାକମେଲିଂ କରି ନଚଉଥିଲେ
ତୁନି ପଡ଼ିଗଲେ ବାବୁ ଆମର
ନଈ ମଝିଟାରେ ଘର କରିକି
କୁମ୍ଭୀର ସାଥିରେ କଳି କାହିଁକି।

—ଟୁଟୁ


## ରାଜ୍ୟର ୧୫ ଜିଲ୍ଲାରେ ଭୂ-କମ୍ପ ଭୟ



**ଭୁବନେଶ୍ୱର :** ରାଜ୍ୟର ୧୫ଟି ଜିଲ୍ଲା ଭୂମିକମ୍ପପ୍ରବଣ। ଏହି ଜିଲ୍ଲାଗୁଡ଼ିକ ମଧ୍ୟମ ଧରଣର ଭୂମିକମ୍ପପ୍ରବଣ (ଜୋନ୍) ଭାବେ ଚିହ୍ନଟ ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ମାର୍ଣ୍ଡି କହିଛନ୍ତି ଯେ, ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ), ନିର୍ମାଣ ସାମଗ୍ରୀ ଓ ପ୍ରଯୁକ୍ତିବିଦ୍ୟା ପ୍ରୋତ୍ସାହନ ପରିଷଦ (ବିଏମପିଟିସି), ଗୃହନିର୍ମାଣ ଓ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଭାରତର ଭୂମିକମ୍ପ ହାଜାର୍ଡ ଜୋନିଂ ଆଟଲାସ୍ (୨୦୧୬)ର ତଥ୍ୟ ଅନୁସାରେ ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ମଧ୍ୟମଧରଣର ଭୂମିକମ୍ପପ୍ରବଣ (ଜୋନ-୩) ଅଞ୍ଚଳରେ ରହିଛି। ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ➤ ପୃ-୬

### ନାରୀ ସମାଜପାଇଁ ଅନନ୍ୟ ଉଦାହରଣ


## ୧୩ ବର୍ଷ ଧରି ଶ୍ମଶାନରେ ଶବ ସତ୍କାର କରୁଛନ୍ତି ଲକ୍ଷ୍ମୀ



**ବାରିପଦା, (ବିଜୁ ସିଂ) :** ଲକ୍ଷ୍ମୀ କରୁଛନ୍ତି ଶବ ସତ୍କାର। ଦୀର୍ଘ ୧୩ ବର୍ଷ ଧରି ଆହୋରାତ୍ର ଶବ ସତ୍କାର କରୁଛନ୍ତି ଜଣେ ନାରୀ। ଶ୍ମଶାନ ନାଁ ଶୁଣିଲେ ଯେଉଁଠି ସମସ୍ତଙ୍କ ମନରେ ଡରର ଛନକା ପଶିଯାଏ ସେହିଭଳି ସ୍ଥାନରେ ଏକ ମହିଳା ଦୀର୍ଘବର୍ଷ ଧରି ନିର୍ଭୟରେ ଶବ ସତ୍କାର କରିଚାଲିଛନ୍ତି। ତାଙ୍କର ଏହି ଦୁଃସାହସିକତା ଆଜି ସାଜିଛି ସମସ୍ତ ନାରୀ ମାନଙ୍କ ପାଇଁ ଉଦାହରଣ। ବୁଦ୍ଧିଜୀବୀମାନେ କହିଯାଇଛନ୍ତି ନାରୀ ଅବଳା ନୁହେଁ କି ଦୁର୍ବଳା ନୁହେଁ। ସେ ଶତରୂପା, ସହସ୍ରଭୁଜା। ସେ ଲକ୍ଷ୍ମୀ, ସରସ୍ୱତୀ, ପାର୍ବତୀ, କାତ୍ୟାୟନୀ। ସେ ସ୍ନେହମୟୀ, ସେ ଶକ୍ତିସ୍ୱରୂପିଣୀ ମଧ୍ୟ। ଏପରି ଜଣେ ମହିଳା ଯିଏକି ସାରା ଓଡ଼ିଶାରେ ଏବେ ଚର୍ଚ୍ଚାର ଅଛନ୍ତି ସିଏ ହେଉଛନ୍ତି ବାରିପଦା ସହରର ଲକ୍ଷ୍ମୀ। ବାରିପଦା ବାରୁଣୀ ଘାଟ ଶ୍ମଶାନରେ ଦୀର୍ଘ ୧୩ ବର୍ଷ ହେଲାଣି ଜଣେ ମହିଳା ହୋଇକି ବି ଶବ ସତ୍କାର କରୁଛନ୍ତି। ଯଦିଓ ସ୍ୱାମୀଙ୍କ ଦାୟୀତ୍ୱ ହେଲେ ସେ ସ୍ୱାମୀଙ୍କ ସ୍ଥାନରେ ନିଜେ ନିଜ ହାତରେ ଏହିପରି ଏକ ସାହସିକ କାର୍ଯ୍ୟ ତୁଲାଇ ଆସୁଛନ୍ତି ଯାହା ପାଇଁ ସେ ସମସ୍ତଙ୍କ ଆଦର ପାଲଟିଛନ୍ତି। ଏପରି ଜଣେ ବିରଳ ମହିଳା ଯିଏ କି ସମାଜ ପାଇଁ ଏକ ବାର୍ତ୍ତା ଦେଇଛନ୍ତି। ଆଉ ତାହା ହେଉଛି କର୍ମ ହିଁ ଜୀବନ। ନାରୀ କର୍ତ୍ତବ୍ୟପଥ କଣ୍ଟକିତ ହେଲେବି ସେ କରେ ତାକୁ ସହର୍ଷ ସ୍ୱୀକାର, କରିପାରେ ବି ତାକୁ ଶ୍ରେୟସ୍କର। ଏପରିକି ରୁକ୍ଷ ଶ୍ମଶାନରେ ବି ସାହସର ସହ ସେ କରିପାରେ ଶବର ସାଦର ସତ୍କାର। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଲକ୍ଷ୍ମୀ। ଗତ ୧୩ ବର୍ଷ ଧରି ବାରିପଦାର ବାରୁଣୀଘାଟ ଶ୍ମଶାନରେ କରି ଆସୁଛନ୍ତି ମୃତ ମଣିଷଙ୍କ ଶେଷହୀନ ଶେଷ କୃତ୍ୟ। ➤ ପୃ-୬

### ଜାତିସଂଘ ରିପୋର୍ଟ

## ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି



**ଜେନେଭା :** ଆଜିର ଯୁବ ଭାରତ ଆଗାମୀ ଦଶନ୍ଧିରେ ଦ୍ରୁତ ବେଗରେ ବରିଷ୍ଠ ନାଗରିକଙ୍କ ସମାଜରେ ପରିଣତ ହେବ। ୨୦୫୦ ସୁଦ୍ଧା, ଅର୍ଥାତ ୨୭ ବର୍ଷ ପରେ ଦେଶରେ ପ୍ରତି ପାଞ୍ଚ ଜଣଙ୍କ ମଧ୍ୟରୁ ଜଣେ ବୃଦ୍ଧ ହୋଇଯିବେ। ଶତାବ୍ଦୀର ଶେଷ ଭାଗରେ, ସମୁଦାୟ ଜନସଂଖ୍ୟାର ୩୬ ପ୍ରତିଶତ ବୃଦ୍ଧି ହେବେ, ବର୍ତ୍ତମାନ ସମୟରେ ଏହା କେବଳ ୧୦.୧ ପ୍ରତିଶତ ରହିଛି। ୨୦୧୦ ଠାରୁ ଦେଶରେ ବୃଦ୍ଧ ଜନସଂଖ୍ୟା ବୃଦ୍ଧି ପ୍ରକ୍ରିୟା ଆରମ୍ଭ ହୋଇଛି। ସାମ୍ପ୍ରତିକ ଧାରା ଅନୁଯାୟୀ, ପ୍ରାୟ ୧୫ ବର୍ଷ ମଧ୍ୟରେ ୬୦ ବର୍ଷରୁ ଅଧିକ ନାଗରିକଙ୍କ ସଂଖ୍ୟା ଦ୍ୱିଗୁଣିତ ହେଉଛି। ଭାରତୀୟ ଜନସଂଖ୍ୟାର ବାର୍ଦ୍ଧକ୍ୟ ଏବଂ ଏହାର ନିରାକରଣ ଏବଂ ସମାଧାନ ହେତୁ ଉପୁଜୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି ମିଳିତ ଜାତିସଂଘର ଜନସଂଖ୍ୟା ପାଣ୍ଠି ଏବଂ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଇନଷ୍ଟିଚ୍ୟୁଟ ଫର ପପୁଲେଶନ ସାଇନ୍ସ ଇଣ୍ଡିଆ ଏଜିଂ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, କେବଳ ଭାରତ ନୁହେଁ ସମଗ୍ର ବିଶ୍ୱର ଜନସଂଖ୍ୟା ବୃଦ୍ଧାବସ୍ଥାରେ ରହିଛି। ବିଶ୍ୱସ୍ତରରେ ୨୦୨୨ମସିହାରେ, ୭.୯ ବିଲିୟନ ଜନସଂଖ୍ୟା ମଧ୍ୟରୁ ପ୍ରାୟ ୧.୧ ବିଲିୟନ ଲୋକ ୬୦ ବର୍ଷରୁ ଅଧିକ ଥିଲେ। ଏହା ଜନସଂଖ୍ୟାର ପ୍ରାୟ ୧୩.୯ ପ୍ରତିଶତ। ୨୦୫୦ ସୁଦ୍ଧା ବିଶ୍ୱର ଜନସଂଖ୍ୟାରେ ବୃଦ୍ଧଙ୍କ ସଂଖ୍ୟା ପ୍ରାୟ ୨.୨ବିଲିୟନ ବା ୨୨ ପ୍ରତିଶତକୁ ବୃଦ୍ଧି ପାଇବ। ଭାରତରେ ବୃଦ୍ଧଙ୍କ ସଂଖ୍ୟା ବୃଦ୍ଧି ହେବାର ତିନୋଟି କାରଣ ଅଛି। ସେସବୁ ମଧ୍ୟରେ ପ୍ରଜନନ କ୍ଷମତାରେ ହ୍ରାସ, ମୃତ୍ୟୁ ହାର ହ୍ରାସ ଏବଂ ବଞ୍ଚିବା ବୃଦ୍ଧି ଆଦି ରହିଛି। ଗତ ଦଶନ୍ଧିରେ ଦେଶରେ ପ୍ରଜନନ ହାର ୨୦ ପ୍ରତିଶତ ହ୍ରାସ ପାଇଛି। ➤ ପୃ-୬

### ସରକାରୀ ନିୟମକୁ ଖୋଲା ଉଲ୍ଲଘଂନ

# ଅଧିକାରୀଙ୍କ ଅକ୍ତିଆରରେ ଇନ୍ଦ୍ରାବତୀ ଡ୍ୟାମ ସର୍କଲ

**ନବରଙ୍ଗପୁର, (ରବିନାରାୟଣ ମହାନ୍ତି) :** ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ଡ୍ୟାମ ସର୍କଲ ଏବେ ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଇସାରାରେ ଚାଲୁଥିବା ନେଇ ଅଭିଯୋଗ ହେଉଛି। ଇନ୍ଦ୍ରାବତୀ ପ୍ରକଳ୍ପରେ ଥିବା କ୍ୱାଟର ଆବଣ୍ଟନ ଠୁଁ ଆରମ୍ଭ କରି ଏଷ୍ଟିମେଟ ସେକ୍ସନ ଏପରିକି ଠିକା କିଏ କରିବ ସବୁଠି ତାଙ୍କର ରାଜ। କୌଣସି ପଦବୀରେ ଅଧିକାରୀ ସର୍ବାଧିକ ତିନି ବର୍ଷ ରହିବା ନେଇ ବିଧିବଦ୍ଧ ବ୍ୟବସ୍ଥା ରହିଛି। ଇନ୍ଦ୍ରାବତୀ ଡ୍ୟାମ ସର୍କଲରେ ସରକାରୀ ନିୟମକୁ ଆଖି ବୁଜି ଦେଇ ସରକାରଙ୍କ ଆଖି ଆଢୁଆଳରେ ଜଣେ ଅଧିକାରୀ କନିଷ୍ଠ ଯନ୍ତ୍ରୀ ଥିବା ସମୟରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ହେଲେଣି କିନ୍ତୁ ଏଷ୍ଟିମେଟ ସେକ୍ସନ ତାଙ୍କ ଅଧୀନରେ, ସମୟ ସମୟରେ, ଅନ୍ୟ ଅତିରିକ୍ତ ଦାୟିତ୍ୱ ନେଇଥିଲେ ମଧ୍ୟ ଏଷ୍ଟିମେଟ ସେକ୍ସନ ଦାୟିତ୍ୱ ତାଙ୍କର। ଅତୀତରେ ଆୱାର୍ଡ ନାମରେ କାମ ଭାଗଭାଗ କରି ବ୍ୟବସାୟ କରାଯାଉଥିବା ଅଭିଯୋଗ ହୋଇଥିଲା। ଆୱାର୍ଡ କାମ ବନ୍ଦ କରି ଦିଆଗଲା ସିନା ତାଙ୍କ ପଦବୀ ସ୍ଥିର ରହିଆସିଛି। ପୂର୍ବରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଆୱାର୍ଡ ନାମରେ ୪୯ଟି କାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ସବୁ କାମ ଏଭଳି ରାତି ଅଧିଆ ହେଲା ବିଲ୍ ହେଲାବେଳେ ଲୋକେ ଜାଣିଲେ ଯେ ଇତି ମଧ୍ୟରେ ଦୁଇ କୋଟି ପଚାଶ ଲକ୍ଷ ଟଙ୍କାର ବିଲ୍ ହୋଇଗଲା। ପ୍ରକଳ୍ପରେ ଯେଉଁଠି ନିଜ ଅଧୀନରେ ଥିବା ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ର ଦୈନିକ ପରିଚାଳନା ପାଇଁ ଟଙ୍କାଟିଏ ଦେବାକୁ ଅଧିକାରୀ ଅକ୍ଷମତା ପ୍ରକାଶ କରୁଛନ୍ତି, ସେଠାରେ ଆୱାର୍ଡ ନାମରେ ଗାର୍ଡ ୱାଲ ଡ୍ରେନ ହେଲା, କିନ୍ତୁ ଡ୍ୟାମ ଯିବାକୁ ରାସ୍ତା




ହୋଇପାରିଲାନି। ଏଷ୍ଟିମେଟ କରିବା ବେଳେ ଡ୍ୟାମ ରାସ୍ତାକୁ କିଭଳି ଭୁଲିଗଲେ ଏଷ୍ଟିମେଟର ମହୋଦୟ ବୋଲି ପ୍ରଶ୍ନ ଉଠୁଛି। ସ୍ୱାସ୍ଥ୍ୟ କେନ୍ଦ୍ର, ବିଦ୍ୟାଳୟ ପାଇଁ ଟଙ୍କାଟିଏ କିଭଳି ଏଷ୍ଟିମେଟ କରିନଥିଲେ? କଣ ତତ୍କାଳୀନ ମୁଖ୍ୟନିର୍ମାଣ ଯନ୍ତ୍ରୀ କେବଳ ଡ୍ରେନ ଓ ଗାର୍ଡ ୱାଲ ଏଷ୍ଟିମେଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ କି? ବର୍ତ୍ତମାନ ପୁଣି ୫୦ରୁ ଅଧିକ କାର୍ଯ୍ୟ ଏଷ୍ଟିମେଟ କରାଯାଉଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ କିଛି ଏଷ୍ଟିମେଟ କରାଯାଇଛି କି ନା? ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା ପ୍ରକଳ୍ପ ଅଧୀନରେ ରହିଛି, ନିଜ ବିଭାଗ ଡାକ୍ତର ଓ ଅନ୍ୟାନ୍ୟ ଷ୍ଟାଫ ଦେଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଡେପୁଟେସନରେ ଦେଇଥିବା ଡାକ୍ତର ଓ କର୍ମଚାରୀଙ୍କୁ ବାସ ଉପଯୋଗୀ କ୍ୱାର୍ଟର ଦେବା ପାଇଁ ➤ ପୃ-୬

# ଦିନକୁ ତିନି ଗ୍ରାମ ଅଧିକ ଲୁଣ ଖାଉଛନ୍ତି ଭାରତୀୟ

**ନୂଆଦିଲ୍ଲୀ :** ଲୁଣ ବିନା ଖାଦ୍ୟର ସ୍ୱାଦ ମୂଲ୍ୟହୀନ। ହେଲେ ମାତ୍ରାଧିକ ଲୁଣ ଯେ ସ୍ୱାସ୍ଥ୍ୟ ହାନିକାରକ ତାହା ସମସ୍ତେ ଜାଣି ବି ଅସଚେତନ। ବିଶେଷ କରି ଭାରତୀୟଙ୍କ ମଧ୍ୟରେ ଏପରି ଅସେଚତନତା ଅଧିକ। କାରଣ ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ଭାରତୀୟମାନେ ତିନି ଗ୍ରାମ ଲୁଣ ଅଧିକ ଖାଉଛନ୍ତି। ଦୈନିକ ଜଣେ ବ୍ୟକ୍ତି ୫ ଗ୍ରାମ ଲୁଣ ଖାଇବାକୁ ପରାମର୍ଶ ଦିଆଯାଇ ଥିବାବେଳେ ସାଧାରଣତଃ ଭାରତୀୟମାନେ ୮ ଗ୍ରାମ ଲୁଣ ଖାଆନ୍ତି, ଯାହା ତିନି ଗ୍ରାମ ଅଧିକ। ନେଚର୍ ପୋର୍ଟଫୋଲିଓରେ ପ୍ରକାଶ ପାଇଥିବା ଏକ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ଏହି ଅଧ୍ୟୟନ ନ୍ୟାସନାଲ ଏନସିଡି (ଅଣସଂକ୍ରାମକ ରୋଗ) ମନିଟରିଂ ସର୍ଭେର ଏକ ଅଂଶ ଭାବରେ କରାଯାଇଥିବା ଏକ ନମୁନା ସର୍ବେକ୍ଷଣ ଉପରେ ଆଧାରିତ। ଅନୁସନ୍ଧାନକାରୀମାନେ ୩୦୦୦ ବୟସ୍କଙ୍କୁ ନେଇ ଏହି ଅଧ୍ୟୟନ କରିଥିଲେ। ଅଧ୍ୟୟନରେ ଭାଗ ନେଇଥିବା ଅଂଶଗ୍ରହଣକାରୀଙ୍କ ୟୁରିନାରୀ ସୋଡିୟମ୍ (ଲୁଣର ଏକ ପ୍ରମୁଖ ଉପାଦାନ) ନିର୍ଗମନ ଉପରେ ନଜର ରଖିଥିଲେ। ବିଶ୍ୱସ୍ତରରେ ମାନକ ସୂତ୍ର ବ୍ୟବହାର କରି ଲୁଣ ଗ୍ରହଣ ଉପରେ ଆକଳନ କରାଯାଇଥିଲା। ଅଧ୍ୟୟନ ଅନୁଯାୟୀ, ସୋସିଓଡେମୋଗ୍ରାଫିକ୍



ପ୍ରୋଫାଇଲ୍ ବା ସାମାଜିକ ଜନସଂଖ୍ୟା ମଧ୍ୟରେ ବୟସ୍କମାନେ ଅଧିକ ଲୁଣ ଗ୍ରହଣ କରୁଛନ୍ତି। ଆହୁରି ଦେଖିବାକୁ ମିଳିଛି ଯେ, ମହିଳାଙ୍କ ତୁଳନାରେ ପୁରୁଷମାନେ ଅଧିକ ଲୁଣ ଖାଉଛନ୍ତି। ମହିଳାମାନେ ଦୈନିକ ୭.୯ ଗ୍ରାମ ଲୁଣ ଖାଉଥିବା ବେଳେ ପୁରୁଷମାନେ ସେମାନଙ୍କଠାରୁ ଅଧିକ ଏକ ଗ୍ରାମ ୮.୯ ଗ୍ରାମ ଲୁଣ ଖାଉଛନ୍ତି। ସେହିପରି, ବୃତ୍ତିଧାରୀମାନେ (୮.୬ଗ୍ରା), ତମାଖୁ ବ୍ୟବହାରକାରୀ (୮.୩ଗ୍ରା), ମେଦବହୁଳ (୯.୨ଗ୍ରା) ଏବଂ ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଏସବୁ ରୋଗ ବା ଅଭ୍ୟାସ ନଥିବା ଲୋକଙ୍କ ତୁଳନାରେ (୮.୫ଗ୍ରା) ଅଧିକ ଲୁଣ ଖାଉଛନ୍ତି। ସୋଡିୟମ୍ ଅଧିକ ଥିବା ଖାଦ୍ୟ ଉଚ୍ଚ ରକ୍ତଚାପ କିମ୍ବା ଉଚ୍ଚ ରକ୍ତଚାପର ଆଶଙ୍କାକୁ ବଢାଇଥାଏ। ଏହା ବ୍ୟତୀୟ ହୃଦଘାତ ଏବଂ ଷ୍ଟ୍ରୋକ ବିପଦର ମଧ କାରଣ ହୁଏ। ତଥାପି ଭାରତୀୟମାନଙ୍କ ଲୁଣ ଗ୍ରହଣକୁ ନେଇ ଏପରି ତଥ୍ୟ ନିହାତି ରୂପେ ଚିନ୍ତାଜନକ। ନେଚର୍ ପୋର୍ଟଫୋଲିଓ ଅଧ୍ୟୟନର ନେତୃତ୍ୱ ନେଇଥିବା ଆଇସିଏମଆର-ନ୍ୟାସନାଲ ସେଣ୍ଟର ଫର ଡିଜିଜ୍ ଇନଫରମେଟିକ୍ସ ଆଣ୍ଡ ରିସର୍ଚ୍ଚର ନିର୍ଦ୍ଦେଶକ ଡ. ପ୍ରଶାନ୍ତ ମଥୁର କହିଛନ୍ତି ଯେ, ଦିନକୁ ଅତି କମରେ ୧.୨ଗ୍ରା ସୋଡିୟମ ବ୍ୟବହାର ହ୍ରାସ କରିବା ଉଚିତ୍। ଏହି ଅନୁପାତରେ ଆଣ୍ଟି-ହାଇପରଟେନସନ୍ ଚିକିତ୍ସା ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ଖାଦ୍ୟରେ ୫୦% ସୋଡିୟମ ବ୍ୟବହାରକୁ ହ୍ରାସ କରାଯାଇ ପାରିବ। ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ଅତ୍ୟଧିକ ଲବଣ ଗ୍ରହଣରୁ ଦୂରେଇ ରଖାଯାଇପାରିବ ବୋଲି ସେ କହିଛନ୍ତି।

## ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଛି କାନାଡା: ଜୟଶଙ୍କର

**ୱାସିଂଟନ :** ଭାରତ-କାନାଡା ବିବାଦକୁ ନେଇ ଆମେରିକାରେ ଏକ ବଡ ବୟାନ ଦେଇଛନ୍ତି ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର। ସେ କହିଛନ୍ତି ଯେ କାନାଡା ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଛି ଓ ଭାରତ ଏ ସଂକ୍ରାନ୍ତରେ ଆମେରିକାକୁ ନିଜର ଉଦବେଗ ଜଣାଇଛି। ଭାରତ ବିରୋଧରେ କାନାଡାର ଅଭିଯୋଗକୁ ଭିତ୍ତିହୀନ ବୋଲି ବର୍ଣ୍ଣନା କରି ଏସ୍ ଜୟଶଙ୍କର କହିଛନ୍ତି ଯେ ଆମେ ପ୍ରମାଣ ମାଗିଛୁ, କିନ୍ତୁ ଏପର୍ଯ୍ୟନ୍ତ ଆମେ କୌଣସି ପ୍ରମାଣ ପାଇନାହୁଁ। ଯଦି ଆମେ ପ୍ରମାଣ ପାଇବୁ, ତେବେ ଆମେ ଏହାର ଅନୁଧାନ କରିବୁ, ବର୍ତ୍ତମାନ ଆମେ କାନାଡାର ପ୍ରମାଣକୁ ଅପେକ୍ଷା କରିଛୁ। ଖାଲି ସେତିକି ନୁହେଁ, କାନାଡ଼ା ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥାଏ ବୋଲି ସେ କହିଛନ୍ତି। ଜୟଶଙ୍କର ଆହୁରି ମଧ କହିଛନ୍ତି ଯେ କାନାଡା ପ୍ରସଙ୍ଗରେ ଆମେରିକାର ବୈଦେଶିକ ସଚିବ ଏବଂ ଏନଏସଏ ଉପରେ ଆଲୋଚନା ହୋଇଛି ଏବଂ ଭାରତ ଏହାର ଆଭିମୁଖ୍ୟ ଦେଇଛି। ଏକ ପ୍ରଶ୍ନର ଉତ୍ତରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ କାନାଡା ପ୍ରସଙ୍ଗରେ ଆମେରିକାର ଏନଏସଏ ସୁଲିଭାନ୍ ଏବଂ ବୈଦେଶିକ ସଚିବ ବ୍ଲିଙ୍କେନଙ୍କ ସହ ଆଲୋଚନା ହୋଇଛି। ସେମାନେ ସେମାନଙ୍କର ମତାମତ ଏବଂ ଆକଳନ ଉପସ୍ଥାପନ କରିଥିଲେ ଏବଂ ଆମେ ଆମର କଥା ଉପସ୍ଥାପନ କରିଥିଲୁ। ବୈଦେଶିକ ବ୍ୟାପାର ମନ୍ତ୍ରୀ ସ୍ପଷ୍ଟ ଭାବେ କହିଛନ୍ତି ଯେ କାନାଡା ଉଗ୍ରବାଦୀ ଏବଂ ଆତଙ୍କବାଦୀ ତତ୍ତ୍ୱମାନଙ୍କୁ ଆଶ୍ରୟ ଦେଉଛି ଏବଂ ଭାରତ ଏ ସଂକ୍ରାନ୍ତରେ ଆମେରିକାକୁ ନିଜର ଉଦବେଗ ଜଣାଇଛି। କାନାଡାରେ ଥିବା ଆମର କୂଟନୈତିକ ଦୂତାବାସ ଏବଂ ଦୂତାବାସ ଅଫିସ ଯିବାକୁ ଅସୁରକ୍ଷିତ ମନେ କରୁଛନ୍ତି। ଆମକୁ ଖୋଲାଖୋଲି ଧମକ ମିଳୁଛି, ଯାହା ଫଳରେ ଭିସା କାର୍ଯ୍ୟ ସ୍ଥଗିତ ରଖାଯାଇଛି।

## ଆଦିବାସୀଙ୍କ ଉନ୍ନତି ପାଇଁ ସରକାର ପ୍ରତିବଦ୍ଧ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଦେଶରେ ଆଦିବାସୀଙ୍କ ଉନ୍ନତି ପାଇଁ ସରକାର ପ୍ରତିବଦ୍ଧ। ସେ କହିଛନ୍ତି ଯେ ବିଜେପି ଶାସନ ସମୟରେ ଆଦିବାସୀ ସମ୍ପ୍ରଦାୟ ପାଇଁ ବଜେଟ୍ ଆବଣ୍ଟନ ପାଞ୍ଚ ଗୁଣ ବୃଦ୍ଧି କରାଯାଇଛି। ଗୁଜୁରାଟର ଛୋଟା ଉଦେପୁରର ବୋଡେଲି ଠାରେ ୫ ହଜାର ୨୦୦ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବା ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ପ୍ରଧାନମନ୍ତ୍ରୀ ଏକ ଜନ ସମାବେଶକୁ ସମ୍ବୋଧିତ କରି ଏହା କହିଛନ୍ତି। ଏଥିରେ 'ମିଶନ୍ ସ୍କୁଲ୍ ଅଫ୍ ଏକ୍ସଲେନ୍ସ' କାର୍ଯ୍ୟକ୍ରମ ଅଧୀନରେ ୪ ହଜାର ୫୦୦ କୋଟିରୁ ଅଧିକ ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପ ଅନ୍ତର୍ଭୁକ୍ତ। ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି ଯେ ସରକାର ନିଶ୍ଚିତ କରୁଛନ୍ତି ଯେ




ଦେଶର ଗରିବ ଶ୍ରେଣୀର ଲୋକମାନେ ବାସଗୃହ, ଟ୍ୟାପ୍ ଯୋଗେ ପାଣି, ବିଦ୍ୟୁତ୍ ଏବଂ ଶିକ୍ଷା ସମେତ ସମସ୍ତ ମୌଳିକ ସୁବିଧା ପାଇବେ। ସେ କହିଛନ୍ତି ଯେ ଆଦିବାସୀ ଅଞ୍ଚଳରେ ଯୁବପିଢ଼ିଙ୍କ ଶିକ୍ଷା ତଥା ଦକ୍ଷତା ବିକାଶ ପାଇଁ ଭିତ୍ତିଭୂମି ମଜବୁତ କରିବାକୁ କେନ୍ଦ୍ର ସରକାର ଧ୍ୟାନ ଦେଉଛନ୍ତି। ସେ କହିଛନ୍ତି ଯେ ଛାତ୍ରମାନଙ୍କୁ ଉତ୍ତମ ଗୁଣାତ୍ମକ ଶିକ୍ଷା ଯୋଗାଇବା ପାଇଁ ଦେଶରେ ୧୪ ହଜାରରୁ ଅଧିକ ପିଏମ ଶ୍ରୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି। ବିଦ୍ୟାଳୟରେ ଶିକ୍ଷା ଗୁଣାତ୍ମକ ମାନର ଉନ୍ନତି ପାଇଁ ଗୁଜରାଟ ସରକାରଙ୍କ ବିଭିନ୍ନ ପଦକ୍ଷେପକୁ ମଧ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ୨୫ ହଜାରରୁ ଅଧିକ ନୂତନ ଶ୍ରେଣୀଗୃହ, ପାଞ୍ଚଟି ନୂତନ ମେଡିକାଲ କଲେଜ ଏବଂ ଦୁଇଟି ଆଦିବାସୀ ଅଞ୍ଚଳରେ ଦୁଇଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ପରିବର୍ତ୍ତନଶୀଳ ସମୟରେ ଦକ୍ଷତା ବିକାଶକୁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି। ତୃଣମୂଳ ସ୍ତରରେ ଦକ୍ଷତା ବିକାଶ ପରମ୍ପରାକୁ ମଜବୁତ କରିବା ପାଇଁ ସରକାର ବିଶ୍ୱକର୍ମା ଯୋଜନା ପ୍ରସ୍ତୁତ କରିଛନ୍ତି ବୋଲି ସେ କହିଛନ୍ତି। ଏହି ଯୋଜନାର ସୁଯୋଗ ନେବାକୁ ସେ ସମସ୍ତ କାରିଗରଙ୍କୁ ନିବେଦନ କରିଛନ୍ତି।

### ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିଙ୍କ ସହ ଜଡିତ ମାମଲାର ଶୀଘ୍ର ସମାଧାନ ଜରୁରୀ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ଏଚଆଇଭି ଆଇନର ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ସମସ୍ତ ଅଦାଲତ, ଟ୍ରିବ୍ୟୁନାଲ ଏବଂ ନ୍ୟାୟିକ ସଂସ୍ଥାକୁ ଏଚ୍.ଆଇ.ଭି ଆଇନର ଧାରା ୩୪ (୨) ଅନୁଯାୟୀ ଏଚ୍.ଆଇ.ଭି ସଂକ୍ରମିତ ବ୍ୟକ୍ତିଙ୍କ ସହ ଜଡିତ ମାମଲାଗୁଡ଼ିକର ଶୀଘ୍ର ସମାଧାନକୁ ପ୍ରାଧାନ୍ୟ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଉପଭୋକ୍ତା ବିବାଦ ସମାଧାନ କମିଶନଙ୍କ ନିଷ୍ପତ୍ତି ବିରୋଧରେ ଏକ ଆବେଦନ ଶୁଣାଣି ବେଳେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି ଯେଉଁଥିରେ ପୂର୍ବତନ ଭାରତୀୟ ବାୟୁସେନା ଅଧିକାରୀଙ୍କ କ୍ଷତିପୂରଣ ଦାବି ପ୍ରତ୍ୟାଖ୍ୟାନ କରାଯାଇଥିଲା। ସମ୍ପୃକ୍ତ ପୂର୍ବତନ ଅଧିକାରୀ ହସ୍ପିଟାଲରେ ରକ୍ତଦାନ କରୁଥିବା ସମୟରେ ଏଚ୍.ଆଇ.ଭି ସଂକ୍ରମିତ ହୋଇଥିଲେ। ତାଙ୍କୁ ୧ କୋଟି ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିଙ୍କ ପରିଚୟକୁ ଅଜ୍ଞାତ ରଖିବା ପାଇଁ ପଦକ୍ଷେପ ନେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।


## ସମୁଦ୍ର ତଳୁ ମିଳିଲା ଅଷ୍ଟମ 'ମହାଦେଶ'ର ସନ୍ଧାନ

**ନୂଆଦିଲ୍ଲୀ :** ପାଖାପାଖି ୩୭୫ ବର୍ଷ ଧରି ଅଦୃଶ୍ୟ ରହିଥିବା ଏକ ମହାଦ୍ୱୀପ (ମହାଦେଶ)ର ସନ୍ଧାନ କରିଛନ୍ତି କିଛି ଭୂତତ୍ତ୍ୱବିଦ୍ ଏବଂ ଭୂକମ୍ପ ବୈଜ୍ଞାନିକ। ସୋମନେ ଏପରି ଏକ ମହାଦ୍ୱୀପର ସନ୍ଧାନ କରିଛନ୍ତି ଯାହା ଦୁନିଆ ନଜରରେ ଏଯାବତ୍ ଅଦୃଶ୍ୟ ହୋଇ ରହିଥିଲା। ବୈଜ୍ଞାନିକମାନେ ଏହି ମହାଦ୍ୱୀପକୁ ସମୁଦ୍ରର ୨ କିଲୋମିଟର ତଳୁ ଖୋଜି ପାଇଛନ୍ତି। ସେମାନେ ସମୁଦ୍ର ତଳୁ ଖୋଳାଯାଇଥିବା ପଥର ଚଟ୍ଟାଣର ତଥ୍ୟକୁ ଉପଯୋଗ କରି ଏହି ମହାଦ୍ୱୀପର ସନ୍ଧାନ କରିଛନ୍ତି। ସନ୍ଧାନ ମିଳିଥିବା ଏହି ମହାଦ୍ୱୀପକୁ ବୈଜ୍ଞାନିକମାନେ 'ଜିଲାଣ୍ଡିଆ' ନାମକରଣ କରିଛନ୍ତି। ଏହି ମହାଦ୍ୱୀପର ଆକାର ପ୍ରାୟ ୧.୮୯ ନିୟୁତ ବର୍ଗମାଇଲ ବା ୪.୯ ନିୟୁତ ବର୍ଗ କିଲୋମିଟରର ବୋଲି କୁହାଯାଇଛି। ଯାହାକି ଆଫ୍ରିକୀୟ ଦ୍ୱୀପ ଦେଶ ମାଡଗାସ୍କାର ଠାରୁ ପାଖାପାଖି ୬ ଗୁଣ ବଡ଼। ଏହି ମହାଦ୍ୱୀପ ସମ୍ପର୍କରେ



ବୈଜ୍ଞାନିକମାନେ କହିଛନ୍ତି ଯେ, ସନ୍ଧାନ ପ୍ରାପ୍ତ ଏହି ମହାଦ୍ୱୀପକୁ ମିଶାଇ ବିଶ୍ୱରେ ଏବେ ମୋଟ ମହାଦେଶ ସଂଖ୍ୟା ୮ରେ ପହଞ୍ଚିଛି। ତେବେ ଏହି ମହାଦ୍ୱୀପର ୯୪ ପ୍ରତିଶତ ଅଞ୍ଚଳ ପାଣି ତଳେ ରହିଛି। ଯେଉଁଥିରେ ନ୍ୟୁଜିଲ୍ୟାଣ୍ଡ ଭଳି କିଛି ଦ୍ୱୀପ ରହିଛି। ରିପୋର୍ଟ ଅନୁସାରେ ନ୍ୟୁଜିଲ୍ୟାଣ୍ଡର କ୍ରାଉନ ରିସର୍ଚ୍ଚ ଇନଷ୍ଟିଚ୍ୟୁଟିଏନଏସ୍ ସାଇନ୍ସର ଭୂବୈଜ୍ଞାନିକ ଏଣ୍ଡି ଟୁଲୋଚ୍ କହିଛନ୍ତି ଯେ ଏହି ମହାଦ୍ୱୀପର ସନ୍ଧାନ ଅନେକ ସ୍ତରରେ କଷ୍ଟସାଧ ଥିଲା। ବୈଜ୍ଞାନିକଙ୍କ ଅନୁସାରେ ଜିଲାଣ୍ଡିଆ ପାଖାପାଖି ୫୫୦ ନିୟୁତ ବର୍ଷ ପୂର୍ବେ ଗୋଣ୍ଡୱାନା ଭୂମିର ଅଂଶବିଶେଷ ଥିଲା। ତେବେ ଭୂଗର୍ଭୀୟ ଗତିବିଧି ଯୋଗୁ ଏହା ପୃଥକ ହୋଇ ସମୁଦ୍ରରେ ମିଶି ଯାଇଛି। ତେବେ ଗବେଷକମାନେ ଏବେବି ଏହା ଗୋଣ୍ଡୱାନାରୁ କିପରି ପୃଥକ ହେଲା ସେ ସମ୍ପର୍କରେ ଗବେଷଣା ଜାରି ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜିଲାଣ୍ଡିଆ ମହାଦ୍ୱୀପ ପ୍ରଥମ ଥର ୧୬୪୨ରେ ସାମ୍ନାକୁ ଆସିଥିଲା। ଡଚ୍ ବ୍ୟବସାୟୀ ତଥା ନାବିକ ଏବଲ ଟ୍ୟାସମ୍ୟାନ୍ ଗ୍ରେଟ୍ ସାଉଦର୍ଣ୍ଣ ମହାଦ୍ୱୀପ ସନ୍ଧାନରେ ନ୍ୟୁଜିଲ୍ୟାଣ୍ଡର ଦକ୍ଷିଣ ଆଇଲ୍ୟାଣ୍ଡରେ ପହଞ୍ଚିଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକେ ପାଖଆଖର ସୂଚନା ଦେଇଥିଲେ। ଏଥି ସହିତ ସେ ଜେଲାଣ୍ଡିଆ ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେବେଠାରୁ ବୈଜ୍ଞାନିକମାନେ ଏହି ମହାଦ୍ୱୀପକୁ ଖୋଜିବା ପାଇଁ ଏପର୍ଯ୍ୟନ୍ତ ୪୦୦ ବର୍ଷ ଧରି ଉଦ୍ୟମ କରିଆସିଛନ୍ତି।

## ଶୁକ୍ର ଅଭିଯାନ ଆରମ୍ଭ କରିବ ଇସ୍ରୋ



**ନୂଆଦିଲ୍ଲୀ :** ମୁନ, ସନ ପରେ ଏବେ ଭେନସ ମିଶନ। ଶୁକ୍ର ଗ୍ରହକୁ ଅଭିଯାନ ଆରମ୍ଭ କରିବ ଇସ୍ରୋ। ପ୍ରଥମେ ଚନ୍ଦ୍ର ମିଶନ ଓ ପରେ ସୂର୍ଯ୍ୟ ମିଶନ ଏବେ ଶୁକ୍ର ଅଭିଯାନ ଆରମ୍ଭ କରିବା ଲାଗି ପ୍ରସ୍ତୁତି ଚଳାଇଛି ଇସ୍ରୋ। ସୌର ଜଗତର ସବୁଠାରୁ ଉଜ୍ଜ୍ୱଳତମ ଗ୍ରହକୁ ସ୍ପେସ କ୍ରାଫ୍ଟ ପଠାଯିବ ବୋଲି କହିଛନ୍ତି ଇସ୍ରୋ ମୁଖ୍ୟ ଏସ. ସୋମନାଥ। ଶୁକ୍ରକୁ ପଠାଯିବାକୁ ଥିବା ପେଲୋଡ ଗୁଡିକୁ ଇତି ମଧ୍ୟରେ ତିଆରି କରାଯାଇସାରିଛି। ଶୁକ୍ରର ଜଳବାୟୁ ଓ ତାହାର ପୃଷ୍ଠଦେଶ ସମ୍ପର୍କରେ ଗବେଷଣା ଇସ୍ରୋର ପ୍ରାଥମିକ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏହି ଅଭିଯାନକୁ ଶୁକ୍ରଯାନ କୁହାଯାଉଛି। ବର୍ତ୍ତମାନ ସୁଦ୍ଧା ଜଣାଯାଇଛି- ଶୁକ୍ରଗ୍ରହର ପୃଷ୍ଠ ଦେଶ ଅତ୍ୟନ୍ତ ବହଳା ଏବଂ ଏସିଡରେ ପରିପୂର୍ଣ୍ଣ। ଶୁକ୍ରଗ୍ରହର ଜଳବାୟୁ ଜନିତ ଚାପ ପୃଥିବୀ ତୁଳନାରେ ଶହେ ଗୁଣ ଅଧିକ। ତେଣୁ ଶୁକ୍ର ଅଭିଯାନ ଅତ୍ୟନ୍ତ କଷ୍ଟସାଧ। ସୋମନାଥ କହିଛନ୍ତି- ବର୍ତ୍ତମାନ ସୁଦ୍ଧା ଜଣାନାହିଁ ଶୁକ୍ରର ପୃଷ୍ଠଦେଶ କଠିନ ନା ନରମ। ଶୁକ୍ର ସମ୍ପର୍କରେ ତଥ୍ୟ ମିଳିଲେ ପୃଥିବୀର ଭବିଷ୍ୟତ ସମ୍ପର୍କରେ ବି ତଥ୍ୟ ମିଳିପାରିବ। ସେ ଆହୁରି କହିଛନ୍ତି ଆଉ ୧୦ ହଜାର ବର୍ଷ ପରେ ପୃଥିବୀର ବୈଶିଷ୍ଟ୍ୟରେ ପରିବର୍ତ୍ତନ ବି ଘଟିବା ସମ୍ଭାବନା ରହିଛି। ଅନେକ ବର୍ଷ ପୂର୍ବରୁ ବି ପୃଥିବୀ ବସବାସ ଯୋଗ୍ୟ ନଥିଲା। ଆସନ୍ତା ୨୦୩୦ ବେଳକୁ ନାସା ଓ ୟୁରୋପୀୟ ସ୍ପେସ ଏଜେନ୍ସି ଶୁକ୍ର ଅଭିଯାନ କରିବାକୁ ଯୋଜନା ରଖିଥିବାବେଳେ ସେମାନଙ୍କ ପରେ ଭାରତ ବି ଏହି ମିଶନରେ ସାମିଲ ହେବ। ପୂର୍ବରୁ ଭାରତ ୨୦୧୩ରେ ମଙ୍ଗଳ ମିଶନରେ ସଫଳ ହୋଇଥିଲା ଏବଂ ମଙ୍ଗଳ ଗ୍ରହର ଅନେକ ତଥ୍ୟ ଇସ୍ରୋ ପାଇବାକୁ ସକ୍ଷମ ହୋଇଥିଲା।

# ଜାନୁଆରୀ ୨୨ରେ ପ୍ରତିଷ୍ଠା ହେବ ଭବ୍ୟ ରାମ ମନ୍ଦିର

**ନୂଆଦିଲ୍ଲୀ :** ଉତ୍ତର ପ୍ରଦେଶର ଅଯୋଧାରେ ଚାଲିଥିବା ୩ ମହଲା ବିଶିଷ୍ଟ ଭବ୍ୟ ରାମ ମନ୍ଦିରର କାମ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଶେଷ ହେବ। ମନ୍ଦିରର ଗ୍ରାଉଣ୍ଡ ଫ୍ଲୋର ନିର୍ମାଣ କାମ ଡିସେମ୍ବର ସୁଦ୍ଧା ଶେଷ ହୋଇଯିବ। ଏହାପରେ ମନ୍ଦିରର ପ୍ରତିଷ୍ଠା ଜାନୁଆରୀ ୨୨ରେ କରାଯିବ ବୋଲି ମନ୍ଦିର ନିର୍ମାଣ କମିଟିର ଅଧକ୍ଷ ନୃପେନ୍ଦ୍ର ମିଶ୍ରା କହିଛନ୍ତି। ସେ କହିଛନ୍ତି ଯେ ମନ୍ଦିରର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ୨୦ରୁ ୨୪ ଯାଏ ଚାଲିବାକୁ ଥିବା ବେଳେ ଏଥିରେ ଗୋଟିଏ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ। ତେବେ ସେ କେଉଁ ଦିନ ନିର୍ଦ୍ଦିଷ୍ଟ ଭାବେ ଆସିବେ, ସେକଥା ସ୍ଥିର କରାଯାଇ ନାହିଁ। ତାରିଖ ଚୂଡ଼ାନ୍ତ ହେବା ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏ ସମ୍ପର୍କରେ



ଜଣାଇ ଦିଆଯିବ। ମିଶ୍ରାଙ୍କ କହିବା କଥା ଯେ ବର୍ତ୍ତମାନ ମନ୍ଦିରର ଶିଖରରେ ଲାଗିବାକୁଥିବା ସାମଗ୍ରୀଗୁଡ଼ିକର ତିଆରି କରାଯାଉଛି। ଏହି ସାମଗ୍ରୀଗୁଡିକ ଦ୍ୱାରା ସୂର୍ଯ୍ୟଙ୍କ ପ୍ରଥମ କିରଣ ଗର୍ଭଗୃହରେ ଥିବା ଭଗବାନଙ୍କ ମଥାରେ ପ୍ରତି ରାମ ନବମୀରେ ପଡ଼ିବ। ଏହି ସାମଗ୍ରୀ ବେଙ୍ଗାଲୁରୁରେ ତିଆରି ହେଉଛି ଓ ଏହାର ଡିଜାଇନକୁ ବୈଜ୍ଞାନିକମାନେ ମଧ ଅନୁଧାନ କରୁଛନ୍ତି। ରରକୀରେ ଥିବା ସେଣ୍ଟ୍ରାଲ ବିଲଡିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଓ ପୁଣେରେ ଥିବା ଗୋଟିଏ ଇନଷ୍ଟିଚ୍ୟୁଟ ମିଳିତ ଭାବେ ଏଥିପାଇଁ ଆବଶ୍ୟକ କମ୍ପ୍ୟୁଟର ଭିତ୍ତିକ କାର୍ଯ୍ୟକ୍ରମକୁ ତିଆରି କରିଥିବା ସେ କହିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠାର ପ୍ରଭାବ ରାଜନୀତି ଉପରେ ପଡ଼ିବ ବୋଲି ପ୍ରଶ୍ନର ଉତ୍ତର ମଧ ନୃପେନ୍ଦ୍ର ମିଶ୍ରା ଦେଇଛନ୍ତି। ସେ କହିଛନ୍ତି, "୨୦୨୩ ଡିସେମ୍ବର ସୁଦ୍ଧା ମନ୍ଦିରର ଗ୍ରାଉଣ୍ଡ ଫ୍ଲୋର କାମ ସରିବ ବୋଲି ଧାର୍ଯ୍ୟ କରାଯାଇଥିଲା। ତେଣୁ ଏହା ଧାର୍ଯ୍ୟ ସମୟ ଭିତରେ ଯେମିତି ହେଲେ ଶେଷ ହେବ। ମନ୍ଦିରକୁ ହଜାରେ ବର୍ଷ ଯାଏ ସୁରକ୍ଷିତ ଭାବେ ରଖିବା ପାଇଁ ସବୁ ପ୍ରକାରର ବ୍ୟବସ୍ଥା ହୋଇଛି। ପ୍ରାଣ ପ୍ରତିଷ୍ଠା ଉତ୍ସବ ସାଧୁ ଓ ସନ୍ଥଙ୍କ ଅନୁମତିକ୍ରମେ ଆରମ୍ଭ ହେବ। କାର୍ଯ୍ୟକ୍ରମ ସମ୍ପର୍କରେ ପୂରା ଯୋଜନା ଚମ୍ପତ ରାୟଙ୍କ ନେତୃତ୍ୱରେ ଗଠିତ କମିଟି ପ୍ରସ୍ତୁତ କରୁଛି। ଆସନ୍ତା ବର୍ଷ ଜାନୁଆରୀ ୨୨ରେ ଯେତେବେଳେ ମନ୍ଦିର ପ୍ରତିଷ୍ଠା ହେବ ସେତେବେଳେ ପ୍ରବଳ ଭିଡ଼ର ଆଶଙ୍କା ରହିଛି। ତେଣୁ ଲୋକଙ୍କୁ ଟ୍ରଷ୍ଟ ପକ୍ଷରୁ ସେମାନଙ୍କ ଘରେ, ଗାଁରେ ଟିଭି ଦ୍ୱାରା ଦେଖିବାକୁ ଅନୁରୋଧ କରିଛି। ଜାନୁଆରୀ ୨୪ରେ ରାମ ଲଲାଙ୍କ ପ୍ରତିଷ୍ଠା ସହ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ଖୋଲିବ ବୋଲି ନୃପେନ୍ଦ୍ର ମିଶ୍ରା ଜୁନ ମାସରେ ସୂଚନା ଦେଇଥିଲେ।

**ଖୁବ୍‌ଶୀଘ୍ର ଆସିବ ଗୃହ ଋଣ ସୁଧ ସବ୍‌ସିଡି ଯୋଜନା**

# ୫୦ ଲକ୍ଷର ଗୃହ ଋଣରେ ୯ ଲକ୍ଷ ଯାଏ ମିଳିବ ସୁଧ ରିଆତି

**ନୂଆଦିଲ୍ଲୀ :** ନିମ୍ନ ମଧ୍ୟବିତ୍ତ ଲୋକଙ୍କ ସହରରେ ବାସଗୃହ କିଣିବାର ସ୍ୱପ୍ନ ଶୀଘ୍ର ସାକାର ହୋଇପାରେ। ଚଳିତବର୍ଷ ଶେଷ ଆଡକୁ ଦେଶର ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ଏବଂ ଆସନ୍ତା ବର୍ଷ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହାପୂର୍ବରୁ କେନ୍ଦ୍ର ସରକାର ଗୃହ ଋଣ ସୁଧ ସବ୍ସିଡି ଯୋଜନା ଆରମ୍ଭ କରିପାରନ୍ତି। ଏଥିରେ ୫୦ ଲକ୍ଷ ଟଙ୍କାର ଗୃହ ଋଣ ଉପରେ ମିଳିବ ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ସବ୍ସିଡି। ଏହି ଗୃହ ଋଣ ସବ୍ସିଡି ଯୋଜନାରେ କେନ୍ଦ୍ର ସରକାର ୬୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତାବ ରଖିଛନ୍ତି। ଏହି ଯୋଜନାର ଲକ୍ଷ୍ୟ କ୍ଷୁଦ୍ର ସହରାଞ୍ଚଳ ବାସଗୃହ ରହିବ, ଯେଉଁଥିରେ ସରକାର ଆଗାମୀ ୫ ବର୍ଷ ପାଇଁ ବାସଗୃହ ଋଣ ଉପରେ ସୁଧ ରିଆତି ଦେବେ। ପ୍ରାୟ ୨୫ ଲକ୍ଷ ଗ୍ରାହକଙ୍କୁ ଏହି ଯୋଜନାର ଲାଭ ମିଳିବା ସମ୍ଭାବନା ରହିଛି। ପ୍ରାପ୍ତ ସୂଚନାନୁଯାୟୀ, ଆସନ୍ତା କିଛି ମାସ ମଧ୍ୟରେ ବ୍ୟାଙ୍କଗୁଡିକ ଏହି ଯୋଜନା ଆରମ୍ଭ କରିପାରିବେ ଜଣାପଡିଛି। ଏହି ଯୋଜନା ଅଧୀନରେ, ଯଦି ଜଣେ ବ୍ୟକ୍ତି ୨୦ ବର୍ଷ ପାଇଁ ୫୦ ଲକ୍ଷ ଟଙ୍କା କିମ୍ବା ତା'ଠାରୁ କମ୍ ଗୃହ ଋଣ ନେଇଥାନ୍ତି, ତେବେ ସେ ଏହାର ଲାଭ ପାଇପାରିବେ। ଏହି ଯୋଜନା ଅଧୀନରେ ଲୋକମାନେ ଗୃହ ଋଣ ଉପରେ ବାର୍ଷିକ ସୁଧ ଉପରେ ରିହାତି ପାଇବେ। ଏହା ୩ ରୁ ୬.୫




ପ୍ରତିଶତ ଏବଂ ସର୍ବାଧିକ ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ। ଏକ ସୂତ୍ରରୁ ପ୍ରକାଶ ଯେ ସରକାର ଦେବାକୁ ଥିବା ସୁଧ ରିଆତି ଅର୍ଥ ହିତାଧିକାରୀଙ୍କ ଗୃହ ଋଣ ଆକାଉଣ୍ଟରେ ଆଗୁଆ ଜମା ହେବ। ଏହ ପ୍ରସ୍ତାବକୁ ଏ ପର୍ଯ୍ୟନ୍ତ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିନାହିଁ। ଏହି ଯୋଜନା ୨୦୨୮ ପର୍ଯ୍ୟନ୍ତ ବଳବତ୍ତର ରହିପାରେ। ସମ୍ପ୍ରତି, ଆରବିଆଇ ରେପୋ ହାରରେ କ୍ରମାଗତ ବୃଦ୍ଧି ଘଟାଇଥିବା ହେତୁ ଗୃହ ଋଣ ଇଏମ୍‌ଆଇ ମହଙ୍ଗା ହୋଇଛି। ଏଭଳି ପରିସ୍ଥିତିରେ ସରକାର ନିର୍ବାଚନ ପୂର୍ବରୁ ଏହି ଗୃହ ଋଣ ସୁଧ ସବସିଡି ଯୋଜନା ଘୋଷଣା କରିପାରନ୍ତି। ଗତ ମାସରେ ସରକାର ନିର୍ବାଚନ ପୂର୍ବରୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ପାଇଁ ଘରୋଇ ଏଲପିଜି ସିଲିଣ୍ଡର ମୂଲ୍ୟରେ ପ୍ରାୟ ୧୮ ପ୍ରତିଶତ ହ୍ରାସ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ମୋଦୀ ଏହି ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଯୋଜନାରେ ୯ରୁ ୬.୫ ପ୍ରତିଶତ ମଧ୍ୟରେ ବାର୍ଷିକ ସୁଧ ସବସିଡି ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ଉପରେ ପ୍ରଦାନ କରାଯିବ। ୨୦ ବର୍ଷ କାର୍ଯ୍ୟକାଳ ସହିତ ୫୦ଲକ୍ଷରୁ କମ୍ ମୂଲ୍ୟର ଘରୋଇ ଋଣ ଏହି ଯୋଜନା ପାଇଁ ଯୋଗ୍ୟ ହେବ ବୋଲି ଏକ ସୂତ୍ରରୁ ପ୍ରକାଶ। ଏ ସମ୍ପର୍କରେ ଜଣେ ସରକାରୀ ଅଧିକାରୀ କହିଛନ୍ତି, ସୁଧ ସବ୍‌ସିଡି ହିତାଧିକାରୀଙ୍କ ଗୃହ ଋଣ ଆକାଉଣ୍ଟରେ ସିଧାସଳଖ ଭାବେ ଜମା ହେବ। ଅଧିକାରୀ ଜଣକ କହିଛନ୍ତି ଯେ ଏହି ଯୋଜନା ଦ୍ୱାରା ସହରାଞ୍ଚଳର ସ୍ୱଳ୍ପ ଆୟ ବର୍ଗର ୨୫ ଲକ୍ଷ ଋଣ ଆବେଦନକାରୀଙ୍କୁ ଉପକୃତ ହୋଇପାରିବେ।

## କେମିତି କଟିବ ଏ ସପ୍ତାହ

**ମେଷ**
କାର୍ଯ୍ୟ କ୍ଷେତ୍ରରେ ଅନାବଶ୍ୟକ କାର୍ଯ୍ୟ କରିପାରନ୍ତି। ନୂଆ ଚାକିରି ମିଳିପାରେ। ପରିବାର ସବୁ ସମୟ କଟିବ। ବ୍ୟୟ ବଢ଼ିପାରେ। ସ୍ୱାସ୍ଥ୍ୟରେ ସାମାନ୍ୟ ଅବନତି ହୋଇପାରେ। ଶୁଭ ତାରିଖ ୪,୯, ଭାଗ୍ୟଫଳ-୮୦%। ପ୍ରତିକାର : ହରଡ ଡାଲି ଦାନ କରନ୍ତୁ।

**ବୃଷ**
ନୂଆ ବ୍ୟବସାୟ ପାଇଁ ସମୟ ଅନୁକୂଳ। କାର୍ଯ୍ୟକ୍ଷେତ୍ରରେ ଅସମ୍ମାନ କରିବା ପାଇଁ ଶତ୍ରୁ ଚେଷ୍ଟା କରିବେ। ସାମାଜିକ କାମରେ ଭାଗ ନେବେ। ପୁରୁଣା ରୋଗରୁ ମୁକ୍ତ ମିଳିପାରେ। ଶୁଭ ତାରିଖ ୬,୯, ଭାଗ୍ୟଫଳ-୭୦%। ପ୍ରତିକାର : ତୁଳସୀ ଗଛ ମୂଳରେ ଦୀପ ଜାଳନ୍ତୁ ଓ ୧୧ଥର ପରିକ୍ରମା କରନ୍ତୁ।

**ମିଥୁନ**
ବ୍ୟବସାୟରେ ନୂଆ ସୁଯୋଗ ମିଳିପାରେ। କାହାକୁ ଆବଶ୍ୟକରୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। ତରବରିଆ ନିଷ୍ପତ୍ତି ଯୋଗୁ ପରିବାର ବା ପ୍ରେମରେ ବିବାଦ ହୋଇପାରେ। ପେଟରେ କିଛି ରୋଗ ହୋଇପାରେ। ଶୁଭ ତାରିଖ ୬,୭, ଭାଗ୍ୟଫଳ-୮୦%। ପ୍ରତିକାର : ସଂଧ୍ୟାରେ କ୍ଷୀର ଓ ଗଙ୍ଗାଜଳ ଚନ୍ଦ୍ରଙ୍କୁ ଅର୍ପଣ କରନ୍ତୁ।

**କର୍କଟ**
ସ୍ୱାସ୍ଥ୍ୟ ପ୍ରତି ସତର୍କ ରହନ୍ତୁ। ବ୍ୟବସାୟରେ ନୂଆ ବୁଝାମଣା ହୋଇପାରେ। ପଦୋନ୍ନତି ହୋଇପାରେ। ଜୀବନସାଥୀଙ୍କ ସହ ଧାର୍ମିକ ସ୍ଥାନକୁ ବୁଲିଯାଇପାରନ୍ତି। ବ୍ୟୟରେ ସାବଧାନ ରହନ୍ତୁ। ଶୁଭ ତାରିଖ ୫, ଭାଗ୍ୟଫଳ-୬୦%। ପ୍ରତିକାର: ଶିବ ଚାଳିଶା ପାଠ କରନ୍ତୁ।

**ସିଂହ**
ଦାନ୍ତରେ ସମସ୍ୟା ହୋଇପାରେ। ବ୍ୟବସାୟରେ ଶୁଭ ସମାଚାର ପାଇବେ। କାର୍ଯ୍ୟ କ୍ଷେତ୍ରରେ ସତର୍କ ରହନ୍ତୁ। ନୂଆ ମେହେମାନର ଆଗମନ ଯୋଗୁଁ ପରିବାରରେ ବାତାବରଣ ସୁନ୍ଦର ରହିବ। ଶୁଭ ତାରିଖ ୬,୮, ଭାଗ୍ୟଫଳ-୭୦%। ପ୍ରତିକାର : ବରଗଛ ମୂଳରେ ଜଳ ଅର୍ପଣ କରନ୍ତୁ ଓ ଘିଅ ଦୀପ ଜାଳନ୍ତୁ।

**କନ୍ୟା**
କୋଷ୍ଠକାଠିନ୍ୟ ରୋଗର ଶିକାର ହେବେ। ପୁରୁଣା ବନ୍ଧୁଙ୍କ ସହଯୋଗରେ ବ୍ୟବସାୟରେ ଲାଭ ହୋଇପାରେ। ଅଚାନକ ଧନପ୍ରାପ୍ତି ଯୋଗ। ବ୍ୟୟରେ ଲଗାମ ଦିଅନ୍ତୁ। ଦାମ୍ପତ୍ୟ ଜୀବନ ଭଲ ରହିବ। ଶୁଭ ତାରିଖ ୪,୭, ଭାଗ୍ୟଫଳ-୮୦%। ପ୍ରତିକାର : ଦକ୍ଷୀଣ ବର୍ତ୍ତୀ ଶଂଖର ପୂଜା କରନ୍ତୁ।

**ତୁଳା**
ଜୀବନଶୈଳୀରେ ପରିବର୍ତ୍ତନ କରନ୍ତୁ। ଯନ୍ତ୍ରପାତି ଓ ଲୁହା ବ୍ୟବସାୟରେ ଲାଭ ଯୋଗ। ବନ୍ଧୁଙ୍କ ସହଯୋଗ ପାଇବେ। ଉଧାର ଦିଅନ୍ତୁ ନାହିଁ। ଘର ଓ ଗାଡିରେ ଥିବା ସମସ୍ୟା ଦୂର ହେବ। ଶୁଭ ତାରିଖ ୬, ଭାଗ୍ୟଫଳ-୬୦%। ପ୍ରତିକାର : ଲକ୍ଷ୍ମୀନାରାୟଣଙ୍କୁ ଅର୍ଚ୍ଚନା କରନ୍ତୁ।

**ବିଛା**
ଖାଦ୍ୟପେୟରେ ସାବଧାନ ରହନ୍ତୁ। କୋର୍ଟ କଚେରୀ କାର୍ଯ୍ୟରେ ବିଜୟୀ ହେବେ। କାର୍ଯ୍ୟକ୍ଷେତ୍ରରେ ମତାନ୍ତର ହୋଇପାରେ। ଦାମ୍ପତ୍ୟ ଜୀବନରେ କଳହ ହୋଇପାରେ। ଧନପ୍ରାପ୍ତିର ଅନେକ ସୁଯୋଗ ଆସିବ। ଶୁଭ ତାରିଖ ୫,୬, ଭାଗ୍ୟଫଳ-୭୦%। ପ୍ରତିକାର : ସୂର୍ଯ୍ୟାସ୍ତପରେ ହନୁମାନଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ଧନୁ**
ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ପାଇପାରନ୍ତି। କିଛି ନୂଆ କରିବାକୁ ଚେଷ୍ଟା କରିବେ। ନିଷ୍ପତ୍ତିରେ ତରବର ହୁଅନ୍ତୁ ନାହିଁ। ପିତାମାତାଙ୍କ ସହଯୋଗ ପାଇବେ। ଛାତ୍ରମାନେ କୁସଂସ୍କାରରୁ ଦୂରରେ ରହନ୍ତୁ। ଦାମ୍ପତ୍ୟ ଜୀବନ ସୁଖ ରହିବ। ଶୁଭ ତାରିଖ ୯, ଭାଗ୍ୟଫଳ-୭୦%। ପ୍ରତିକାର : ଓଁ ରାମ ଦୁତାୟ ନମଃ ଜପ କରନ୍ତୁ।

**ମକର**
ମନକୁ ଆୟତ୍ତରେ ରଖନ୍ତୁ। ଅଟକିଥିବା ପଇସା ଫେରିବ। ଛାତ୍ରମାନଙ୍କୁ କଳା କ୍ଷେତ୍ରରେ ସଫଳତା ମିଳିବ। ବିବାହ ପାଇଁ ପ୍ରସ୍ତାବ ଆସିବ। ଶୁଭ ତାରିଖ ୭,୮, ଭାଗ୍ୟଫଳ-୬୦%। ପ୍ରତିକାର : ପାନପତ୍ରରେ ହନୁମାନଜୀଙ୍କୁ ଗୁଲ ଓ ଲବଙ୍ଗ ଭୋଗ କରନ୍ତୁ।

**କୁମ୍ଭ**
ମାଂସପେଶୀରେ ଯନ୍ତ୍ରଣା ହୋଇପାରେ। ବ୍ୟବସାୟରେ ଅନ୍ୟର ଉପଦେଶ ଯୋଗୁ କ୍ଷତିରେ ପଡିପାରନ୍ତି। ପଇସା ଦ୍ୱିଗୁଣିତ ହେବ। ପାରିବାରିକ ସମସ୍ୟାର ନିଜେ ସମାଧାନ କରନ୍ତୁ। ଶୁଭ ତାରିଖ ୫,୬, ଭାଗ୍ୟଫଳ-୮୦%। ପ୍ରତିକାର : ହନୁମାନ ମନ୍ଦିରରେ ଲାଲ ପତାକା ବାନ୍ଧନ୍ତୁ।

**ମୀନ**
ନିଜର ରାଗ ଉପରେ ଲଗାମ ଲଗାନ୍ତୁ। କାର୍ଯ୍ୟରେ ବ୍ୟସ୍ତତା ବଢ଼ିବ। ବିନିଯୋଗ ପାଇଁ ଭଲ ସମୟ। ଭ୍ରମଣରେ ଯାଇପାରନ୍ତି। ପରିବାର ପାଇଁ ବ୍ୟସ୍ତତା ମଧ୍ୟରୁ ସମୟ ବାହାର କରନ୍ତୁ। ଶୁଭ ତାରିଖ ୫, ଭାଗ୍ୟଫଳ-୮୦%। ପ୍ରତିକାର : ଲାଲ ଖାଦ୍ୟ ଓ ବସ୍ତ୍ର ଦାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ବିଧାନସଭାରେ ପାରିତ ହେଲା ଓଡ଼ିଶା ଆପାର୍ଟମେଣ୍ଟ ବିଲ୍

# ମାଲିକଙ୍କ ସ୍ୱାର୍ଥରକ୍ଷା ଉପରେ ଗୁରୁତ୍ୱ

**ଭୁବନେଶ୍ୱର :** ବିଧାନସଭାରେ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ବିଲ୍-୨୦୨୩ ପାରିତ ହୋଇଛି। ବିରୋଧୀ ଓ ଶାସକ ଦଳର ହଟ୍ଟଗୋଳ ଯୋଗୁ ପ୍ରଥମାର୍ଦ୍ଧରେ ଗୃହକାର୍ଯ୍ୟ ପ୍ରଭାବିତ ହୋଇଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଗୃହ ସ୍ୱାଭାବିକ ହୋଇଥିଲା। ଆଉ ଆପାର୍ଟମେଣ୍ଟ ବିଲ୍ ସହ ଅନ୍ୟ ୬ଟି ବିଲ୍ ପାରିତ ହୋଇଥିବା ଜଣାପଡ଼ିଛି। ଏହାସହିତ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଓ ଭୂଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ବିଲ୍ ଗୃହରେ ଉପସ୍ଥାପିତ ହୋଇଛି। ଗୃହରେ ଆଗତ ହୋଇଥିବା ଏହି ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ବିଲ ବିଧାନସଭାରେ ପାରିତ କରାଯାଇଛି। ଏକ ବ୍ୟକ୍ତିଗତ ଆପାର୍ଟମେଣ୍ଟର ମାଲିକାନା ପାଇଁ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ-୧୯୮୨ର ପ୍ରଣୟନ କରାଯାଇଥିଲା। ଏହା ୧୯୮୪ ମେ' ୧ରୁ ଲାଗୁ ହୋଇଥିଲା ଓ ତଦନୁସାରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା



ନିୟମ-୧୯୯୨ ବିଜ୍ଞାପିତ ହୋଇଥିଲା। କିନ୍ତୁ ଓଡ଼ିଶା ରିଏଲ ଇଷ୍ଟେଟ୍ ଆଇନ-୨୦୧୬ କାର୍ଯ୍ୟକାରୀ ହେବାପରେ କିଛି ବ୍ୟବସ୍ଥାଗତ ତ୍ରୁଟି ପରେ ଏଥିରେ ସଂଶୋଧନ କରାଯାଇଛି। ପାରିତ ହୋଇଥିବା ଆପାର୍ଟମେଣ୍ଟ ବିଲରେ ମାଲିକମାନଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ରୂପେ ରକ୍ଷା କରିବାକୁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି। ଆପାର୍ଟମେଣ୍ଟର ଧାରଣ ବ୍ୟୟ ନିମନ୍ତେ ଆବଣ୍ଟନଗ୍ରାହୀଙ୍କ ଏକ ସଂଘ ପାଣ୍ଠି ସୃଷ୍ଟି କରିବା, ଆପାର୍ଟମେଂଟର ସାଧାରଣ କ୍ଷେତ୍ର ବ୍ୟବହାରକୁ ନିୟନ୍ତ୍ରଣ କରିବା, ଆବଣ୍ଟନଗ୍ରାହୀଙ୍କ ସଂଘ ନାଁରେ ସାଧାରଣ କ୍ଷେତ୍ରର ପଞ୍ଜିକରଣ ସମ୍ବନ୍ଧୀୟ ଆବଶକୀୟ ବ୍ୟବସ୍ଥା ସୃଷ୍ଟି କରିବା ସହ ପ୍ରତ୍ୟେକ ଆପାର୍ଟମେଂଟ ମାଲିକଙ୍କର ଆପାର୍ଟମେଣ୍ଟ ମାଲିକ ସଂଘ ସହିତ ସମ୍ପର୍କ, ଅଧିକାର ଓ ଦାୟିତ୍ୱକୁ ନିର୍ଦ୍ଧାରଣ କରିବା। ଆପର୍ଟମେଣ୍ଟ ମାଲିକମାନଙ୍କର ସଂଘ ଗଠନ କରିବା ପାଇଁ ବ୍ୟବସ୍ଥା ସହ ଆପାର୍ଟମେଣ୍ଟର ବୀମା ଓ ଏହାର ନିର୍ମାଣଜନିତ ସ୍ଥିରତା ସୁନିଶ୍ଚିତ କରିବାକୁ ବ୍ୟବସ୍ଥା ରହିବ। ଆପାର୍ଟମେଣ୍ଟ ସହିତ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ଓ ସଂସ୍ଥାମାନଙ୍କ ମଧ୍ୟରେ ପରସ୍ପର ବୁଝାମଣା ଓ ସ୍ୱଚ୍ଛ ବାତାବରଣ ସ୍ଥାପନ କରିବାରେ ଏହା ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଉଚ୍ଚଶିକ୍ଷା ପାଇଁ ଡାକ୍ତରଙ୍କୁ ମିଳିବ ଛୁଟି

**ଭୁବନେଶ୍ୱର :** ଉଚ୍ଚଶିକ୍ଷା ନିମନ୍ତେ ଯିବାକୁ ଚାହୁଁଥିବା ଡାକ୍ତରଙ୍କୁ ଛୁଟି ମିଳିବ। କେତେଜଣ ପିଜି ଏବଂ ପୋଷ୍ଟ ପିଜି ଡାକ୍ତରଙ୍କ ଅଭିଯୋଗ ଶୁଣିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଡାକ୍ତରଙ୍କୁ ଉଚ୍ଚଶିକ୍ଷା ପାଇଁ ଛୁଟି ମିଳିପାରିବ। ଏପରିକି ସେମାନଙ୍କ ପ୍ରଥମ ୫ବର୍ଷ ସେବା ମଧ୍ୟରେ ଛୁଟି ନେଇପାରିବେ। ଅର୍ଥ ବିଭାଗର ସହମତିରେ ଏହି ନିଷ୍ପତ୍ତି ନିଆଯାଇଛି। ସର୍ବାଧିକ ୬ବର୍ଷ ଛୁଟି ନେଇହେବ ଏବଂ ତାହା ପୁଣି କାର୍ଯ୍ୟରୁ ଅନୁପସ୍ଥିତ ରହିବା ଦିନରୁ ସର୍ତ୍ତାବଳୀକୁ ଆଧାର କରାଯିବ। ଏହି ଛୁଟି ସମୟ ପଦୋନ୍ନତି ପାଇଁ ମଧ୍ୟ ଗଣନା କରାଯାଇପାରିବ। ତେବେ ଛୁଟି ସମୟରେ ଓଏମ୍‌ଏଚ୍‌ଏସ୍/ଓଏମ୍‌ଇଏସ୍ କ୍ୟାଡରର ସମସ୍ତ ପିଜି/ପୋଷ୍ଟ ପିଜି ଡାକ୍ତରଙ୍କୁ ଦରମା ମିଳିବ।

## ହ୍ରାସ ପାଉଛି ଚାଷ ଜମି

**ଭୁବନେଶ୍ୱର :** ରାଜ୍ୟରେ ଚାଷ ଜମି ପରିମାଣ ହ୍ରାସ ପାଉଛି। ୨୦୧୨-୨୩ ତୁଳନାରେ ୨୦୨୨-୨୩ ମସିହାରେ ୧.୬୧ଲକ୍ଷ ହେକ୍ଟର ଜମିରେ ଚାଷ କରାଯାଉଛି। ବୃଷ୍ଟିପାତ, ଜଳସେଚନର ସୁବିଧା ଓ ଅନ୍ୟାନ୍ୟ ପରିସ୍ଥିତି ଅନୁଯାୟୀ ରାଜ୍ୟରେ ଖରିଫ ଓ ରବି ଋତୁରେ ଫସଲ ଚାଷ କରାଯାଉଛି। ଚାଷ ଜମି ହ୍ରାସ ସତ୍ତ୍ୱେ ରାଜ୍ୟରେ ଧାନ ଉତ୍ପାଦନ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ୨୦୧୨-୧୩ ମସିହାରେ ରାଜ୍ୟରେ ୮୩.୪୫ ଲକ୍ଷ ହେକ୍ଟର ଜମିରେ ଚାଷ ହୋଇଥିବା ବେଳେ ୨୦୨୨-୧୩ରେ ୮୧.୮୪ ଲକ୍ଷ ହେକ୍ଟର ଜମିରେ ଚାଷ ହୋଇଥିଲା। ଏହାସହ ୨୦୧୨-୧୩ବର୍ଷରେ ରାଜ୍ୟରେ ୧୩୬୯.୪୫ ହେକ୍ଟର ଜମିରେ ବୃହତ ଓ ମଧ୍ୟମ ଜଳସେଚନ ସୁବିଧା ଥିବା ବେଳେ ୨୦୨୨-୨୩ ବେଳକୁ ଏହା ୧୫୩୩.୮୩୧କୁ ବୃଦ୍ଧି ପାଇଛି। ସେହିପରି କ୍ଷୁଦ୍ର ଜଳସେଚନ ୫୯୪.୭୨ରୁ ବୃଦ୍ଧି ପାଇ ୭୪୩.୦୩୧ ଓ ଉଠା ଜଳସେଚନ ପ୍ରକଳ୍ପ ୫୪୯.୩୪ରୁ ବୃଦ୍ଧି ପାଇ ୧୭୫୧.୨୨୩ରେ ପହଞ୍ଚିଛି। ସେହିପରି ରାଜ୍ୟରେ କ୍ରମାଗତ ଭାବେ ଧାନ ଉତ୍ପାଦନ ବୃଦ୍ଧି ପାଉଛି। ୨୦୧୨-୧୩ ମସିହାରେ ରାଜ୍ୟରେ ଏକର ପିଛା ୧୪୩୧ କେଜି ଥିବା ବେଳେ ୨୦୨୦-୨୧ରେ ୧୬୫୪ କେଜି ଓ ୨୦୨୨-୨୩ରେ ୧୭୮୦ କେଜି ଧାନ ଉତ୍ପାଦନ ହୋଇଛି। ଓଡ଼ିଶାର ପଡ଼ୋଶୀ ରାଜ୍ୟର ଆନ୍ଧ୍ର, ବିହାର, ପଶ୍ଚିମବଙ୍ଗ ଓ ଛତିଶଗଡ଼ ତୁଳନାରେ ମଧ୍ୟ ଓଡ଼ିଶାରେ ଧାନ ଉତ୍ପାଦନ ଅଧିକ ରହିଛି। ଅପରପକ୍ଷରେ ଡାଲି ଜାତୀୟ ଶସ୍ୟ ଓ ତୈଳବୀଜ ଫସଲ ଉତ୍ପାଦନରେ ଓଡ଼ିଶା ପଛରେ ରହିଛି। ରାଜ୍ୟରେ ୨୦୧୨-୧୩ରେ ଏକର ପିଛା ୨୦୩ କେଜି ଥିବା ବେଳେ ୨୦୨୦-୨୧ରେ ୨୧୯ ଓ ୨୦୨୨-୨୩ରେ ୨୧୯ କେଜି ରହିଛି। ମାତ୍ର ପଡ଼ୋଶୀ ରାଜ୍ୟରେ ଏକର ପିଛା ହାରହାରି ୩ଶହ କେଜିରୁ ଅଧିକ ରହିଛି। ସେହିପରି ରାଜ୍ୟରେ ତୈଳବୀଜ ଫସଲ ଉତ୍ପାଦନ ୩୬୮-୩୮୬ କେଜି ରହିଥିବା ବେଳେ ଅନ୍ୟ ରାଜ୍ୟରେ ପ୍ରାୟତଃ ଏହା ୪୦୦-୫୦୦ କେଜି ରହିଛି। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ।

## ରାଜ୍ୟରେ ଆଉ ୨୫ ଜିଲ୍ଲା ଗଠନ ପାଇଁ ଦାବି



**ଭୁବନେଶ୍ୱର :** ରାଜ୍ୟରେ ଆଉ ୨୫ଟି ନୂଆ ଜିଲ୍ଲା ଗଠନ କରିବା ପାଇଁ ସରକାରଙ୍କ ପାଖକୁ ଆସିଛି ଦାବିପତ୍ର। ବିଧାନସଭାରେ ବିଜେପି ବିଧାୟକ ମୋହନ ଚରଣ ମାଝୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି। ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ସର୍ବାଧିକ ୪ଟି ନୂତନ ଜିଲ୍ଲା ଦାବି ଗଂଜାମ ଜିଲ୍ଲାରୁ ଆସିଛି। ମୟୂରଭଞ୍ଜରୁ ୩, ସୁନ୍ଦରଗଡ଼, ବାଲେଶ୍ୱର ଓ କଟକରୁ ୨ଟି ଲେଖାଏଁ ଜିଲ୍ଲା ଗଠନ ପାଇଁ ଦାବି ଆସିଛି। ଘୁମୁସର, ଋଷିକୂଲ୍ୟା, ବ୍ରହ୍ମପୁର ଓ ଭଞ୍ଜନଗର ଜିଲ୍ଲା ଗଠନ କରିବାକୁ ଗଞ୍ଜାମ ଜିଲ୍ଲାରୁ ଦାବିପତ୍ର ପାଇଛନ୍ତି ସରକାର। ସେହିଭଳି ପଶ୍ଚିମ ମୟୂରଭଞ୍ଜ, ରାଇରଙ୍ଗପୁର ଓ ଖିଚିଂ ଜିଲ୍ଲା ଗଠନ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲାରୁ ଆସିଛି ଦାବିପତ୍ର। ବଣାଇ, ରାଉରକେଲା, ଚଣ୍ଡିଖୋଲ, ଆଠଗଡ଼, ପଦ୍ମପୁର, ଧର୍ମଗଡ଼, ଟିଟିଲାଗଡ଼, କଣ୍ଟାବାଞ୍ଜି, ତାଳଚେର, ପାଲଲହଡ଼ା, ଆଠମଲ୍ଲିକ, ଭୁବନେଶ୍ୱର, କୁଚିଣ୍ଡା, ବାଲିଗୁଡ଼ା, ଆନନ୍ଦପୁର, ନୀଳଗିରି, ସୋର ଓ ଗୁଣପୁରକୁ ଜିଲ୍ଲା କରିବା ପାଇଁ ଦାବି ହୋଇଛି। ମୋଟ ୧୪ ଜିଲ୍ଲାରୁ ୨୫ଟି ନୂଆ ଜିଲ୍ଲା ଗଠନ ଲାଗି ଦାବିପତ୍ର ଆସିଥିବା ବେଳେ ରାଜ୍ୟ ସରକାର ଠିକ୍ ସମୟରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ଉତ୍ତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି।

# ପୁଷ୍ଟିହୀନତାର ମୁକାବିଲା ଏବଂ ଖାଦ୍ୟ ନିରାପତ୍ତା ସୃଷ୍ଟିରେ ଓଡ଼ିଶା ଆଗୁଆ

**ଭୁବନେଶ୍ୱର :** ପୁଷ୍ଟିହୀନତାର ମୁକାବିଲା ଏବଂ ଖାଦ୍ୟ ନିରାପତ୍ତା ସୃଷ୍ଟିରେ ଆଗରେ ଓଡ଼ିଶା। ଏହି ସଫଳତାକୁ ନେଇ ଅଭିଜ୍ଞତା ବାଣ୍ଟିବ ରାଜ୍ୟ। ଏହାର ଶିକ୍ଷା ଗ୍ରହଣ ପାଇଁ ଓଡ଼ିଶା ଗସ୍ତରେ ଅଛନ୍ତି ନାଇଜେରିଆର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ। ଓଡିଶାରେ ପ୍ରସ୍ତୁତ ଭିଟାମିନ୍ ଯୁକ୍ତ ପୁଷ୍ଟି ବର୍ଦ୍ଧକ ଚାଉଳ ପ୍ରସ୍ତୁତି, ସଂରକ୍ଷଣ ଓ ବ୍ୟବହାର ସଂପର୍କରେ ଏହି ପ୍ରତିନିଧି ଦଳ ଶିକ୍ଷା ଗ୍ରହଣ କରିବ। ଡବ୍ଲୁଏଫପି ସହାୟତାରେ ଏହି ୧୩ ଜଣିଆ ଟିମ୍ ଓଡ଼ିଶା ଆସିଛନ୍ତି। ନାଇଜେରିଆ ସରକାର ଖାଦ୍ୟକୁ ଅଣୁ



ପୁଷ୍ଟିସାରଯୁକ୍ତ କରିବା ପାଇଁ ଏକ ଜାତୀୟ ରଣନୀତି ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ରଣନୀତି ଅନୁଯାୟୀ ଦେଶର ଅନ୍ୟତମ ପ୍ରଧାନ ଖାଦ୍ୟ ଚାଉଳକୁ ଭିଟାମିନ୍ ଯୁକ୍ତ ପୁଷ୍ଟି ବର୍ଦ୍ଧକ କରିବାକୁ ଯାଉଛନ୍ତି। ଭାରତର ଚାଉଳ ଫର୍ଟିଫିକେସନ୍ ପ୍ରକ୍ରିୟା କାର୍ଯ୍ୟକାରିତା ଅଭିଜ୍ଞତା ନାଇଜେରିଆ ପାଇଁ ଏକ ମୂଲ୍ୟବାନ ଉଦାହରଣ ପାଲଟିଛି। ଏନେଇ ପୁଷ୍ଟି ବର୍ଦ୍ଧକ ଚାଉଳ ପ୍ରସ୍ତୁତି, ସଂରକ୍ଷଣ ଓ ବ୍ୟବହାର ଜ୍ଞାନ ଆହରଣ ପାଇଁ ଓଡ଼ିଶାରେ ପହଞ୍ଚିଛନ୍ତି ପ୍ରତିନିଧିଦଳ। ଏହି ପ୍ରତିନିଧି ଦଳ ଲୋକସେବା ଭବନରେ ଓଡ଼ିଶାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଭେଟି ଆଲୋଚନା କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସମୟ ସୀମାର ଏକ ବର୍ଷ ପୂର୍ବରୁ ଓଡ଼ିଶା ସମସ୍ତ ଖାଦ୍ୟଭିତ୍ତିକ ଯୋଜନାରେ ରାଜ୍ୟବ୍ୟାପୀ ଫର୍ଟିଫାଇଡ୍ ଚାଉଳର ସମ୍ପୂର୍ଣ୍ଣ ପ୍ରଚଳନ କରିଛି। ୨୦୧୨ ମସିହାରେ ଗଜପତି ଜିଲ୍ଲାରେ ଓଡ଼ିଶା ଦେଶରେ ପ୍ରଥମ କରି ଭିଟାମିନ୍ ଯୁକ୍ତ ପୁଷ୍ଟି ବର୍ଦ୍ଧକ ଚାଉଳ ପ୍ରସ୍ତୁତି ପାଇଁ ପଦକ୍ଷେପ ନେଇ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲା। ବିଶେଷକରି କୁପୋଷଣର ମୁକାବିଲା ଓ ଖାଦ୍ୟ ନିରାପତ୍ତା ସୃଷ୍ଟି ଦିଗରେ ରାଜ୍ୟ ସରକାର ନିଜର ଅଭିଜ୍ଞତା ଓ ଶିକ୍ଷା ବାଣ୍ଟିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଉନ୍ନୟନ କମିଶନର ବୈଠକରେ ପ୍ରକାଶ କରିଥିଲେ। ଲୋକସେବା ଭବନରେ ଆୟୋଜିତ ବୈଠକରେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମାଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସରକାର ଦେଇଛନ୍ତି ୨୪୩ କୋଟିର ବିଜ୍ଞାପନ

**ଭୁବନେଶ୍ୱର :** ବିଭିନ୍ନ ଯୋଜନାର ପ୍ରଚାରପ୍ରସାର ବାବଦରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗରୁ ବିଗତ ୧୦ବର୍ଷ ମଧ୍ୟରେ ମୋଟ ୨୪୨କୋଟି ୬୭ଲକ୍ଷ ୬୪ହଜାର ୩୭୩ଟଙ୍କା ଖର୍ଚ୍ଚ ହୋଇଛି। ବିଧାନସଭାରେ ବିଧାୟକ ଶଙ୍କର ଓରାମ ଓ ନବଚରଣ ମାଝିଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ୍ ଏହା କହିଛନ୍ତି। ଶ୍ରୀ ଅମାତ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଜନହିତରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଗତ ୧୦ବର୍ଷ ମଧ୍ୟରେ ମୋଟ ୨୪୨କୋଟି ୬୭ଲକ୍ଷ ୬୪ହଜାର ୩୭୩ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ସର୍ବାଧିକ ୧୬୫.୦୪କୋଟି ଟଙ୍କା ବିଜ୍ଞାପନ ଆକାରରେ ରାଜ୍ୟ ସରକାରଙ୍କ ଯୋଜନା ଓ ସୂଚନାର ପ୍ରଚାର ପ୍ରସାରବାବଦରେ ବିଭିନ୍ନ ଖବରକାଗଜ ସଂସ୍ଥାକୁ ଦିଆଯାଇଛି। ବୈଦ୍ୟୁତିକ ଗଣମାଧ୍ୟମକୁ ୪୦.୬୪କୋଟି ଟଙ୍କାର ବିଜ୍ଞାପନ ବଣ୍ଟନ କରାଯାଇଛି। ସରକାରଙ୍କ ନିଜସ୍ୱ ପ୍ରଚାର ପୁସ୍ତିକ 'ଆଇନା' ଛାପିବା ଓ ବଣ୍ଟନ ପାଇଁ ୨୬.୬୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସରକାରଙ୍କ ସଫଳତାର ସନ୍ଦେଶ ଥିବା ହୋର୍ଡିଂ ଲଗାଇବାରେ ୩.୨୫କୋଟି ଟଙ୍କା ଏବଂ ଲୋକକଳା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାରରେ ୭.୦୯କୋଟି ଟଙ୍କା ଖର୍ଚ୍ଚ ହୋଇଛି।

## ଆଇନ୍‌କୁ ଖୋଲା ଉଲ୍ଲଙ୍ଘନ; ବଢ଼ିଚାଲିଛି ଶବ୍ଦ ପ୍ରଦୂଷଣ

**ଭୁବନେଶ୍ୱର:** ରାଜ୍ୟରେ ଶବ୍ଦ ପ୍ରଦୂଷଣ ଚିନ୍ତା ବଢ଼ାଇଛି। ବିଭିନ୍ନ ସ୍ଥାନରେ ବିବାହ ରୋଷଣୀ, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ମନଇଚ୍ଛା ମ୍ୟୁଜିକ୍ ସିଷ୍ଟମ୍ ଓ ଡିଜେ ବ୍ୟବହାର ଫଳରେ ଅତ୍ୟଧିକ ଶବ୍ଦ ପ୍ରଦୂଷଣ ହେଉଛି। ଏଥିଯୋଗୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଅତ୍ୟଧିକ ଶବ୍ଦ ବୟସ୍କ ବ୍ୟକ୍ତି, ରୋଗୀ ଓ ଶିଶୁଙ୍କ ଉପରେ କୁପ୍ରଭାବ ପକାଉଛି। ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ମ୍ୟୁଜିକ୍ ସିଷ୍ଟମ୍ ଓ ଡିଜେ ଉପରେ କଟକଣା ଲଗାଇବାକୁ ସ୍ୱତନ୍ତ୍ର ଆଇନ ରହିଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ବିଶେଷକରି ଯୁବଗୋଷ୍ଠୀମାନେ ଏବେ ଗ୍ରାମାଞ୍ଚଳରେ ଶବ୍ଦ ପ୍ରଦୂଷଣ ଅଧିକ କରୁଥିବା ଦେଖିବାକୁ ମିଳୁଛି। ଏକାଧିକ ପୂଜା ଭସାଣିରେ ବିଭିନ୍ନ କମିଟି ଉଚ୍ଚ ଶବ୍ଦ



ସୃଷ୍ଟି କରୁଥିବା ଡିଜେ ଆଣିବା ଉପରେ ଜୋର୍ ଦେଉଛନ୍ତି। କିଏ କେତେ ଉଚ୍ଚ ଧ୍ୱନି ସୃଷ୍ଟି କରିପାରୁଛି, ଏଥିପାଇଁ ସେମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲୁଛି। ସଚେତନ ନାଗରିକମାନେ ସେମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଭୟ କରୁଛନ୍ତି। ୨୦୨୧ ମାର୍ଚ୍ଚରେ ରାଜ୍ୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ପରିବେଶ ତଦାରଖ ସେଲ୍ ବୈଠକରେ ଶବ୍ଦ ପ୍ରଦୂଷଣକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶବ୍ଦ ପ୍ରଦୂଷଣକୁ ରୋକିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଥିଲେ। ଆଇନ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲାପାଳ ଓ ଏସ୍ପିମାନଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମେମ୍ବର ସେକ୍ରେଟାରୀ କେ. ମୁରୁଗେସେନ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶ ଠିକ ଭାବେ ପାଳନ କରାଯାଉ ନାହିଁ, ଫଳରେ ଲୋକଙ୍କ ପାଇଁ ବିପଦ ବଢୁଛି ବୋଲି ପରିବେଶବିତ୍ ମତ ଦେଉଛନ୍ତି।

### 'ଆରଟିଇ' ସିଟ୍‌ରେ ନାମ ଲେଖାଇଥିବା ପିଲାଙ୍କୁ ସାଧାରଣ ଶ୍ରେଣୀଗୃହ ମନା

# ମାନସିକ ନିର୍ଯାତନାର ଶିକାର ଛାତ୍ରଛାତ୍ରୀ

**ଭୁବନେଶ୍ୱର :** ରାଜ୍ୟର ଘରୋଇ ସ୍କୁଲଗୁଡ଼ିକରେ ଶିକ୍ଷା ଅଧିକାର ଆଇନ(ଆରଟିଇ) ସିଟ୍‌ରେ ନାମ ଲେଖାଇଥିବା ଆର୍ଥିକ ଅନଗ୍ରସର ପିଲାଙ୍କୁ ସାଧାରଣ ଶ୍ରେଣୀଗୃହ ମନା। ସେମାନେ ସାଧାରଣ ପିଲାଙ୍କଠାରୁ ଅଲଗା ବସି ପାଠ ପଢୁଛନ୍ତି। ମାଗଣାରେ ପଢୁଥିବାରୁ ସେମାନଙ୍କୁ ସାଧାରଣ ପିଲାଙ୍କ ଭଳି ସ୍ୱାଧୀନତା କିମ୍ବା ସୁବିଧା ସୁଯୋଗ ମିଳୁନାହିଁ ବୋଲି ଅଭିଭାବକମହଲରେ ଅଭିଯୋଗ ହୋଇଛି। ସିଟ୍ ଆଲଟ୍‌ମେଣ୍ଟ ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ସରକାରୀ ସ୍ତରରେ ତଦାରଖ କରାଯାଉ ନଥିବାରୁ ସ୍କୁଲ କର୍ତ୍ତୃପକ୍ଷ ପିଲାଙ୍କ ଉପରେ ଏପରି ଜୁଲୁମ୍ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଘରୋଇ ସ୍କୁଲର ୨୫ ପ୍ରତିଶତ ସିଟ୍‌ରେ ଆର୍ଥିକ ଅନଗ୍ରସର ପିଲା ପଢ଼ିବା ବ୍ୟବସ୍ଥାକୁ ରାଜ୍ୟ ସରକାର ସରଳୀକରଣ କରିବା ସହ ସ୍ୱତନ୍ତ୍ର ଆରଟିଇ ପୋର୍ଟାଲ୍ କାର୍ଯ୍ୟକ୍ଷମ କରିଛନ୍ତି। ବିଗତ ୨ ବର୍ଷ ହେବ, ଏହି ବର୍ଗର ଛାତ୍ରଛାତ୍ରୀ ଏହି ପୋର୍ଟାଲ ଯୋଗେ ନାମ ଲେଖାଉଥିବା ବେଳେ କିଛି ଘରୋଇ ସ୍କୁଲ ଏହି ନିୟମର ଅବମାନନା କରୁଥିଲେ। ତେଣୁ ସରକାରୀ ସ୍ତରରେ ନିୟମ କଡ଼ାକଡ଼ି କରାଯିବା ସହ ଘରୋଇ ସ୍କୁଲର ନାମଲେଖା ବିଭାଗ ସ୍ତରରେ ଯାଞ୍ଚ କରାଯାଇଥିଲା। ଯଦିଓ ସରକାରୀ ନିୟମ ମାନି ଚଳିତ ଶିକ୍ଷାବର୍ଷରୁ ଗରିବ ଶ୍ରେଣୀର ପିଲାମାନେ ନାମ ଲେଖାଇଛନ୍ତି, କିନ୍ତୁ ସ୍କୁଲରେ ସେମାନଙ୍କୁ ନାନା ପ୍ରକାର ମାନସିକ ନିର୍ଯାତନା ଦିଆଯାଉଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର କେତୋଟି ଘରୋଇ ସ୍କୁଲରେ ଆଇରଟିଇ ସିଟ୍ରେ ନାମ ଲେଖାଇଥିବା ପିଲାଙ୍କୁ ସ୍କୁଲ କର୍ତ୍ତୃପକ୍ଷ ସାଧାରଣ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଶ୍ରେଣୀଗୃହରେ ପାଠ ପଢ଼ାଉ ନାହାନ୍ତି। ଶ୍ରେଣୀରୁ ସମ୍ପୃକ୍ତ ପିଲାଙ୍କୁ ଅଲଗା ବସାଇବା ସହ ସେମାନଙ୍କ ପାଠପଢ଼ା ଦାୟିତ୍ୱ ସ୍କୁଲ କର୍ତ୍ତୃପକ୍ଷ ଗ୍ରହଣ କରୁନାହାନ୍ତି। ଫଳରେ ପିଲାମାନେ ସ୍କୁଲ ଯାଉଛନ୍ତି ସତ, ହେଲେ ସ୍କୁଲରେ ସେମାନଙ୍କୁ ପାଠପଢ଼ା ଯାଉନଥିବା ଅଭିଯୋଗ ହେଉଛି। ଏନେଇ ଅଭିଭାବକମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ, କମ୍ ଅର୍ଥରେ କିପରି ପାଠପଢ଼ା ହେବ ବୋଲି ପାଲଟା ପ୍ରଶ୍ନ କରୁଛନ୍ତି। ଏଥିପାଇଁ କିଛି ଆର୍ଥିକ ଅନଗ୍ରସର ବର୍ଗର ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍କୁଲ ଛାଡ଼ିବା ମଧ୍ୟ ବନ୍ଦ କରିଦେଲେଣି। ଏ ସମ୍ପର୍କରେ ଅଭିଭାବକ ମହାସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ ବିଶୋୟୀ କହନ୍ତି, କିଛି ଘରୋଇ ସ୍କୁଲ ଏଭଳି ମନମୁଖୀ ଓ ବେଆଇନ କାମ କରୁଥିବା ସଂପର୍କରେ ଅଭିଭାବକଙ୍କଠାରୁ ଅଭିଯୋଗ ଆସିଥିଲା। ଆମେ ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛୁ। ଏଭଳି କାର୍ଯ୍ୟରୁ ନିବୃତ୍ତ ନ ରହିଲେ, ଆଗାମୀ ଦିନରେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇି ବୋଲି ଚେତାବନୀ ଦେଇଛୁ। ଅପରପକ୍ଷେ, ଗଣଶିକ୍ଷା ବିଭାଗର ଅଧିକାରୀଙ୍କ କହିବା ଅନୁଯାୟୀ, ଆମ ନିକଟକୁ ଏଭଳି ଅଭିଯୋଗ ଆସିନି। ଅଭିଯୋଗ ଆସିଲେ ସଂପୃକ୍ତ ସ୍କୁଲ ବିରୋଦରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନା ଥାଉକି, ଆର୍ଥିକ ଅନଗ୍ରସର ସିଟ୍‌ରେ ପଢୁଥିବା ପିଲାଙ୍କ ପାଇଁ ରାଜ୍ୟ ସରକାର ବର୍ଗ ଅନୁଯାୟୀ ବାର୍ଷିକ ସର୍ବାଧିକ ୨୫ ହଜାର ଟଙ୍କା ସ୍କୁଲକୁ ପ୍ରଦାନ କରୁଛନ୍ତି। ଏହି ଅର୍ଥ କମ୍ ଦର୍ଶାଇବା ସହ ଏହାକୁ ବୃଦ୍ଧି ପାଇଁ ଘରୋଇ ସ୍କୁଲଗୁଡ଼ିକ ଦାବି କରୁଛନ୍ତି।

## ବନ୍ଦ ହୋଇନି ବିଜୁ ପକ୍କାଘର ଯୋଜନା

### ପ୍ରଧାନମନ୍ତ୍ରୀ ଆବାସରେ ୨୭,୩୫,୨୬୩ ପରିବାରକୁ ଗୃହ ମଞ୍ଜୁର





**ଭୁବନେଶ୍ୱର:** ବିଜୁ ପକ୍କାଘର ଯୋଜନା ବନ୍ଦ ହୋଇନାହିଁ। ଚଳିତବର୍ଷ ଏହି ଯୋଜନାରେ ୭୬୨ ସଂଖ୍ୟକ ବିସ୍ଥାପିତଙ୍କୁ ଗୃହ ମଞ୍ଜୁର କରାଯାଇଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଧାନସଭାରେ କହିଛନ୍ତି। ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଅମାତ କହିଛନ୍ତି ଯେ, ସାମାଜିକ ଅର୍ଥନୈତିକ ଓ ଜାତିଗତ ଗଣନା ମୁତାବକ ରାଜ୍ୟର ଗ୍ରାମାଞ୍ଚଳରେ ୫,୩୦୮ ସଂଖ୍ୟକ ପରିବାର ବାସହୀନ ଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ରେ ଗତ ୧୮ ତାରିଖ ସୁଦ୍ଧା ୨୭,୩୫,୨୬୩ ସଂଖ୍ୟକ ପରିବାରକୁ ଗୃହ ମଞ୍ଜୁର କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପାଇଁ ଯୋଗ୍ୟ ଥିବା ଓ ଗୃହ ପାଇ ନ ଥିବା ୧,୨୬,୮୬୪ ସଂଖ୍ୟକ ପରିବାରର ନାମ ସର୍ବେକ୍ଷଣ କରାଯାଇ ଆବାସଯୁକ୍ତ ତାଲିକାରେ ସ୍ଥାନିତ କରାଯାଇଛି। ଆର୍ଥିକ ବର୍ଷ ୨୦୧୪-୧୫ରୁ ୨୦୨୩ ସୁଦ୍ଧା ବିଭିନ୍ନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ୩୧,୫୫,୨୧୦ ଗୋଟି ପକ୍କା ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ୧୦,୨୯,୮୭୨ ଗୋଟି ଗୃହ ନିର୍ମାଣାଧୀନ ରହିଛି।

## ଚାଷୀଙ୍କୁ ମିଳିଛି ୧୩୪ କୋଟି ରିହାତି

**ଭୁବନେଶ୍ୱର :** ୨୦୨୩ ସେପ୍ଟେମ୍ବର ୨୨ ଯାଏଁ ୨୧ ହଜାର ୭୬୪ ଚାଷୀ ୨୩ ହଜାର ୭୧୨ ଯନ୍ତ୍ରପାତି କ୍ରୟ କରିଛନ୍ତି। ଏହି ସମୟ ମଧ୍ୟରେ ୧୩୪ କୋଟି ୩୪ ଲକ୍ଷ ଟଙ୍କା ରିହାତି ଡିବିଟି ମାଧ୍ୟମରେ ମିଳିଛି। ସେହିପରି ୩ ହଜାର ୪୪୮ ମହିଳା ଏସ୍‌ଏଚ୍‌ଜି ୪ ହଜାର ୫୫୬ ଯନ୍ତ୍ରପାତି କ୍ରୟ କରି ୩୪.୭୯ କୋଟି ରିହାତି ପାଇଛନ୍ତି ବୋଲି କହିଛନ୍ତି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ୨୦୨୨-୨୩ରେ ୪୯ ହଜାର ୨୨ ଚାଷୀ ୭୩ ହଜାର ୬୭୪ ଯନ୍ତ୍ରପାତି କ୍ରୟ କରିଛନ୍ତି। ଯେଉଁଥିରେ ୨୨ କୋଟିରୁ ଅଧିକ ରିହାତି ଡିବିଟି ମାଧ୍ୟମରେ ମିଳିଛି ବୋଲି ସେ କହିଛନ୍ତି। ଯନ୍ତ୍ରପାତି କିଣା ପାଇଁ ସାଧାରଣ ବର୍ଗ ଚାଷୀଙ୍କ ପାଇଁ ୪୦-୫୦%, ମହିଳା ଓ ସଂରକ୍ଷିତ ବର୍ଗଙ୍କ ପାଇଁ ୫୦-୬୦% ଓ ମହିଳା ଏସ୍‌ଏଚ୍‌ଜି ପାଇଁ ୭୫% ସବସିଡି ପ୍ରଦାନ କରୁଛନ୍ତି ରାଜ୍ୟ ସରକାର। ବର୍ତ୍ତମାନ ସ୍ଥିତିରେ ଶୀତଳ ଭଣ୍ଡାର ପୁରୁଣା ପ୍ରଣାଳୀ ହୋଇଯାଇଛି। କାରଣ ଏହା ଅଧିକ ଖର୍ଚ୍ଚାନ୍ତ କରୁଛି ଯେଉଁଥିପାଇଁ ପନିପରିବା ସଂରକ୍ଷଣ ପାଇଁ ୧୦୦୦ କୋଲ୍ଡ ଚେନ ବ୍ୟବସ୍ଥା କରାଯାଉଛି। କୋରାପୁଟ ଚାଷୀ ଏଥିରେ ଲାଭ ପାଇଛନ୍ତି। କେନ୍ଦ୍ର ସରକାର ସବମିଶନ ଆଣ୍ଡ ଏଗ୍ରିକଲଚର ମେକାନିଜମ ଜରିଆରେ ସହାୟତା ଦେବା କଥା, ସେଥିରେ ଓଡ଼ିଶାକୁ କିଛି ମିଳି ନଥିଲା। ଚଳିତ ବର୍ଷ ଓଡ଼ିଶାକୁ ୫୫ କୋଟି ମିଳିବାକୁ ଥିବାବେଳେ ମାତ୍ର ୧୩ କୋଟି ମିଳିଛି ବୋଲି କହିଛନ୍ତି ମନ୍ତ୍ରୀ। ଅନ୍ୟପଟ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେଙ୍କୁ ଗୃହରେ କଟାକ୍ଷ କରିଛନ୍ତି କୃଷିମନ୍ତ୍ରୀ।

## ରାଜ୍ୟରେ ଡାଲି ଚାଷକୁ ପ୍ରୋତ୍ସାହନ

**ଭୁବନେଶ୍ବର :** ବଦଳିଛି ଓଡିଶାର ସ୍ଥିତି। ଓଡ଼ିଶା ଚଳିତ ବର୍ଷ ରେକର୍ଡ ଚାଉଳ ଉତ୍ପାଦନ କରିଛି। ଦିନ ଥିଲା ଓଡ଼ିଶା ଖାଦ୍ୟ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିଲା। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସନକୁ ଆସିବ ପରେ ସ୍ଥିତି ବଦଳିଛି। ଓଡ଼ିଶା ଚଳିତ ବର୍ଷ ରେକର୍ଡ ଚାଉଳ ଉତ୍ପାଦନ କରିଛି ବୋଲି ବିଧାନସଭାରେ କହିଛନ୍ତି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ସେ କହିଛନ୍ତି ବଳକା ଚାଉଳ ଉଠାଇବାକୁ କେନ୍ଦ୍ର ରାଜି ନାହିଁ। ଯେଉଁଥି ପାଇଁ ଚାଷ ବିବିଧକରଣ ଜରିଆରେ ଡାଲି ପରି ଶସ୍ୟ ଚାଷ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଏଥି ପାଇଁ ୩୦ ଜିଲ୍ଲାରେ ଡାଲି ଚାଷ ପାଇଁ ଅଧିକ ପ୍ରୋତ୍ସାହନ ଦିଆଯାଉଛି। ୨୦୨୩-୨୪ରେ ୪ଲକ୍ଷ ହେକ୍ଟର ଜମିରେ ଡାଲି ଚାଷ ହେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ତୈଳବୀଜ ଚାଷ ଉପରେ ବି ଗୁରୁତ୍ୱ ଦିଆଯାଉଛି। ଡାଲି ଚାଷ ପାଇଁ ୫୦ ପ୍ରତିଶତ ରିହାତିରେ କୀଟନାଶକ ଦିଆଯାଉଛି। ନୂତନ ବିହନ ଓ ପିଡିଆ ବି ଦିଆଯାଉଛି। ଡାଲି ଚାଷକୁ ଫୋକସ ଦିଆଯାଉଛି ବୋଲି କହିଛନ୍ତି ମନ୍ତ୍ରୀ।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨ - ୮ ଅକ୍ଟୋବର, ୨୦୨୩

# ଅଶାନ୍ତି ସୃଷ୍ଟି କଲେ ଶାନ୍ତି ମିଳେନି

ସବୁଠି ଅଶାନ୍ତି, ଘରେ, ବାହାରେ, ଦେଶ ଭିତରେ ଓ ଦେଶ ବାହାରେ. ଶାନ୍ତିପୂର୍ଣ୍ଣ ସହାନବତା କେଉଁଠାରେ ନାହିଁ। ପରିବାର ଭିତରେ ଦ୍ୱନ୍ଦ୍ୱ, ଦେଶ -ଦେଶ ମଧ୍ୟରେ କନ୍ଦଳ ବଢିଚାଲିଛି। ଏଥିରେ ରାଜନୈତିକ ପ୍ରସଙ୍ଗ ଗୁଡିକ ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କରିଛି। କେବେ ଭାରତ ଯୋଡ ଯାତ୍ରାକୁ ନେଇ ତ ଆଉକେବେ ଦେଶର ନାଁକୁ ନେଇ ଆଲୋଚନା ଉଗ୍ର ହେଉଛି। ସେପଟେ ମଣିପୁର ହିଂସାରେ ଚୀନର ହାତ ଅଛି ତ କାନାଡ଼ାରେ ଭାରତ ବିରୋଧୀ ଆନ୍ଦୋଳନକାରୀଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ମଞ୍ଚ ବା ମଞ୍ଜି କଥାରୁ ନଜର ହଟେଇ ବିରୋଧୀ କେବଳ ମୋଦି ବିରୋଧୀ ମେଣ୍ଟ ଗଠନ କରୁଛନ୍ତି। ଦେଶର ଅଖଣ୍ଡତା ଓ ସାର୍ବଭୌମତା ମୁଖ୍ୟ ହୋଇଥିଲା ବେଳେ ସେଥିପ୍ରତି ଗୁରୁତ୍ୱ ନଦେଇ କିଭଳି ଶାସନ କ୍ଷମତା ହାତକୁ ଆସିବ ସେନେଇ ବଡ଼ ଅଙ୍କ କଷା ଚାଲିଛି। ଦେଶ ବିଭାଜନର ନୂଆ ସ୍ୱପ୍ନ ଦେଖୁଥିବା ଆଉପନଝେ ଆତଙ୍କବାଦ ଉପରେ ଭରଷା କରି ଦେଶ ଭାଙ୍ଗିବାର ଚକ୍ରାନ୍ତ କରୁଛନ୍ତି। କାନାଡ଼ାରେ ଯେଉଁ ଖଲିସ୍ତାନୀ ଆତଙ୍କବାଦୀ ଏଭଳି ଚିନ୍ତା କରୁଛନ୍ତି, ସେମାନେ ଭାରତର ମୂଳ ଇତିହାସ ଭୁଲି କେବଳ କ୍ଷମତା ଲିପସୁ ଅଭିଳାଷ ଜୋରଦାର କରୁଛନ୍ତି, ଯାହା କି ଦିବାସ୍ୱପ୍ନ ସଦୃଶ। କାରଣ ଭାରତ ଭୂମିର ଐତିହ୍ୟ ଏତେ ପ୍ରାଚୀନ ଯେ ଯାହାକୁ ଯୁଗ ଯୁଗ ଧରି ଅନୁଶୀଳନ କଲେ ଏଥିପାଇଁ ସମୟ କମ ପଡିବ। ମୋଗଲ ଠାରୁ ବ୍ରିଟିଶ ପର୍ଯ୍ୟନ୍ତ ଯେତେ ଶାସକ ଭାରତକୁ ଦଖଲ କରିଥିଲେ କେହି କେବେ ଏ ଦେଶର ହିତ ଚିନ୍ତା କରୁନଥିଲେ। କେବଳ ନିଜ ଆଧିପତ୍ୟ ବିସ୍ତାର ଓ ଧାର୍ମିକ ବିଦ୍ୱେଷ ଥିଲା ଏମାନଙ୍କ ମୂଳ ଲକ୍ଷ୍ୟ। ହେଲେ ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ଭାରତ ବାହାରେ ଭାରତ ବିରୋଧୀ ଷଡଯନ୍ତ୍ର ଜାରି ରହିଛି। ବିଶେଷକରି ଭାରତରୁ ଅଲଗା ହୋଇ ଗଠିତ ପାକିସ୍ତାନ ଆରମ୍ଭରୁ ହିଁ ଭାରତକୁ ଭାଙ୍ଗିବାର ଷଡଯନ୍ତ୍ର କରିଆସିଛି। ଯଦିଓ ଏହି ଦେଶ ଧର୍ମ ଆଧାରରେ ବିଭାଜନ ହୋଇଥିଲା ତଥାପି ଭାରତ ଭିତରେ କେବଳ ହିନ୍ଦୁ ନାହାନ୍ତି. ତଥାପି ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଭିତରେ ବିବିଧତା ମଧ୍ୟରେ ଶାନ୍ତିରେ ରହିବାର ସ୍ୱପ୍ନ ଉପରେ ବାରମ୍ବାର କୁଠାରାଘାତ ଚାଲିବା ଆଦୌ ସମିଚୀନ ନୁହେଁ। କିନ୍ତୁ ଦେଶ ବାହାର ଓ ଦେଶ ଭିତରେ ରହୁଥିବା ଶତ୍ରୁଙ୍କ ନଜର ଭାରତକୁ ବିଖଣ୍ଡିତ କରିବାର ମାନସିକତା ଦେଖିଲେ ଏହା କାହିଁକି ଓ କାହା ପାଇଁ ଘଟୁଛି ତାହା ନିର୍ଦ୍ଦିଷ୍ଟ ଭାବେ କହିବା ମୁସ୍କିଲ। କିଛି ଲୋକ ଏହା ଚୀନ ଷଡଯନ୍ତ୍ର କହୁଥିଲା ବେଳେ ଆଉ କେହି ଏହା ପାକିସ୍ତାନର ବୋଲି କହୁଛନ୍ତି। ହେଲେ ଏହା ପଛରେ ଆମେରିକାର ହାତ ନାହିଁ ତାହାକୁ ଅସ୍ୱୀକାର କରିହେବ କି ? ହେଲେ ସାମ୍ପ୍ରତିକ ସମୟରେ ଭାରତ ଆଉ ପୁରୁଣା ଭାରତ ହୋଇ ନାହିଁ। ବିଶ୍ୱରେ ଭାରତର ନୂଆ ଛବି ଦମଦାର ଓ ଅଧିକ ଶକ୍ତିସମ୍ପନ୍ନ ହୋଇସାରିଛି। ଭାରତ ବିରୋଧରେ ଷଡଯନ୍ତ୍ର ରଚନାକାରୀ ଦେଶମାନେ ନିଜେ ଏବେ ଭୟରେ ଅଛନ୍ତି। ଭାରତର ଆତଙ୍କବାଦୀ ବିରୋଧୀ ଆଭିମୁଖ୍ୟ ଏବେ ବିଶ୍ୱକୁ ନୂଆ ଦିଗ ଦେଖାଉଛି। ମାନବତାର ଶତ୍ରୁ ଆତଙ୍କବାଦୀ ପାଇଁ ପାକିସ୍ତାନ ଯେଭଳି କାଙ୍ଗାଳ ହୋଇଗଲା ତାହା ସମସ୍ତେ ଅନୁଭବ କରୁଛନ୍ତି। ଗୋଟିଏ ସମୟରେ ସ୍ୱାଧୀନ ହୋଇଥିବା ଭାରତ ଆର୍ଥିକ ଓ ବୈଷୟିକ ଅଭିବୃଦ୍ଧି କରିଚାଲିଥିଲା ବେଳେ ପାକିସ୍ତାନ କିଭଳି ଦୁର୍ଦ୍ଦିନର ସାମ୍ନା କରୁଛି ତାହା ବିଶ୍ୱ ଦେଖୁଛି। ଚୀନ ଓ ତୁର୍କୀ ସହଯୋଗରେ ପାକିସ୍ତାନ ଭାରତକୁ ଧୂଳିସାତ କରିଦେବାର ସ୍ୱପ୍ନ ଏବେ ମାଟିରେ ମିଶିଗଲାଣି। ଖଣ୍ଡ ବିଖଣ୍ଡିତ ହେବା ଅପେକ୍ଷାରେ ଥିବା ପାକିସ୍ତାନ ଏବେ କ୍ଷୁଧା ଓ ଅସହାୟତାର ସାମ୍ନା କରିଚାଲିଛି। ବର୍ତ୍ତମାନ ପାକିସ୍ତାନକୁ ନେଇ ଏକ ସଙ୍ଗୀନ ଅଭିଯୋଗ ଆଣିଛି ସାଉଦି ଆରବ। ତାଙ୍କ କହିବା କଥା ପାକିସ୍ତାନ ସରକାର ହଜ ଯାତ୍ରା ନାଁରେ ଚୋର ଓ ଭିକାରୀଙ୍କୁ ସାଉଦି ପଠାଉଛି। ଯାହାକୁ ନେଇ ସାଉଦି ଆରବରେ ବିରକ୍ତି ଦେଖାଦେଇଛି। ଅନ୍ୟପକ୍ଷେ ଏବେ ପାକ ଆର୍ମୀର ଚିନ୍ତା ବଢିଯାଇଛି। କାରଣ ଆତଙ୍କବାଦୀ ନେତା ହାପିଜ ସୈଦର ପୁଅକୁ କେହି ଅପହରଣ କରିନେଇଛି। ଏହି ଘଟଣା ଜଣାପଡିବା ପରେ ପାକ ସେନା ହରଡ଼ଘଣାରେ ପଡିବା ପରି ସ୍ଥିତି ଉପୁଜିଛି। କାରଣ କାନାଡାରେ ଖଲିସ୍ତାନୀ ଆତଙ୍କୀବାଦୀଙ୍କୁ ହତ୍ୟା କରାଯାଉଥିଲା ବେଳେ ପାକିସ୍ତାନରେ ମଧ୍ୟ ସମାନ ଢଙ୍ଗରେ ଆତଙ୍କୀବାଦୀଙ୍କ ଉପରେ ଆକ୍ରମଣ ହେଉଛି। ଅନ୍ୟପକ୍ଷେ ଖଲିସ୍ଥାନୀ ଆତଙ୍କବାଦୀ ହରଦୀପ ସିଂହ ନିଜାର ହତ୍ୟା ମାମଲାରେ ଭାରତର ହାତ ଥିବା କାନାଡା ଅଭିଯୋଗ କରିବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସମ୍ପୂର୍ଣ୍ଣ ବିଗିଡି ଯାଇଛି। ଏଭଳି ସ୍ଥିତିରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଭାରତ ସହିତ ଭଲ ସମ୍ପର୍କ ସ୍ଥାପନ ନେଇ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିଛନ୍ତି। ଶ୍ରୀ ଟ୍ରୁଡୋ କହିଛନ୍ତି ଯେ, ଭାରତ ସହିତ ସମ୍ପର୍କ ମଜଭୁତ କରିବା ପାଇଁ କାନାଡା ପ୍ରତିଶ୍ରୁତିବଦ୍ଧ। ବିଶ୍ୱରେ ଭାରତର ପ୍ରଭାବ ବଢୁଥିବାରୁ ଏଭଳି ସ୍ଥିତିରେ ଭାରତ ସହିତ ସୁସମ୍ପର୍କ ରକ୍ଷା କରିବା କାନାଡା ଏବଂ ଏହାର ମିତ୍ର ରାଷ୍ଟ୍ର ଗୁଡିକଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅର୍ଥନୈତିକ ଓ ଭୌଗଳିକ ରାଜନୈତିକ ଶକ୍ତି ଭାବେ ଏହା ପ୍ରମାଣିତ ହେବ। ଗତବର୍ଷର ଭାରତ-ପ୍ରଶାନ୍ତ ମହାସାଗରର ରଣନୀତି ଅନୁଯାୟୀ ଭାରତ ସହିତ ନିବିଡ ସମ୍ପର୍କ ରଖିବା ପାଇଁ ଆମେ ଅତ୍ୟନ୍ତ ଆଗ୍ରହୀ ବୋଲି ଶ୍ରୀ ଟ୍ରୁଡୋ କହିଛନ୍ତି। ତେବେ ସେହି ସମାନ ସମୟରେ ନିଜାର ହତ୍ୟା ମାମଲାରେ ଆମକୁ ଯେଭଳି ପୁରା ତଥ୍ୟ ମିଳିବ ସେ ନେଇ ସମସ୍ତ ତଥ୍ୟ ଭାରତ କାନାଡାକୁ ପ୍ରଦାନ କରିବା ଦିଗରେ କାର୍ଯ୍ୟ କରିବ। ତେଣୁ ଅଶାନ୍ତି ସୃଷ୍ଟି କରି କେହି କେବେ ଶାନ୍ତିରେ ରହେ ନାହିଁ।

**ସମ୍ପାଦକୀୟ**



**ତାରକ ମହାନ୍ତି**

# ଗୋଟିଏ ମୁଣ୍ଡ ଗୋଟିଏ ବୃକ୍ଷ - ଜୀବନ ହେବ ସନ୍ତୁଷ୍ଟ



**ଯୋଗେଶ କୁମାର ବଢ଼ାଇ**

ଆଜିର ସମୟରେ ବୃକ୍ଷ ହେଉଛି ଜୀବନ କାରିଣୀ, ବୃକ୍ଷ ନହେଲେ ମନୁଷ୍ୟ ଜୀବନ ଅନ୍ଧାର ହେଇ ଯିବ। ଗୋଟିଏ ମନୁଷ୍ୟ ଗୋଟିଏ ବର୍ଷରେ ଗୋଟିଏ ବୃକ୍ଷ ଲଗାଇବା ଆଉ ସେ ବୃକ୍ଷକୁ ରକ୍ଷା କରିବା ତ ନିଶ୍ଚତ୍ ଅଟେ। ଏଇସାରା ସଂସାର ବୃକ୍ଷମୟ ହେଇଯିବ ଆଉ ମରୁଡ଼ି, ଦୂଷିତ ଜଳ, ଦୂଷିତ ପବନ, ଝଡ ବାତ୍ୟା, ସୁନାମି, ବାତ୍ୟା ଆଉ ଜୀବନର ଅନେକ ଘଟଣା ମାନେ ଘଟୁଛି ଏସବୁ ଦୁରିତ ହେବ। ବୃକ୍ଷ ହିଁ ଜୀବନର ସାର ଏଇତ। ଆପଣ ସମସ୍ତଙ୍କୁ ଅନୁରୋଧ କି ବର୍ଷକୁ ଗୋଟିଏ ବୃକ୍ଷ ଲଗାନ୍ତୁ ଆଉ ଗୋଟିଏ ମୁଣ୍ଡ ଗୋଟିଏ ବୃକ୍ଷ ଜୀବନ ହେବ ସନ୍ତୁଷ୍ଟ କାର୍ଯ୍ୟକ୍ରମରେ ଭାଗିଦାରି ହେଇ ବୃକ୍ଷ ଲଗାନ୍ତୁ। ବୃକ୍ଷ ଲଗାଇବା ଗୋଟିଏ ପୁଣ୍ୟକାମ ଯଦି ଆମେ ମାନେ ବୃକ୍ଷ ନ ଲଗାଇବା ତ ଭବିଷ୍ୟତ ଅନ୍ଧାର ହୋଇଯିବ ଏବଂ ଶୁଦ୍ଧ ପବନ ପାଇଁ ଯୁଦ୍ଧ ହୋଇପାରେ। ଯେଉଁପରି ଆମ୍ଭେମାନେ ମୋବାଇଲ ଫୋନ ହାଥରେ ଧରୁଛୁ ସେହିପରି ଶ୍ୱାସ ନେବା ପାଇଁ ଶୁଦ୍ଧ ପବନ ଉପାର୍ଜନ କରିବାକୁ ହେବ।

*ମୋହଗାଁବ*

*ଦୂରଭାଷ : ୯୭୫୪୦୬୭୧୪୧*

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଜାତୀୟ ଶିକ୍ଷାନୀତି ଓ ଧନ୍ଦାମୂଳକ ଶିକ୍ଷା



**ଶ୍ରୀବତ୍ସ ନାୟକ**

ଶିକ୍ଷା ହେଉଛି ଏକ ଦେଶର ମେରୁଦଣ୍ଡ। ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ ସେ ଦେଶ ସେତେ ପ୍ରଗତିଶୀଳ। ଆର୍ଥିକ ପ୍ରଗତି,ସାମାଜିକ ଉନ୍ନତି ତଥା ସର୍ବାଙ୍ଗୀନ ବିକାଶ ନିମନ୍ତେ ବୈଦିକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଭାରତ ସର୍ବଦା ନିଜର ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଆସିଛି। ଖାଲି ଗୁରୁତ୍ୱ ଦେଇଛି ତା ନୁହେଁ ବରଂ ଯୁଗପୋଯୋଗୀ ଶିକ୍ଷା ବ୍ୟବସ୍ଥା ପ୍ରଣୟନ ସହ ତାର ସଫଳ ରୂପାୟନ କରି ସାରା ବିଶ୍ୱକୁ ପ୍ରେରଣା ଯୋଗାଇଛି। ଭାରତର ଆଧୁନିକ ଶିକ୍ଷା ବ୍ୟବସ୍ଥା ବୈଦିକ ଓ ଗୁରୁକୁଳ ବ୍ୟବସ୍ଥାରୁ ଆନୀତ। ତତ୍କାଳୀନ ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରେ ଜୀବନ କୌଶଳ,ଶୃଙ୍ଖଳା ଓ ଧନ୍ଦାମୂଳକ ଦକ୍ଷତା, ବାସ୍ତବତା ଓ କର୍ମ ଉପରେ ଆଧାରିତ ଥିଲା। ସେ ସମୟରେ ଶିକ୍ଷାର୍ଥୀମାନେ କେବଳ ଗୃହସ୍ଥ ଜୀବନ ବିଷୟରେ ଶିକ୍ଷା ଲାଭ କରୁଥିଲେ ତା ନୁହେଁ ବରଂ ବିଭିନ୍ନ ଧନ୍ଦା ଏବଂ ସାମାଜିକ କାର୍ଯ୍ୟର ପ୍ରଶିକ୍ଷଣ ମାଧ୍ୟମରେ ଶ୍ରମର ମହତ୍ତ୍ୱ ବିଷୟରେ ଜ୍ଞାନ ଅର୍ଜନ କରୁଥିଲେ ଯାହାକି ଶିକ୍ଷାର୍ଥୀମାନଙ୍କୁ ଦାୟିତ୍ୱବୋଧ ଓ ସାମାଜିକ ମୂଲ୍ୟବୋଧ ଆଦି ଗୁଣରେ ଅନୁପ୍ରାଣୀତ କରୁଥିଲା। ବୈଦିକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଭାର ର ଶିକ୍ଷା ବ୍ୟବସ୍ଥା ସାରା ବିଶ୍ୱକୁ ଆଲୋକିତ କରିଛି। ଭାରତର ଆଦର୍ଶ ଶିକ୍ଷା ବ୍ୟବସ୍ଥା ଭାରତକୁ ବିଶ୍ୱ ଗୁରୁ ଆଡ଼କୁ ଅଗ୍ରସର କରୁଛି। 'ଯାହା ନାହିଁ ଭାରତେ ତାହା ନାହିଁ ଜଗତେ' ଅର୍ଥାତ ଆମେ ଆଜି ଯାହା କିଛି ଦେଖୁଛେ ତାର ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷରେ ଭାରତର ଅବଦାନ ନିହାତି ପକ୍ଷେ ରହିଛି। ଭାରତର ଶିକ୍ଷା ବ୍ୟବସ୍ଥାରେ ପ୍ରଚଳିତ ଶିକ୍ଷା ମଧ୍ୟରୁ ଧନ୍ଦାମୂଳକ ଶିକ୍ଷା ହେଉଛି ଅନ୍ୟତମ।

ଇଉନେସ୍କୋ ମତରେ ଧନ୍ଦାମୂଳକ ଶିକ୍ଷା ହେଉଛି ସାଧାରଣ ଶିକ୍ଷା ପ୍ରକ୍ରିୟାର ସମସ୍ତ ପ୍ରକାର ଓ ସ୍ତରରେ ସାଧାରଣଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଧ୍ୟୟନ, ବ୍ୟବହାରିକ କୌଶଳ ଆହରଣ, ସାମାଜିକ ଓ ଅର୍ଥନୈତିକ ଜୀବନରେ ବିଭିନ୍ନ ବିଭାଗ ସହ ଜଡ଼ିତ ଧନ୍ଦା ଗୁଡ଼ିକର ଧାରଣା ଓ ମନବୃତ୍ତି ର ସମିଶ୍ରଣ। ସାଧାରଣ ଭାଷାରେ କହିବାକୁ ଗଲେ ଯେଉଁ ଶିକ୍ଷା କୌଣସି ଏକ ଧନ୍ଦା ସହ କୌଣସି ଏକ ବ୍ୟକ୍ତିକୁ ଜଡ଼ିତ କରିଥାଏ ତାହା ହେଉଛି ଧନ୍ଦା ମୂଳକ ଶିକ୍ଷା। ଧନ୍ଦାମୂଳକ ଅର୍ଥ ହେଉଛି 'ବୃତ୍ତି ସହିତ ଜଡିତ'। ଭାରତରେ ପ୍ରଚଳିତ ସମସ୍ତ ଶିକ୍ଷାନୀତିରେ ଏହି ଧନ୍ଦାମୂଳକ ଶିକ୍ଷା ର ପ୍ରଚାର ପ୍ରସାର ନିମନ୍ତେ ପଦକ୍ଷେପ ନିଆଯାଇଛି। ୧୮୫୪ ମସିହାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର ବୋର୍ଡ ସଭାପତି ସାର୍ ଚାର୍ଲ୍ସ ଉଡ୍ ସର୍ବପ୍ରଥମେ ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତା ଅନୁଭବ କରି ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ଲର୍ଡ ଡେଲ ହାଉସୀଙ୍କୁ ଏକ ରିପୋର୍ଟ ଲେଖିଥିଲେ ଯାହାକି 'ଉଡ୍ସ ଡିସ୍ପାଚ୍' ନାମରେ ପରିଚିତ ଥିଲା। ତାଙ୍କ ଡିସ୍ପାଚ୍ ଅନୁସାରେ ସାଧାରଣ ଶିକ୍ଷାର ବିବିଧକରଣ କରାଯାଇ ଧନ୍ଦାମୂଳକ ଶିକ୍ଷାର ପ୍ରଚଳନ କରାଯାଇଥିଲା। ହାର୍ଟୋଗ ସମୀକ୍ଷା (୧୯୨୯) ରେ ଦେଶର ଆର୍ଥିକ ବିକାଶ କ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ମାଧ୍ୟମିକ ଶିକ୍ଷା ସମାପ୍ତ ପରେ ଛାତ୍ରଛାତ୍ରୀ ମାନଙ୍କୁ ଶିଳ୍ପ ଓ ବାଣିଜ୍ୟିକ ବୃତ୍ତି ନିମନ୍ତେ ପ୍ରସ୍ତୁତ ହେବା ପାଇଁ ହାର୍ଟୋଗ କମିଟି ବିଦ୍ୟାଳୟରେ ବିବିଧ ପାଠ୍ୟକ୍ରମ ପାଇଁ ସୁପାରିଶ କରିଥିଲେ। ସେହିଭଳି ବେକାରୀ ସମସ୍ୟାର ସମାଧାନ ପାଇଁ ୧୧ ବର୍ଷ ଶିକ୍ଷା (୫ ବର୍ଷ ପ୍ରାଥମିକ,୩ ବର୍ଷ ନିମ୍ନ ମାଧ୍ୟମିକ ଓ ୩ ବର୍ଷ ଉଚ୍ଚ ମାଧ୍ୟମିକ) ପରେ ଧନ୍ଦାମୂଳକ ଶିକ୍ଷା ପ୍ରଦାନ ନିମନ୍ତେ ମତ ଦେଇଥିଲେ ସାପ୍ରୁ କମିଟି (୧୯୩୪)। କିନ୍ତୁ ତତ୍କାଳୀନ ଶିକ୍ଷା ପ୍ରଶାସନ ଏହାର ଗୁରୁତ୍ୱକୁ ଉପଲବ୍ଧ କରିନଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୩୬ ମସିହାରେ ଆବଟ୍ କମିଶନ ଧନ୍ଦାମୂଳକ ଶିକ୍ଷାକୁ ଭାଷା ଓ ବିଜ୍ଞାନ ଶିକ୍ଷା ସହ ସମତୁଲ ବିଚାର କରିବା,ଏହାକୁ ଅନ୍ୟାନ୍ୟ ଶିକ୍ଷାର ପରିପୂରକ ଭାବେ ଭାବିବା, ଧନ୍ଦାମୂଳକ ବିଦ୍ୟାଳୟଗୁଡ଼ିକ ଧନ୍ଦାମୂଳକ କେନ୍ଦ୍ର ନିକଟରେ ପ୍ରତିଷ୍ଠା କରିବା ଦିଗରେ ଆଲୋକପାତ କରିଥିଲେ। ଜାତୀୟ ଏକୀକରଣ,ବୃହତ୍ତମ ସାଂସ୍କୃତିକ ଏବଂ ଅର୍ଥନୈତିକ ବିକାଶ କରିବା ଲକ୍ଷ୍ୟରେ କୋଠାରି ଆୟୋଗ(୧୯୬୪-୬୬)ର ସୁପାରିଶ କ୍ରମେ ୧୯୬୮ ମସିହାରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାନୀତି ପ୍ରଣୟନ କରିଥିଲେ। ଏହି ନୀତି ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ନିମନ୍ତେ ସୁବିଧା ସୁଯୋଗ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲା। ୧୯୮୬ ମସିହାରେ ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ ସରକାର ଶିକ୍ଷା ଉପରେ ଏକ ନୂତନ ଜାତୀୟ ନୀତି ପ୍ରଣୟନ କରିଥିଲେ। ଛାତ୍ରବୃତ୍ତି,ବୟସ୍କ ଶିକ୍ଷା, ଅନୁସୂଚିତ ଜାତିରୁ ଅଧିକ ଶିକ୍ଷକ ନିଯୁକ୍ତି କରିବା, ନୂତନ ଅନୁଷ୍ଠାନର ବିକାଶ,ଦେଶବ୍ୟାପୀ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ଉନ୍ନତି ପାଇଁ 'ଅପରେସନ ବ୍ଲାକ ବୋର୍ଡ' ଆଦି କ୍ଷେତ୍ରରେ ଅନେକ ନିଷ୍ପତି ନିଆଯାଇଥିଲା। ଏହି ନୀତିରେ ତୃଣମୂଳ ସ୍ତରର, ଅର୍ଥନୈତିକ ତଥା ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ମହାତ୍ମା ଗାନ୍ଧୀଙ୍କ ଶିକ୍ଷା ଦର୍ଶନ ଉପରେ ଆଧାରିତ ଗ୍ରାମୀଣ ବିଶ୍ୱବିଦ୍ୟାଳୟ ଗଠନ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ୧୯୮୬ ଶିକ୍ଷା ନୀତି ଅନୁସାରେ ଧନ୍ଦା ମୂଳକ ଶିକ୍ଷାକୁ ଏକ ପୃଥକ ବିଭାଗ କରାଯିବା ସହ ବିଭିନ୍ନ ପ୍ରକାର କାର୍ଯ୍ୟ ସହ ଜଡ଼ିତ ଥିବା ଏକ ନିର୍ଦ୍ଦିଷ୍ଟ ବୃତ୍ତି ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରସ୍ତୁତ କରିବା ଉପରେ ନିଷ୍ପତି ନିଆଯାଇଥିଲା। ୧୯୯୨ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ୧୯୮୬ ଜାତୀୟ ଶିକ୍ଷା ନୀତିରେ କେତେକ ପରିବର୍ତ୍ତନ କରିଥିଲେ। ବିଶେଷକରି ଦେଶର ବୃତ୍ତିଗତ ଏବଂ ବୈଷୟିକ ଶିକ୍ଷାରେ ଅଧ୍ୟୟନ ନିମନ୍ତେ ସର୍ବଭାରତୀୟ ସାଧାରଣ ପ୍ରବେଶିକା ପରୀକ୍ଷା କରିବାର ନିଷ୍ପତି ନେଇଥିଲେ। ଜାତୀୟ ସ୍ତରରେ ଯେ.ଇ.ଇ ଓ ଏ.ଆଇ.ଇ.ଇ.ଇ ଏବଂ ରାଜ୍ୟସ୍ତରୀୟ ଅନୁଷ୍ଠାନ ଗୁଡ଼ିକ ପାଇଁ ରାଜ୍ୟସ୍ତରୀୟ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା (ଏସ.ଏଲ୍.ଇ.ଇ.ଇ)ର ପ୍ରଚଳନ ହୋଇଥିଲା। ଦେଶର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଦୀର୍ଘ ୩୪ ବର୍ଷ ପରେ ଅର୍ଥାତ୍ ୨୦୨୦ ମସିହା ଜୁଲାଇ ୨୯ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଦ୍ୟମାନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ନୂତନ ଶିକ୍ଷା ନୀତି ପ୍ରଣୟନ କରାଗଲା। ପ୍ରାଥମିକ ସ୍ତରରେ ବାଳିକା ଶିକ୍ଷାପାଇଁ ଜାତୀୟ କାର୍ଯ୍ୟକ୍ରମ, ମାଧ୍ୟମିକ ଶିକ୍ଷାର ବିକାଶ ପାଇଁ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ,୨୦୧୩ ରେ ଆରମ୍ଭ ହୋଇଥିବା ଉଚ୍ଚଶିକ୍ଷାର ବିକାଶ ପାଇଁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ,ସମାନ ଶିକ୍ଷଣ ଫଳାଫଳକୁ ସୁନିଶ୍ଚିତ କରିବା ପାଇଁ ସମଗ୍ର ଶିକ୍ଷା ଅଭିଯାନ, ମାଧ୍ୟମିକ ପର୍ଯ୍ୟାୟରେ ଭିନ୍ନକ୍ଷମଙ୍କ ପାଇଁ ଅନ୍ତର୍ଭୁକ୍ତ ଶିକ୍ଷା, ପ୍ରାଥମିକ ଶିକ୍ଷାକୁ ପୁନଃଜୀବିତ କରିବା ପାଇଁ ତଥା ପ୍ରାଥମିକ ଶିକ୍ଷାର ସର୍ବଭାରତୀୟ କରଣ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକର୍ମ ଭଳି ଲୋକାଭିମୁଖୀ ଯୋଜନାମାନ କରାଯାଇଥିଲା।

୧୯୯୧ ମସିହାରେ ନୂତନ ଅର୍ଥନୈତିକ ପଲିସିର ଜଗତୀକରଣ, ଉଦାରୀକରଣ, ଘରୋଇକରଣର ପ୍ରଭାବରେ ଦେଶର ଅର୍ଥନୀତି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଘଟିଲା। ଫଳରେ ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତାକୁ ଅନୁଭବ କରି ଶିକ୍ଷାନୀତିରେ ଏହାର ବ୍ୟାପକ ପ୍ରଚଳନ ଉପରେ ସରକାର ଦୃଷ୍ଟି ନିକ୍ଷେପ କରିଥିଲେ। ଦକ୍ଷ ଓ କୁଶଳୀ ଜନତା ମାନଙ୍କୁ ନେଇ ଏକ ବିଂଶ ଶତାବ୍ଦୀରେ ଉପନିତା ମନୁଷ୍ୟ ଆଜି ଅଖଣ୍ଡ କ୍ଷମତାର ଅଧିକାରୀ ହୋଇପାରିଛି। ତେଣୁ ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଶିକ୍ଷାର୍ଥୀ ମାନଙ୍କୁ କୁଶଳୀ କରି ଗଢି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା,ଚାକିରୀ ପଛରେ ଦୌଡ଼ିବା ଅପେକ୍ଷା ଚାକିରୀ ସୃଷ୍ଟିକରିବା, ଅନ୍ୟମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରି ବେକାରୀ ଭଳି ସାମାଜିକ ବ୍ୟାଧି କୁ ଦୁରେଇଦେବା ଏହି ପ୍ରେରଣାଦାୟୀ ଶିକ୍ଷାର ମୂଳଲକ୍ଷ୍ୟ। ଯଦିଓ ପୂର୍ବ ପ୍ରଚଳିତ ଶିକ୍ଷାନୀତିରେ ଧନ୍ଦାମୂଳକ ଶିକ୍ଷା ସାମିଲ ଥିଲା କିନ୍ତୁ ଏହାର ପ୍ରଚାର ପ୍ରସାର ସେତେଟା ହୋଇ ପାରିନଥିଲା। ଏକବିଂଶ ଶତାବ୍ଦୀର ପରିସ୍ଥିତି କୁ ଅନୁଧ୍ୟାନ କରି ଏହାର ଗୁରୁତ୍ୱକୁ ଅନୁଭବ କରିଛନ୍ତି ସରକାର। ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ଗୁଣାତ୍ମକ, ସୁଲଭ ଏବଂ ଉତ୍ତର ଦାୟିତ୍ୱ ଉପରେ ପର୍ଯ୍ୟବେସିତ ହୋଇଥିବା ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ରେ ଏହି ଶିକ୍ଷାର କିଭଳି ଲୋକପ୍ରିୟତା ବୃଦ୍ଧି ଘଟିବ, ଛାତ୍ରଛାତ୍ରୀମାନେ କିଭଳି ଏହି ଶିକ୍ଷା ପ୍ରତି ଆକୃଷ୍ଟ ହେବେ ଏବଂ ଏହାର ସମ୍ପୂର୍ଣ୍ଣ ରୂପରେଖ ଉପରେ ଆଲୋକପାତ କରାଯାଇଛି। ପୂର୍ବ ପ୍ରଚଳିତ ନୀତି ଅନୁସାରେ ନବମ, ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଏହି ଶିକ୍ଷା ପ୍ରଚଳନ ହେଉଥିଲା କିନ୍ତୁ ପରିବର୍ତ୍ତିତ ଶିକ୍ଷାନୀତିରେ ଷଷ୍ଠ ଶ୍ରେଣୀ ପାଠ୍ୟ ଖସଡ଼ାରେ ଧନ୍ଦାମୂଳକ ଶିକ୍ଷାକୁ ସାମିଲ କରିବା ପାଇଁ ନିଷ୍ପତି ନିଆଯାଇଛି। ଏଥିନିମନ୍ତେ ଜାତୀୟ ଶୈକ୍ଷିକ ଗବେଷଣା ଓ ଟ୍ରେନିଂ ପରିଷଦ, ସର୍ବ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ମିଳିତ ଭାବେ ଏକ ଫ୍ରେମଓ୍ୱାର୍କ୍ ପ୍ରସ୍ତୁତ କରିବେ। ବିଦ୍ୟାଳୟ ପାଠପଢା ସମାପ୍ତ ପରେ ରୋଜଗାରକ୍ଷମ ଶିକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଉଛି। ସମଗ୍ର ଶିକ୍ଷା ଯୋଜନା ଅଧୀନରେ ମାଧ୍ୟମିକ, ଉଚ୍ଚମାଧ୍ୟମକ ବିଦ୍ୟାଳୟରେ ନବମରୁ ଦ୍ୱାଦଶ ଶ୍ରେଣୀ ଯାଏଁ ଟୁରିଜିମ୍ ଓ ହସ୍ପିଟାଲିଟି, ପ୍ଲମ୍ବିଂ, ଆପାରିଲସ୍, କୃଷି, ପାଓ୍ୱାର, ଇଲେକ୍ଟ୍ରୋନିକ୍ସ, ହାର୍ଡଓ୍ୱେର ଭଳି ବିଭାଗରେ ଶିକ୍ଷା ଯୋଗାଇଦେବାକୁ ସରକାର ନିଷ୍ପତି ନେଇଛନ୍ତି। ବିଶେଷ କରି ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀ ମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ମିଳିତ ପ୍ରୟାସ ଜାରି ରହିଛି। ଜୀବନ ବ୍ୟାପୀ ଶିକ୍ଷା ଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବା, ଭବିଷ୍ୟତ ପାଇଁ ମାନବ ସମ୍ବଳ ପ୍ରସ୍ତୁତ କରିବା ନିମନ୍ତେ ଗତ ମେ ମାସରେ ଭାରତ ଓ ସିଙ୍ଗାପୁର ମଧ୍ୟରେ ଏକ ସହଭାଗିତା କରାଯାଇଛି। ୨୦୨୫ ମସିହା ସୁଦ୍ଧା ଭାରତର ୫୦ ପ୍ରତିଶତ ଯୁବବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷାରେ ଶସକ୍ତ କରିବା, ମାନବ ସମ୍ବଳର ବିକାଶ, ଦକ୍ଷତା ବୃଦ୍ଧି, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ସ୍ତରରେ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ବୃତ୍ତି ତଥା ନିଯୁକ୍ତି କ୍ଷେତ୍ରରେ ସରକାର ବିଚାର ବିମର୍ଶ କରୁଛନ୍ତି।

ପ୍ରଚଳିତ ନୂତନ ଶିକ୍ଷା ନୀତି ୨୦୨୦ର ଧନ୍ଦାମୂଳକ ଶିକ୍ଷା ବାସ୍ତବିକ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ବ୍ୟବହାରିକ ଜ୍ଞାନ କୌଶଳ, ଜ୍ଞାନର ପୂର୍ଣ୍ଣତା, ଦକ୍ଷତା ତଥା ମାନବ ସମ୍ବଳର ବିକାଶ କ୍ଷେତ୍ରରେ ଭାରତର ପଲିସି ଭାରତକୁ ବିଶ୍ୱଗୁରୁ ଆଡ଼କୁ ଆଉ ଏକ ପାଦ ଆଗକୁ ନେଇଛି। ସାମ୍ପ୍ରତିକ ପରିସ୍ଥିତିରେ ଏହା ଲକ୍ଷ୍ୟ କରାଯାଉଛି ଦିନକୁ ଦିନ ଧନ୍ଦାମୂଳକ ଶିକ୍ଷାର ଚାହିଦା ବଢିବାରେ ଲାଗିଛି।

*ଅଧ୍ୟାପକ,ବାଣିଜ୍ୟ ବିଭାଗ,*
*ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ*
*ଦୂରଭାଷ : ୯୪୩୮୦୭୦୮୪୯*

# ଖଲିସ୍ତାନୀଙ୍କ ହାତରେ ଖେଳନା କାନାଡ଼ାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ



**ଡ. ସମନ୍ୱୟ ନନ୍ଦ**

କାନାଡା ସବୁବେଳେ ଭାରତ ବିରୋଧୀ କାର୍ଯ୍ୟକଳାପର ଏକ ବଡ କେନ୍ଦ୍ର ଭାବେ ରହି ଆସିଛି। ବିଶେଷ ଭାବେ ଭାରତକୁ ଖଂଡିତ କରିବାକୁ ସ୍ୱପ୍ନ ଦେଖୁଥିବା ଖଲିସ୍ତାନୀ ଆତଙ୍କବାଦୀ ମାନଙ୍କ ପାଇଁ କାନାଡା ଏକ ପ୍ରକାର ଅଭୟାରଣ୍ୟ। କୁଖ୍ୟାତ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ ଦ୍ୱାରା ପ୍ରେରିତ ଖଲିସ୍ତାନୀ ଶକ୍ତି ମାନେ କାନାଡାରୁ ନିଜର ଭାରତ ବିରୋଧୀ କାର୍ଯ୍ୟକଳାପ ପରିଚାଳନା କରି ଆସିଛନ୍ତି। ଭାରତ ସରକାର ଏ ସମ୍ପର୍କରେ ଆପତି ବ୍ୟକ୍ତ କରିବା ସତ୍ତ୍ୱେ କାନାଡା ସରକାର ଖଲିସ୍ତାନୀ ମାନଙ୍କ ବିରୁଦ୍ଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ ଦୂରର କଥା ସେମାନଙ୍କୁ ଖୋଲାଖୋଲି ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ଏହାର କାରଣ ହେଲା କାନାଡ଼ାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ସରକାର ଖଲିସ୍ତାନୀ ବିଚାରଧାରା ପ୍ରତି ସହାନୁଭୁତି ରଖୁଥିବା ରାଜନୈତିକ ଦଳ ଓ ସାଂସଦ ମାନଙ୍କ ସହଯୋଗରେ ଚାଲିଛି। ତେଣୁ କାନାଡାର ପ୍ରଧାନମନ୍ତ୍ରୀ ଟ୍ରୁଡୋ ନିଜ ସରକାର ବଞ୍ଚାଇବାକୁ ଯାଇ ଖଲିସ୍ତାନୀ ମାନଙ୍କ କଥାରେ ପରିଚାଳିତ ହେଉଥିବା ସ୍ପଷ୍ଟ ଦେଖା ଯାଉଛି।

ବର୍ତମାନ ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରରେ ଭାରତର ଆଭିମୁଖ୍ୟ ଏହି ମାମଲାରେ ଅତ୍ୟନ୍ତ କଠୋର ହୋଇଛି। ପୂର୍ବରୁ ଭାରତ ସରକାରଙ୍କ ଆଭିମୁଖ୍ୟ ସେତେଟା କଠୋର ନ ଥିଲା। ଏବେ ଜି ୨୦ ବୈଠକରେ କାନାଡାର ପ୍ରଧାନମନ୍ତ୍ରୀ ଟ୍ରୁଡୋ ଆସିଥିବା ବେଳେ ତାଙ୍କୁ ଭାରତ ସରକାର ତରଫରୁ ସ୍ପଷ୍ଟ ଭାବେ ଜଣାଇ ଦିଆଯାଇଥିଲା ଯେ କାନାଡାର ମାଟିରୁ ଭାରତ ବିରୋଧୀ କାର୍ଯ୍ୟକଳାପକୁ ସରକାର ବନ୍ଦ କରନ୍ତୁ। ମାନବିକ ଅଧିକାର ନାମରେ ଏହାକୁ ବରଦାସ୍ତ କରାଯାଇ ପାରିବ ନାହିଁ। କାନାଡାରୁ ଖୋଲାଖୋଲି ଭାବେ ଭାରତର କୂଟନୀତିଜ୍ଞ ମାନଙ୍କୁ ହତ୍ୟା କରାଯିବାକୁ ପୋଷ୍ଟର ଜାରୀ କରାଯାଉଛି। ସେଠାରେ ଭାରତ ସମର୍ଥକ ମାନଙ୍କର ଉପରେ ଆକ୍ରମଣ କରାଯାଉଛି। ଏହା ତୁରନ୍ତ ବନ୍ଦ ହେବା ଦରକାର ବୋଲି ଭାରତ ସରକାରଙ୍କ ପକ୍ଷରୁ ଟ୍ରୁଡୋଙ୍କୁ କଡା ବାର୍ତା ଦିଆଯାଇଥିଲା।

ଗୋରା ମାନଙ୍କର ଏକ ସମସ୍ୟା ରହିଛି ଯେ ସେମାନେ ଭାବନ୍ତି କଳା ଦେଶ ମାନଙ୍କୁ ଉପଦେଶ ଦେବାର ଅଧିକାର କେବଳ ତାଙ୍କର ରହିଛି। ସେମାନେ ଅନ୍ୟ ଦେଶ ମାନଙ୍କରେ କିପରି ହେବା ଆବଶ୍ୟକ ସେ ବିଷୟରେ ପ୍ରବଚନ ଦେଇ ପାରିବେ। ତେଣୁ ଭାରତ ସରକାରଙ୍କର କାନାଡାର ପ୍ରଧାନମନ୍ତ୍ରୀ ଟ୍ରୁଡୋଙ୍କୁ ରୋକ ଠୋକ ଭାବେ ଦିଆଯାଇଥିବା ବାର୍ତା ପସନ୍ଦ ଆସି ନ ଥିବା ସ୍ୱାଭବିକ। ଏହା ପରେ ଟ୍ରୁଡୋ ଭାରତରୁ ଫେରିବା ପରେ ଭାରତକୁ କାଠଗଡାରେ ଠିଆ କରାଇବାକୁ ଚେଷ୍ଟା କରିଥିଲେ। ଟ୍ରୁଡୋ କାନାଡା ସଂସଦରେ କହିଥିଲେ ଯେ ହରଦୀପ ସିଂହ ନିଜ୍ଜର ନାମକ ଏକ ବ୍ୟକ୍ତିର ହତ୍ୟା ପଛରେ ଭାରତର ହାତ ରହିଛି। ଏହା ପରେ କାନାଡା ଭାରତର ଜଣେ କୂଟନୀତିଜ୍ଞଙ୍କୁ ଦେଶରୁ ବାହାର କରିବାକୁ କହିଥିଲା।

ଏହି ବ୍ୟକ୍ତି ଜଣେ ସାଧାରଣ ବ୍ୟକ୍ତି ନୁହେଁ। ଏହି ବ୍ୟକ୍ତି ଜଣେ ଖଲିସ୍ତାନୀ ଆତଙ୍କବାଦୀ। ଭାରତର ଏନଆଇଏ ଏହି ବ୍ୟକ୍ତିକୁ ଧରିବାକୁ ଚେଷ୍ଟା କରୁଛି। ଏଭଳି ଜଣେ ବ୍ୟକ୍ତି ଯାହାଙ୍କୁ ଭାରତର ଯାଞ୍ଚ ଏଜେନ୍ସି ମାନେ ଖୋଜୁଥିଲେ, ଯାହା ବିରୁଦ୍ଧରେ ଭାରତରେ ହିଂସାକରିବା ଓ ଭାରତକୁ ଖଂଡ ବିଖଂଡିତ କରିବାର ଚେଷ୍ଟା କରିବାର ଅଭିଯୋଗ ରହିଛି, ସେହି ଭଳି ବ୍ୟକ୍ତିର ସମର୍ଥନରେ କାନାଡାର ପ୍ରଧାନମନ୍ତ୍ରୀ ଟ୍ରୁଡୋ ଖୋଲାଖୋଲି ଭାବେ ବାହାରିବା ସେ କିଭଳି ଭାବେ ନିଜର ସରକାର ବଂଚାଇବାକୁ ଖଲିସ୍ତାନୀ ମାନଙ୍କର ହାତର କ୍ରିଡନକ ସାଜିଛନ୍ତି ତାହା ସ୍ପଷ୍ଟ କରୁଛି।

ତେବେ ଭାରତର କୂଟନୀତିଜ୍ଞଙ୍କୁ ବହିଷ୍କାର କରିବା ପରେ ଭାରତ ଯାହା କଲା ତାହା କାନାଡା କେବେ ଚିନ୍ତା ମଧ୍ୟ କରି ନ ଥିଲା। ପ୍ରଥମେ ଭାରତ ସରକାର ଏକ ବକ୍ତବ୍ୟ ଜାରୀ କରି ଟ୍ରୁଡୋଙ୍କ ବକ୍ତବ୍ୟକୁ ଆବସର୍ଡ ବୋଲି କହିବା ସହ ଏହାକୁ ଖାରଜ କରିଥିଲେ। ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏଭଳି ଭିତିହୀନ ଅଭିଯୋଗ କାନାଡା ସରକାର ପକ୍ଷରୁ ଆତଙ୍କବାଦୀ ମାନଙ୍କ ଉପରେ ଧ୍ୟାନ ହଟାଇବାକୁ କରାଯାଇଛି। ଏଭଳି ଆତଙ୍କବାଦୀ ମାନଙ୍କୁ କାନାଡାରେ ଶରଣ ଦିଆଯାଉଛି। ଏହା ଭାରତର ସଂପ୍ରଭୁତା ଓ କ୍ଷେତ୍ରୀୟ ଅଖଣ୍ଡତା ପାଇଁ ବିପଦ।

ଏହା ପରେ ଭାରତ ମଧ୍ୟ କାନାଡାର ରାଷ୍ଟ୍ରଦୂତଙ୍କୁ ସମନ କରି ବିନା ଚାରି ମିନିଟ ମଧ୍ୟରେ ହାତରେ ପତ୍ର ଧରାଇ କାନାଡାର ଜଣେ କୂଟନୀତିଜ୍ଞଙ୍କୁ ପାଞ୍ଚ ଦିନ ମଧ୍ୟରେ ଭାରତ ଛାଡି ଚାଲିଯିବାକୁ କହିଥିଲା। କାନାଡାର ସରକାର ଓ ରାଷ୍ଟ୍ରଦୂତ ନିଶ୍ଚିତ ଭାବେ ଭାବୁଥିବେ, ଯେ ଭାରତର ଆଭିମୁଖ୍ୟରେ ଏଭଳି ପରିବର୍ତନ କିଭଳି ଆସି ଯାଇଛି। ପୂର୍ବରୁ ଭାରତର ନେତୃତ୍ୱ ଗୋରା ମାନଙ୍କୁ ଦେଖିଲେ ନତ ମସ୍ତକ ହେଉଥିଲା, ହେଲେ ଏବେର ଭାରତ ଗୋରା ଦେଶ ମାନଙ୍କୁ ଯେସାକୁ ତେସା ନୀତି ପ୍ରୟୋଗ କରୁଛି। ଏହା ତାଙ୍କୁ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ କରୁଥିବ, ଏଥିରେ ସନ୍ଦେହ ନାହିଁ।

ଖଲିସ୍ତାନୀ ମାନଙ୍କର ଚାପରେ ଏଭଳି ବିନା କୌଣସି ତଥ୍ୟ ପ୍ରମାଣରେ ଭାରତ ବିରୁଦ୍ଧରେ ଅଭିଯୋଗ ଆଣିବା ପରେ ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ ହେବା ନିଶ୍ଚିତ ଥିଲା। କାନାଡା କେବଳ ସେତିକିରେ ଅଟକି ଯାଇ ନ ଥିଲା। କାନାଡା ସରକାର ଏକ ଆଡଭାଇଜରୀ ଜାରୀ କରି ଭାରତରେ କାନାଡାର ନାଗରିକ ମାନଙ୍କୁ ସାବଧାନତା ଅବଲମ୍ବନ କରିବାକୁ କହିଥିଲେ। ଏପରି କରି କାନାଡା ଏକ ପ୍ରକାର ଭାରତକୁ ଟାର୍ଗେଟ କରିଥିଲା।

ହେଲେ କାନାଡାର ଏଭଳି ଆଡଭାଇଜରୀ ପରେ ଭାରତ କାହିଁକି ଚୁପ ରହନ୍ତା। କାରଣ ବର୍ତ୍ତମାନର ଭାରତ ପୂର୍ବର ଭାରତ ନୁହେଁ। ବର୍ତ୍ତମାନର ଭାରତ ନିଜର ରାଷ୍ଟ୍ରୀୟ ସ୍ୱାର୍ଥ ପାଇଁ କିଛି ବି କରିବାକୁ ପ୍ରସ୍ତୁତ। ଭାରତ ଏହା ପରେ ଅତ୍ୟନ୍ତ କଠୋର ପ୍ରତିକ୍ରିୟା ଦେଇଥିଲା। ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଭାରତର ନାଗରିକ ଓ ଭାରତୀୟ ଛାତ୍ର ମାନଙ୍କ ପାଇଁ ଏକ ଆଡଭାଇଜରୀ ଜାରୀ କରାଯାଇଥିଲା। ଏଥିରେ ଯେଉଁ ଶବ୍ଦ ପ୍ରୟୋଗ କରାଯାଇଥିଲା ତାହା ଅତ୍ୟନ୍ତ କଠୋର ଥିଲା। ଏଥିରେ କୁହା ଯାଇଥିଲା ଯେ କାନାଡାରେ ବଢୁଥିବା ଭାରତ ବିରୋଧୀ କାର୍ଯ୍ୟକଳାପ. ରାଜନୈତିକ ସମର୍ଥନ ପ୍ରାପ୍ତ ଅପରାଧ ତଥା ହିଂସାକୁ ଦେଖି ସେଠାରେ ଉପସ୍ଥିତ ଥିବା ଓ ସେଠାକୁ ଯାତ୍ରା କରିବାକୁ ଚାହୁଁଥିବା ଭାରତୀୟ ନାଗରିକ ମାନଙ୍କୁ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରୀ ଏହି ବକ୍ତବ୍ୟରେ କାନାଡାରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ରାଜନୈତିକ ସମର୍ଥନ ଦିଆଯାଉଥିବା କଥା ଉଲ୍ଲେଖ କରି କାନାଡାକୁ ଟାର୍ଗେଟ କରାଯାଇଛି। ଗୋଟିଏ ପ୍ରକାରରେ ଆତଙ୍କବାଦର ମୂଳ କେନ୍ଦ୍ର ପାକିସ୍ତାନ ପ୍ରତି ଭାରତ ଯେଉଁ ଭଳି ଭାଷାର ବ୍ୟବହାର କରେ ସେହିଭଳି ଭାଷା କାନାଡା ପାଇଁ ପ୍ରୟୋଗ କରାଯାଇଛି।

ଏହି ସମ୍ପୂର୍ଣ୍ଣ ପ୍ରକରଣରୁ ସ୍ପଷ୍ଟ ହେଉଛି ଯେ ଜଷ୍ଟିନ ଟ୍ରୁଡୋ ପୂରାପୁରି ଭାବେ ଖଲିସ୍ତାନୀ ମାନଙ୍କ କଥାରେ ପରିଚାଳିତ ହେଉଛନ୍ତି। ଏହା ତାଙ୍କର ରାଜନୈତିକ ବାଧ୍ୟବାଧକତା ହୋଇଥାଇ ପାରେ। ତାଙ୍କର ସଂଖ୍ୟାଲଘୁ ସରକାରକୁ ଚଳାଇବାକୁ ଖଲିସ୍ତାନୀ ମାନଙ୍କର ସମର୍ଥନ ତାଙ୍କର ଜରୂରୀ। ତେଣୁ ସେ କୌଣସି ସ୍ତର ଯାଏ ଯାଇ ପାରନ୍ତି। ତେବେ କାନାଡାରେ ଜଷ୍ଟିନ ଟ୍ରୁଡୋଙ୍କ ଏଭଳି କାମ ପାଇଁ ତାଙ୍କର ବିରୋଧ ଆରମ୍ଭ ହେଲାଣି।


ଏବେ କାନାଡା ସରକାର ପକ୍ଷରୁ ଭାରତ ବିରୁଦ୍ଧରେ ସାଂକସନ ଲଗାଇବାକୁ ଧମକ ଦିଆଯିବା କଥା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେଲାଣି। କାନାଡାକୁ ବୁଝି ରଖିବା ଉଚିତ ଯେ ଭାରତ ତାର ରାଷ୍ଟ୍ରୀୟ ସ୍ୱାର୍ଥର ସୁରକ୍ଷା ପାଇଁ କିଛି ହେଲେ କରିବାକୁ ପ୍ରସ୍ତୁତ। ଯେତେବେଳେ ବାଜପେୟୀ ପ୍ରଧାନମନ୍ତ୍ରୀ ଥିଲେ ଓ ଭାରତ ପରମାଣୁ ବିସ୍ଫୋରଣ କରିଥିଲା ସେତେବେଳେ ମଧ୍ୟ ବିଭିନ୍ନ ଦେଶ ଭାରତ ଉପରେ କଟକଣା ଲଗାଇଥିଲେ। ହେଲେ ଭାରତ ଏହାର ସଫଳତାର ସହ ମୁକାବିଲା କରିଥିଲା। ସେତେବେଳର ସ୍ଥିତି ମଧ୍ୟ ଭିନ୍ନ ଥିଲା। ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ବର୍ତ୍ତମାନ ଭାରତ ବିରୁଦ୍ଧରେ କଟକଣା ଲଗାଇଲେ ଭାରତର କ୍ଷତି କମ ହେବ ଉକ୍ତ ଦେଶର କ୍ଷତି ଅଧିକ ହେବ।

୨୦୧୪ ମସିହା ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଏକ ଭିନ୍ନ ଭାରତରେ ପରିଣତ ହୋଇ ସାରିଛି। ଏହି ଭାରତ ଗୋରା ମାନଙ୍କୁ ଦେଖି ଦଣ୍ଡବତ ହେଉ ନାହିଁ ବରଂ ସେମାନଙ୍କୁ ଯେସାକୁ ତେସା ନୀତିରେ ଜବାବ ଦେଉଛି। ଭାରତ ବିରୁଦ୍ଧରେ ଷଡଯନ୍ତ୍ର କରୁଥିବା ଶକ୍ତି ମାନଙ୍କୁ ଶରଣ ଦେଇ ଜଷ୍ଟିନ ଟ୍ରୁଡୋ ଯାହା କରୁଛନ୍ତି ତାହାର ମୂଲ୍ୟ ଆଗାମୀ ସମୟରେ କାନାଡାକୁ ନିଶ୍ଚିତ ଭାବେ ଦେବାକୁ ପଡିବ ଏଥିରେ କାହାକୁ ସନ୍ଦେହ ରହିବା ଉଚିତ ନୁହେଁ।

## ଧାରାବାହିକ ଉପନ୍ୟାସ

# ଅନ୍ଧ ଦୃଶ୍ୟ






**କ୍ଷୀରୋଦ ଦାସ**

ଭାଗ-୧୪

(ପୂର୍ବପ୍ରକାଶ ଉତ୍ତାରୁ)

ଯେମିତି କିଛି ବି ଗୁରୁତର କାମ କରିନାହିଁ, କିଛି ବି ହୋଇନାହିଁ, ସେହିପରି ନିଲଜ ଭାବରେ ସୋଫାରେ ବସି ଗୋଡ ହଲେଇ ମୋବାଇଲ୍ ଘାଣ୍ଟୁଥିଲା ସଂଜୟ।

: କି ଅଦ୍ଭୁତ ମଣିଷ ତୁମେ! କ'ଣ ସେ କରିଛି ନ କହି ଯାଉ୍ତୁ ସ୍ୟାଉ୍ତୁ ଗପୁଛ କାହିଁକି? ତମେ ଯେମିତି ପ୍ରତିକ୍ରିୟାଶୀଳ ହେଉଛ, ସତେ କି ସେ କାହାକୁ ଖୁନ୍ କରିପକାଇଛି! -କହିଲେ ରାଜଲକ୍ଷ୍ମୀ।

: ଯେଉଁ ମାନସିକ ସ୍ଥିତିରେ ପହଞ୍ଚିଲାଣି ତୁମ ଗୁଣମଣି ପୁଅ, ସେଭଳି ଦିନ ଆସିବାକୁ ଆଉ ବେଶି ବିଳମ୍ବ ନାହିଁ। ସହପାଠୀ ପୁଅ ଓ ଝିଅମାନେ ଯେ ଭାଇ ଭଉଣୀ ଭଳି, ସେକଥା ତା ମଗଜରେ ପଶିଲେ ସିନା! ସେପରି ସଂସ୍କାର ସେ ପାଇଥିଲେ ସିନା!- ବିରକ୍ତିର ସହ କହିଲେ ଶୁଭକାନ୍ତ।

ଶୁଭକାନ୍ତ ବିରକ୍ତ ହୋଇ ଉଠି ଯାଉଥିବା ବେଳେ ଅନୁଚ୍ଚ କଣ୍ଠରେ ସଂଜୟ କହିଲେ- "ସବୁ ସହପାଠିନୀମାନେ ଯଦି ଭଉଣୀ ହେବେ, ପ୍ରେମିକା ଓ ପତ୍ନୀ ହେବେ ଆଉ କିଏ?

କେଡ଼େ ଉଦ୍‌ଭ୍ରାନ୍ତ, ଅଭଦ୍ର ଓ ଲଜ୍ଜାହୀନ ହୋଇପାରେ ଜଣେ ପୁଅ, ଯିଏ ବାପ ମୁହଁରେ କହିପାରେ ଏପରି ଅପମାନଜନକ କଥା!

ମୁହଁ ଜଳିଗଲା ଶୁଭକାନ୍ତଙ୍କର। ରାଜଲକ୍ଷ୍ମୀଙ୍କ ଆଡକୁ ଚାହିଁ ସେ କହିଲେ- "ଆଉ ନୁହେଁ, ଯାର ଦୌରାତ୍ମ୍ୟକୁ ସହ୍ୟ କରିବା ଆଉ ସମ୍ଭବ ନୁହେଁ ମୋ ପକ୍ଷରେ। ଯା ପାଇଁ ମୁଁ ଯାଇ କେଉଁଠି ହାତଗୋଡ ଯୋଡି ଠିଆ ହୋଇପାରିବିନି। କାହାକୁ ଆଉ ଭୁଲ୍ ମାଗି ପାରିବିନି। ଏଣିକି ସେ ଯାହା କେଉଁଠି କରୁଛି କରୁ। ତା କଥା ସେ ବୁଝିବ। ନଚେତ୍ ତୁମେ ବୁଝିବ। ମୋଠାରୁ ଆଉ କୌଣସି ସାହାଯ୍ୟ ଆଶା କରିବ ନାହିଁ ତୁମେ..."

: ଦରକାର ନାହିଁ ତୁମ ସାହାଯ୍ୟ ସହଯୋଗ। ମୋ କଥା ମୁଁ ନିଜେ ବୁଝିପାରିବି। ଯଦି ନ ପାରିବି, ତେବେ ବୁଝିବାକୁ ମା' ଅଛି। କିଏ ପଚାରେ ତୁମକୁ?

ଶୁଭକାନ୍ତଙ୍କ ମୁହଁ ଉପରକୁ ଏଇ କଥା କେଇପଦ ଫୋପାଡି ଦେଇ ସଂଜୟ ଝଡ ବେଗରେ ବାହାରିଗଲା ବାହାରକୁ।

: ପିଲାଟା ନ ଖାଇ ନ ପିଇ ରାଗି ପଳେଇଲା! ଏତେ ତୁମ ମନ ଶାନ୍ତି ତ!

ଶୁଭକାନ୍ତ ଚାହିଁଲେ ପତ୍ନୀଙ୍କୁ। ପିଲାଟା କି କାମ କଲା, କଣ କଣ ଏଠି କହିଗଲା, ସେକଥା କଣ ତୁମ କାନରେ ପଶିଲା ନାହିଁ? କି କୁକର୍ମ ସେ କରିଛି, କରୁଛି ତାହା କ'ଣ ତୁମ ଆଖିକୁ ଦେଖାଯାଉନାହିଁ? ବଢ଼ିଲା ପୁଅ ବାପ ମୁହଁ ଉପରକୁ ଯେଉଁ ଅଭଦ୍ର କଥା ଫୋପାଡିଲା, ତାହା କଣ ତୁମେ ଶୁଣିପାରିଲ ନାହିଁ? ବାପର ଆତ୍ମା କି ତହଳବିକଳ ହେଉଛି, ସେକଥା ତୁମକୁ ଦେଖାଗଲା ନାହିଁ, ପୁଅ ଓଳିଏ ଖାଇଲା ନାହିଁ, ସେଇଟା ତୁମ ପାଇଁ ବଡ଼ ହୋଇଗଲା।"

କହି ନ ଥିଲେ କିଛି ଶୁଭକାନ୍ତ। ମୁଣ୍ଡ ଝୁଙ୍କାଇ ପଶିଯାଇଥିଲେ ନିଜ ବଖରା ଭିତରକୁ। ସେ ଜାଣିସାରିଥିଲେ ମା ଓ ପୁଅ, ଦୁହେଁ ତାଙ୍କଠାରୁ ଅନେକ ଦୂରକୁ ଚାଲିଯାଇଛନ୍ତି। ଏତେ ଦୂରକୁ ଯେ, ଯେତେ ଚେଷ୍ଟା କଲେ ମଧ୍ୟ ସେମାନେ ଆଉ ଫେରିପାରିବେ ନାହିଁ ତାଙ୍କ ପାଖକୁ।

ଯା ପରଠାରୁ ସଂଜୟ ସହିତ ତାଙ୍କର କଥାବାର୍ତ୍ତା ପ୍ରାୟ ବନ୍ଦ ହୋଇଯାଇଥିଲା। ସେ ଯେ ସମାଜର ଜଣେ ପ୍ରତିଭାସମ୍ପନ୍ନ ଡାକ୍ତର, ନା ଡାକ୍ତର କଥା ଛାଡନ୍ତୁ, ସେ ଯେ ତା'ର ବାପା, ଏକଥାକୁ ମଧ୍ୟ ସ୍ୱୀକାର କରିବାକୁ ଆଦୌ ପ୍ରସ୍ତୁତ ନଥିଲା ସଂଜୟ।

ଶୁଭକାନ୍ତ ନିଜକୁ ନିଜେ ବିଶ୍ଳେଷଣ କରୁଥିଲେ।

କେତେ କେତେ ସାହସିକ ପଦକ୍ଷେପ ସେ ନେଇଛନ୍ତି ଜୀବନରେ। କେତେ କେତେ ଗୁରୁତର ରୋଗୀମାନଙ୍କର ଅପରେସନ କରିଛନ୍ତି! ସରକାରୀ ଚାକିରିରେ ଥିବା ବେଳେ ଏବଂ ନିଜ କ୍ଲିନିକ୍‌ରେ ମଧ୍ୟ କେତେ ଜରୁରୀ ଓ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରିଛନ୍ତି। ଲୋକମାନେ ତାଙ୍କୁ କେତେ ଶ୍ରଦ୍ଧା ଓ ସମ୍ମାନ କରନ୍ତି, କେତେ ବିଶ୍ୱାସ କରନ୍ତି। ଅଥଚ ନିଜ ଘରେ, ନିଜ ସ୍ତ୍ରୀ ଓ ପିଲା ପାଖରେ ସେ ଏତେ ଅସହାୟ କାହିଁକି? ଜଣେ ନପୁଂସକ ପରି ଏତେ ସଂକୁଚିତ କାହିଁକି?



ରାଜଲକ୍ଷ୍ମୀ ମା'। ସେ ପୁଅ ପ୍ରେମରେ ଅନ୍ଧ ହୋଇଗଲେ ସିନା! ହେଲେ ସେ ନିଜେ କାଇଁକି କଠୋର ନ ହେଲେ? ଏବେ ନୁହେଁ, ଆରମ୍ଭରୁ। ସଂଜୁ ଜନ୍ମ ହେବା ପର ମୁହୂର୍ତ୍ତରୁ? କେଉଁ ଅଦୃଶ୍ୟ ଶକ୍ତି ତାଙ୍କୁ ଅଟକାଇଲା? ନା ନିଜ ଡାକ୍ତରୀ କାର୍ଯ୍ୟ ପାଇଁ ସେ ଏତେ ବ୍ୟସ୍ତ ରହିଲେ ଯେ ଦରକାର ମୁତାବକ ସମୟ ଦେଇପାରିଲେ ନାହିଁ ପରିବାରକୁ!

ସଂଜୟକୁ ଯେ ସେ ଆକଟ କରିନାହାନ୍ତି, ସେକଥା ନୁହେଁ। କିନ୍ତୁ ତାଙ୍କ ଆକଟ ଓ ଅନୁଶାସନ ବାଲିବନ୍ଧ ପରି ଧୋଇଯାଇଛି ରାଜଲକ୍ଷ୍ମୀଙ୍କ ପୁତ୍ର ମୋହର ନଇବଢ଼ି ସାମ୍ନାରେ।

ପିଲାର ମନ୍ଦ କାର୍ଯ୍ୟକୁ ଯିଏ ସମର୍ଥନ କରେ, ପିଲା ତା ଆଡକୁ ବେଶି ଆକର୍ଷିତ ହୁଏ। ଯିଏ ବାରଣ କରେ, ପିଲା ତାକୁ ତାର ଶତ୍ରୁ ଭାବି ତା' ପାଖରୁ ଦୂରେଇ ଯାଏ।

ଅବିକଳ ତାହା ହିଁ ଘଟିଛି ସଂଜୟ ଜୀବନରେ। ନା, କେବଳ ସଂଜୟ ଜୀବନରେ ନୁହେଁ, ତାଙ୍କ ପରିବାର ସମସ୍ତଙ୍କ ଜୀବନରେ।

ବାବୁ! - ଡାକିଲା ପ୍ରଦୀପ୍ତ- "ଘଡିଏ ହେଲା ବସିଛନ୍ତି ଗାଡି ଭିତରେ! ହସ୍ପିଟାଲରେ କିଛି କାମ ଥିଲା କି? ଚାଲନ୍ତୁ ଯିବା ଭିତରକୁ। ଡେରି ହୋଇଯାଇଛି। କାମ ସାରି ଶୀଘ୍ର ଫେରିଲେ ଘରକୁ ଯିବା!

ଚିନ୍ତା ରାଜ୍ୟରୁ ଫେରି ଆସିଲେ ଶୁଭକାନ୍ତ। ପ୍ରଦୀପ୍ତକୁ ଚାହିଁ ପଚାରିଲେ- "କଣ କହିଲୁ?"

: ଯଦି ହସ୍ପିଟାଲରେ କିଛି କାମ ଥାଏ, ମୁଁ ଯିବି ସାଥୀରେ। କାମ ସାରି ଶୀଘ୍ର ଫେରିବା।

: ତୁ କାହିଁକି ଯିବୁ? ବସିଥା ଗାଡି ଭିତରେ। ନଇଲେ ଯା, ସେପଟ ଓମ୍‌ଫେଡ୍ ଦୋକାନରେ ଚା' ପିଇକି ଆସ୍। ମୁଁ ଭିତରକୁ ଯାଇ ସାଙ୍ଗେ ସାଙ୍ଗେ ଫେରୁଛି।

ମୁଁ ସାଙ୍ଗରେ ଗଲେ ଅସୁବିଧା କଣ? ଆପଣ ଏକା...

ଶୁଭକାନ୍ତ କଠୋର ମୁହଁକୁ ଚାହିଁଦେଇ ଆଉ ଅଧିକ କିଛି କହିବାକୁ ସାହସ କଲା ନାହିଁ ପ୍ରଦୀପ୍ତ। କହିଲା- "ହଉ ଆପଣ ଯାଇକି ଫେରନ୍ତୁ। ଡେରି କରିବେନି।"


ଗାଡିରୁ ଓହ୍ଲାଇ ବାହାରେ ଠିଆହେଲେ ଶୁଭକାନ୍ତ। ଗାଡି ଭିତରେ ଥିବା ବୋତଲରୁ ପାଣି ଦି' ଢ଼ୋକ ପିଇଲେ। ଗୋଟେ ଲମ୍ବା ପ୍ରଶ୍ୱାସ ନେଲେ ଏବଂ କୁଆଡକୁ ନ ଚାହିଁ ପଶିଲେ ହସ୍‌ପିଟାଲ ଭିତରେ।

ଚଉଦ ନମ୍ବର ବଖରା।

ବଖରା ବାହାରେ ପ୍ରହରା ଦେଉଥିଲେ ଦୁଇଜଣ କନେଷ୍ଟବଳ। ଆଗପଛ ହୋଇ ସେ ଆଉ ସମୟ ନଷ୍ଟ କରିବାକୁ ନ ଦେଇ ଇନିସ୍‌ପେକ୍ଟର ଦେଇଥିବା ଚିଠିଟାକୁ ବଢ଼ାଇଦେଲେ ଜଣେ କନେଷ୍ଟବଳ ହାତକୁ।

କନେଷ୍ଟବଳ ଚିଠିଟା ପଢ଼ିଲା ଏବଂ ତାଙ୍କ ମୁହଁକୁ ଗଭୀର ଭାବରେ ଚାହିଁ କହିଲା : ଯାଆନ୍ତୁ ଭିତରକୁ ଆପଣ। ଶୀଘ୍ର ଫେରି ଆସିବେ। ଏସ୍.,ପି. ସା'ବ ଆଉ କିଛି ସମୟ ପରେ ଆସି ପହଞ୍ଚି ପାରନ୍ତି। ଶୀଘ୍ର ଯାଇ ଫେରନ୍ତୁ...

*(କ୍ରମଶଃ)*




# 'ସେ ଲୋକ କଥା' : ଏକ ଶାଶ୍ୱତ ଅନୁଭବର ଅଭିବ୍ୟକ୍ତି

**ଇପ୍‌ସିତା ଷଡଙ୍ଗୀ**

'ସେ ଲୋକ କଥା' ନନା କବି ବଂଶୀଧର ଷଡଙ୍ଗୀଙ୍କ ଦଶମ କବିତା ସଂକଳନ। ଏଥିରେ ପଚିଶ ଗୋଟି କବିତା ସନ୍ନିବେଶିତ ଏବଂ ସେଗୁଡିକ ଅକ୍ଷର କ୍ରମରେ ସଜାଯାଇଛି। ପ୍ରଥମ କବିତା 'ଅଜ୍ଞାତ ବାସ' ଏବଂ ଶେଷ କବିତା 'ହଂସର ଘର', ଯେଉଁଠି ପ୍ରାଚ୍ୟ କାବ୍ୟ-ଦର୍ଶନ, ରହସ୍ୟବାଦ ତଥା ଅଦୃଶ୍ୟ ପରମ ପରୁଷ ଏବଂ ସର୍ବବିଦ୍ୟମାନ ଲୀଳାମୟ ଭଗବାନଙ୍କ ଅଦ୍ଭୁତ ଲୀଳା ସଂଯୋଜିତ। କେବେ କବିର ଶବ୍ଦ, ଆବେଗ, କଳାଶକ୍ତିକୁ ଅପେକ୍ଷା ଆଳରେ; କେବେ ଏ ଦୃଶ୍ୟ ଜଗତ ଯାହା ଏହି ପରମ ପୁରୁଷଙ୍କ କଳ୍ପନାର ଛାୟା, ସେ ଜଗତର ଅଳୀକତା ଭିତରେ ଅଦ୍ଭୁତ ଅନନ୍ୟତାର ପରିଚୟ ଦେଉଥାଏ ଏହି କବିତା ସମୂହ। ଯେମିତି ଶୀର୍ଷକ କବିତା 'ସେ ଲୋକକଥା'। କବିତାର ଆରମ୍ଭ- 'କବିତା ଖାତା', 'କବିତା ଲେଖିପାରିବାର ସମୟ', 'ସରିଆସୁଥିବା ପ୍ରେରଣା' ଓ 'ସରିଆସୁଥିବା ଆୟୁଷ' ଯେବେ କବିକୁ କିଛି କ୍ଷଣ ଅଟକି ଯାଇ ଭାବିବାକୁ ବାଧ୍ୟ କରେ। ନନା ଲେଖନ୍ତି- 'ଖାତାର ପୃଷ୍ଠା ଓଲଟେଇ ପଛକୁ ଗଲେ / କବିତାର କିଛି ଧାଡି ଓ ଆଗକୁ ଓଲଟେଇଲା ବେଳକୁ / କିଛି ଲେଖା ହେଇ ନଥିବା ଖାଲି ପୃଷ୍ଠା / ଧୀରେ ଧୀରେ ବେଳ ସରି ସରି ଆସୁଚି / ସେଇ ଖାଲି ପୃଷ୍ଠାସବୁ / ପୁରଣ ହେଇ ପାରିବ ତ।' (ସେ ଲୋକକଥା)

ଏ ଯେଉଁ ଶୂନ୍ୟପଣକୁ, ଯେଉଁ ଅଭାବବୋଧକୁ ନେଇ କବିଟିଏ ଖାଲି ପୃଷ୍ଠା ପାଖରେ ଅଟକିଯାଏ, ପୁଣି କେବେ କବିତାର କିଛି ଧାଡି ପାଖରେ ଅଟକିଯାଏ, ସେଠି, ଏକ ଆଶଙ୍କାରେ କବିଟିଏ ଥାଏ। ଆୟୁଷ ହେଉ ଅବା ହେଉ ପ୍ରେରଣା, ହାତ ପାଆନ୍ତାରୁ ଖସି ଖସି ଯାଏ। ସବୁ କବି ଏଠି ଅସହାୟ। ସେଠି ନନା ସୁନ୍ଦର କାହାଣୀଟିଏ ତୋଳି ଧରନ୍ତି। କୋଉ 'ଲୋକକଥା'ରେ ଏ କାହାଣୀର ଅବତାରଣା ନାହିଁ ସତ। ନନା ତାଙ୍କ ରଚନାରେ ଏକ ନୂତନ 'ଲୋକକଥା' ତୋଳି ଧରିଛନ୍ତି ଯେଉଁଥିରେ ସେ ଏଯାଏ ଶୂନ୍ୟପଣରେ ଘାରି ହେଉଥିବା କବିଟିର ଦୃଷ୍ଟି ସମ୍ମୁଖରେ ଜଣେ 'ଲୋକ' ନଜରରେ ପଡିଛନ୍ତି, ଯିଏ ଯନ୍ତ୍ରଣା, ଦୁର୍ବିପାକ ଇତ୍ୟାଦିରେ ବୀତସ୍ପୃହ ହୋଇ ଭିଟାମାଟି ଛାଡିବା ବେଳେ ହିଁ, ଚଢ଼େଇଟି ତାଙ୍କୁ ଯେମିତି ଜୀବନ ମନସ୍କ ହେବା ପାଇଁ ଡାକି ଆଣୁଥିଲା। କବିତାଟି ସରଳ ଓ ସାବଲୀଳ। ମାତ୍ର ଏଥି ଭିତରେ ଯେଉଁ ଗହନ ତତ୍ତ୍ୱଟି ଉକୁଟି ଉଠିଛି, ତାହା ଅଭୂତପୂର୍ବ। ଚଢ଼େଇଟି ବି ମଣିଷକୁ ଜୀବନ ବଞ୍ଚିବାର ବାଟ ବତେଇଦିଏ। ନନାଙ୍କ ଭାଷାରେ 'ଭେଟ ହେବା ପରେ / ଚଢ଼େଇଟି ତାଙ୍କ ପେଡି ପେଟରା ଉପରେ / ବସି ପଡୁଥାଏ / ଏବଂ ପୁଣି ଉଡିଆସି / ତାଙ୍କ ଆଗେ ଆଗେ ତା' ଭାଷାରେ / ଯେମିତି କହୁଥାଏ / ମୋ' ସାଙ୍ଗେ ଆସ ଏକାଠି ରହିବା ...

ଜୀବନର ଆହ୍ୱାନଠାରୁ ମୁକ୍ତି ନାହିଁ। ସଂଯୋଜକ ହେବାର ଭୂମିକାରେ ଚଢ଼େଇଟି ଶିଖେଇ ଦିଏ ଜୀବନ ସହ ସଂଯୋଜିତ ହୋଇ ରହିବାର ନାନାଦି ବାଟ, ଯେଉଁଥିରେ ଏକ ନୈସର୍ଗିକ ଆନନ୍ଦ ପାଇ ପାରୁଥାଏ କବିଟିଏ, ମଣିଷଟିଏ।

ସେଇମିତି ଏକ ଚମତ୍କାର କବିତା 'ସଂଯୋଜକ...'

ବ୍ୟାକରଣ ଅନୁଯାୟୀ 'ସଂଯୋଜକ' ଶବ୍ଦଟିର ଅର୍ଥ ଏକ ଶବ୍ଦ, ଯାହା ଦୁଇଟି ଶବ୍ଦ ବା ବାକ୍ୟକୁ ଯୋଗ କରୁଥାଏ ସବୁବେଳେ। କବିତାରେ ବ୍ୟବହାର କଲାବେଳକୁ ଏହି ସଂଯୋଜଗକାରୀ ଶବ୍ଦଟି କେବଳ ଏକ ଶବ୍ଦ ଭାବରେ ଉପସ୍ଥିତ ହୋଇ ରହିନାହିଁ। ସେ ସର୍ବଶକ୍ତିମାନ, ସର୍ବ ବିଦ୍ୟମାନ, ଅନ୍ତର୍ଯ୍ୟାମୀ ଭଗବାନଙ୍କ ଭାବମୟ, ଲୀଳାମୟ ସଂଯୋଜନାକୁ ବ୍ୟଂଜିତ କରାଉଛି ଏହି କବିତାରେ। ଏହା 'ଘର' ସହ 'ବାହାର'ର ('ଘର'କୁ ଇହଲୋକ ବା ପାର୍ଥିବ ଜଗତ ଏବଂ 'ବାହାର'କୁ ଅନ୍ୟଲୋକ ବା ଅପାର୍ଥିବ ଜଗତ ଭାବରେ ଗ୍ରହଣ କରାଯାଉ) ଏକ ଅନନ୍ୟ ସଂଯୋଜକ। କାଟାଲିଷ୍ଟଟେ ପରି ସବୁ ଘଟଣ, ଅଘଟଣର କାରକ, ମାତ୍ର ଏହାର ବିଘଟନ ନାହିଁ। ନନାଙ୍କ ଶବ୍ଦରେ- 'ରାତି ଅଧରେ ଗାଢ଼ ନିଦରେ ବୁଲୁଥାଏ, ଜଙ୍ଗଲ ସାରା / ଘରକୁ ଫେରିବାକୁ ଯେତେ ଚାହୁଁଥାଏ / ପ୍ରତିଥର ଯେମିତି ଫେରୁଥାଏ ଦୁଆର ମୁହଁରୁ XXX / କିଏ ସେ ସଂଯୋଜକ / ମୁଁ କିଏ / ସେ କ'ଣ ପ୍ରତିଥର / ଦୁଆର ମୁହଁରୁ ନ ଫେରେଇ / ଘର ଭିତରକୁ ନବାର ପ୍ରତିଶ୍ରୁତି ଦେଇ ପାରିବ' (ସଂଯୋଜକ)

'ସଯୋଜକ' ଅନ୍ୟ ଅର୍ଥରେ ସର୍ବମୟଶକ୍ତି, ବିଶ୍ୱନିୟନ୍ତାଙ୍କ ଉପଲବ୍ଧି, ତାଙ୍କ ଶାଶ୍ୱତ ଅନୁଭବର ଅଭିବ୍ୟକ୍ତି ଏହି ସଂକଳନସ୍ଥ ଅନେକ କବିତାର ପ୍ରେରଣା ଯେମିତି। ସାଧାରଣ ଜୀବନଚର୍ଯ୍ୟା କଥା କହୁକହୁ ନନା କେବେ ଯେ ଏକ ଅସାଧାରଣ କଳ୍ପନାର ବସାଣ କରିସାରିଥା'ନ୍ତି। ସହଜରେ ପ୍ରତେ ହୁଏନା। ଯେମିତି : 'ଗଛରେ ପତ୍ର ହଲୁଚି / ପତ୍ର ହଲୁଚି କି ପନବ ହଲୁଚି / ଏ ଗୂଢ଼ତତ୍ତ୍ୱ କଥା କିଏ ବା କହି ପାରିବ / ସେଇ ଜଣକ ଛଡା' (ଅସ୍ୱୀକାର)।

ବର୍ତ୍ତମାନ ସମୟରେ ଓଡ଼ିଆ କବିତା ହେଉ ଅବା ବିଶ୍ୱକବିତାୟନ, କୌଣସି ନିର୍ଦ୍ଦିଷ୍ଟ ଭାବବୋଧ ବା ଦୃଷ୍ଟିଭଙ୍ଗୀର କବିତା ମିଳେ ନାହିଁ। ଏହା ଡେରିଡାଙ୍କ ବହୁ କେନ୍ଦ୍ର ବିଶିଷ୍ଟ ବୃତ୍ତପରି। ନିତ୍ୟନୂତନ ଦୃଷ୍ଟିଭଙ୍ଗୀ, ଭାବବୋଧ, ଆଦର୍ଶ ତଥା ସାହିତ୍ୟିକ ମୂଲ୍ୟବୋଧକୁ ନେଇ କବିତା ଏବେ ବହୁମୁଖୀ ଓ ସମୃଦ୍ଧ। ଅନେକ ବ୍ୟକ୍ତିଗତ ଯନ୍ତ୍ରଣା, ଅତ୍ୟାଚାର କେବେକେବେ ସାମୂହିକ ଦୃଷ୍ଟିକୋଣରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟୁଛି ତ କେବେକେବେ ବକ୍ତିଗତ ଜୀବନାଚାର କବିତାର ପୃଷ୍ଠଭୂମି ହୋଇଯାଇଛି। ଏ ପରିସ୍ଥିତିରେ ନନାଙ୍କ କବିତାରେ ବିଶ୍ୱ ଦୃଷ୍ଟିଭଙ୍ଗୀ, ବ୍ୟକ୍ତିଗତ ଜୀବନଚାର ଏବଂ ନିଜ ଭାଷା ସାହିତ୍ୟରେ ସନ୍ନିବେଶିତ କାବ୍ୟ-ପରମ୍ପରାର ପୁନଃ ନିର୍ମାଣ ଦେଖିବାକୁ ମିଳେ ଯାହା କବିତାକୁ ସାର୍ବଜନୀନ ଅନୁଭବ ପ୍ରଦାନ କରିବା ସଙ୍ଗେ ସଙ୍ଗେ, ଏକ କଳାତ୍ମକ ଆନନ୍ଦ ଦେବାରେ ସମର୍ଥ ହୋଇଥାଏ।

ଓଡ଼ିଆ କାବ୍ୟ ପରମ୍ପରାରେ 'ଚଉତିଶା' ଏକ ସର୍ବଜନଆଦୃତ ଶୈଳୀ। 'ମନବୋଧ ଚଉତିଶା' ନିଜ ଛନ୍ଦ, ଲୟ ଏବଂ ଭାବାବେଗ ପାଇଁ କାବ୍ୟାମୋଦୀ ପ୍ରତ୍ୟେକ ଓଡ଼ିଆଙ୍କ ମୁହଁରେ ପ୍ରଚଳିତ। ଏଥିରେ ଜୀବନଦର୍ଶନ ଖୁବ୍ ସରଳ ଶବ୍ଦରେ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ଏହାର ସାବଲୀଳତା ମଧ୍ୟ ପାଠକ ମନ ମଧ୍ୟରେ ଏକ ଅଦ୍ଭୁତ କାବ୍ୟ ଆନନ୍ଦ ସୃଷ୍ଟି କରେ। 'ଚଉତିଶା' ଶୈଳୀରେ ଲିଖିତ ନନାଙ୍କ କବିତା 'ଇନ୍ଦ୍ରଜାଲ' ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଏକ ନୂଆ ପରୀକ୍ଷା। ଏଥିରେ ଜୀବନ ଦର୍ଶନ ଅଛି, ଅଛି ଭାବ ଏବଂ ଶବ୍ଦ ନିଃସରଣର ସାବଲୀଳତା।

ଏହି କବିତାର ଉଦାହରଣ :

୧. ଧର୍ମକୁ ଜଗି ରହିଥିବ ଯେବେ
ଧନ୍ଦି ହେବାକୁ ପଡିବନି କେବେ
ଧରାକୁ କେବେ ସରା ନ ମଣିବ
ଧ୍ୱନି ଅନାହତ ଲଏ ରଖିଥିବ (ଇନ୍ଦ୍ରଜାଲ)

୨. ବୟସ ହେଲାଣି ଅଧିକ ଏବେ
ବେଳ ବୁଡେ ବୁଢ଼ା କରିବ କିସ
ବିବେକୀ ସିନା କିଛି ହିଁ କରିବ
ବେଳ ଥାଉଥାଉ ବାଟ ବାନ୍ଧିବ (ଇନ୍ଦ୍ରଜାଲ)

୩. ହଂସ ବସିଛି ଓଲଟ ବୃକ୍ଷ ଉପରେ
ହ୍ରଦ ମଝିରେ ବୁଲୁଛି ଆରକେ
ହେଳା କଲେ ସତେ ବୁଡିବ ଭେଳା
ହାଟ ଭାଙ୍ଗିଯିବ ସରିବ ଖେଳା (ଇନ୍ଦ୍ରଜାଲ)

୪. କ୍ଷୀଣ ହେବାରେ ଲାଗିଛି କାଳ
କ୍ଷୀରରେ ନ ମିଶା ଆଉ ତୁ କ୍ଷାର
କ୍ଷେତ୍ରରେ ଏବେଠୁ ରଖିଥା ଲୟ
କ୍ଷତି ହେବା ପୂର୍ବୁ କରିଥା ତୁ ଏକା ନାମକୁ ଥୟ (ଇନ୍ଦ୍ରଜାଲ)

ଏହି ସଂକଳନସ୍ଥ ଅନେକ କବିତାରେ ଆପ୍ତବାକ୍ୟ ପ୍ରାୟ ପଂକ୍ତି ଅଛି, ଯାହା ଅନେକ କଳାତ୍ମକ ଆବେଦନ ବହନ କରେ। ଏହାର ଆବେଦନ ଖୁବ୍ ମାର୍ମିକ ଏବଂ ଚିରଦିନ ପାଇଁ ହୃଦୟକୁ ଆପ୍ଲୁତ କରି ରଖିପାରେ।

ଉଦାହରଣ ସ୍ୱରୂପ :

୧. କିଛି ଜାଣିବା ହିଁ ଦୁଃଖର କାରଣ / କିଛି ନ ଜାଣିବା ସବୁଠୁ ଭଲ (ଅଜ୍ଞାତବାସ)

୨. ଗଛରୁ ଝଡିପଡେ ପାଚିଲା ପତ୍ର / ସେ ପତ୍ରର କ'ଣ ହୁଏ / ଗଛର ମନେ ରଖିବା ଜରୁରୀ ନୁହେଁ (ଅତିକ୍ରମଣ)

୩. ଶବ୍ଦମାନଙ୍କ ଉର୍ଦ୍ଧ୍ୱରେ / ରହସ୍ୟ ଥାଏ / ଯାହା କେବଳ ଅନୁଭବ / କରାଯାଇପାରେ (ଅପେକ୍ଷା)

୪. ସଚରାଚର ଶେଷ କଥା କିଛି ଥାଏ ବୋଲି / କହିବା ସମ୍ଭବ ନୁହେଁ (କଣ ବା ଅଛି)

୫. ଏଇ ଚିହ୍ନା ଅଚିହ୍ନା ଭିତରେ ବୋଧହୁଏ / ଗୋଟେ ଅଦୃଶ୍ୟ ସରଳରେଖା ଅଛି (ଫେରାଇ ଆଣିବା)

ଏ ସମଗ୍ର ସଂକଳନରେ ଦୁଇଟି ମୁଖ୍ୟ ବିଷୟବସ୍ତୁ ଏପଟ ସେପଟ ହୋଇ ବିଚରଣ କରୁଥିବା ଲକ୍ଷ୍ୟ କରାଯାଇପାରେ। ଗୋଟିଏ 'ଅପେକ୍ଷା' ଅନ୍ୟଟି 'କବି'। ଅନେକ କବିତା, କବି-କର୍ମ, କବିର ସଂଘର୍ଷ, ସାଧନା ଓ ଶକ୍ତି ବିଷୟରେ ତ, ଅନେକ କବିତାରେ 'ଅପେକ୍ଷା'- ଏ ଅପେକ୍ଷା ଯେମିତି କବିଟିଏର। କେବେ ଶବ୍ଦଙ୍କୁ, କେବେ କିଛି ଆବେଗାପ୍ଳୁତ ମୁହୂର୍ତ୍ତକୁ...।

ଏଇ ଯେମିତି -

୧. (କ) କବି କବିତା ଶବ୍ଦ ଅର୍ଥ / ଏମାନେ ସମସ୍ତେ / ଲୁଚକାଳି ଖେଳରେ ବେଶ୍ ପାରଙ୍ଗମ / କିଏ କେତେବେଳେ କାହା ଭିତରେ / ଲୀନ ହେଇଯାଏ/ କେହି ହେଲେ ବି ଜାଣି ପାରେନା (ଜାଣି ପାରେନା)

(ଖ) କବିତା ଭୂତ ଭବିଷ୍ୟ ବର୍ତ୍ତମାନ / ତିନିକାଳର ଉର୍ଦ୍ଧ୍ୱରେ / ଏବଂ ସେ ମଧ୍ୟ ଲମ୍ବ ପ୍ରସ୍ଥ ଉଚ୍ଚତାରୁ / ଉର୍ଦ୍ଧ୍ୱ ଅନ୍ୟ ଏକ ସମତଳରେ (କବିତା ଲେଖା)

(ଗ) ପ୍ରତି କବିଙ୍କର ଗୋଟେ ଗୋଟେ / ସ୍ୱତନ୍ତ୍ର ଦୁନିଆ ଥାଏ / କାହାର ଆକାଶରେ ଜହ୍ନ ତାରା ତ ଆଉ କାହାର ବାୟା ଚଢ଼େଇର ବସା (ଆମେ ଆମ ବାଟରେ)

(ଘ) କବି ମାତ୍ରେ ଇ ଅନ୍ଧ / ସେ ଭୀମ ଭୋଇ ହୁଅନ୍ତୁ କି ସୁର ଦାସ ... / ଦୁଇଟି ଆଖି ବ୍ୟତୀତ / ନ ଦେଖାଯାଉଥିବା ଆଉ ଗୋଟେ ଆଖି ଥାଏ / ସେଥିରେ ସେମାନେ ଆଗକୁ ଦେଖି ପାରନ୍ତି (ଆଉ କିଛି)

୨. (କ) ତୁମେ ନ ଆସ / ମୁଁ ତ ସବୁବେଳେ ତୁମ ପାଖେ ପାଖେ ଅଛି / ତୁମେ ମଧ୍ୟ ମୋ' ପାଖେ ଆଉ / ଅଧିକ କ'ଣ ଲୋଡା ଯେ / ତୁମକୁ ଅପେକ୍ଷା କରିବି / ଏଇ କଥା ଭାବିଲା ବେଳକୁ ଅପେକ୍ଷା ଆପେ ଆପେ ଉଭେଇ ଯାଉଚି (ଅପେକ୍ଷା)

(ଖ) ନଈ ପାର ହେବାକୁ ହେଲେ / ବୁଝା ନାଉରିଆର ସହାୟତାକୁ / ଅପେକ୍ଷା କରିବାକୁ ପଡିବ (ନିରାପଦ ରହିବାକୁ ହେଲେ)

ସର୍ବୋପରି, ନନାଙ୍କ କବିତା, ଛୋଟଛୋଟ ଘଟଣାର ଅବତାରଣା ଭିତରେ ଜୀବନର ବୃହତ୍ତର ଅର୍ଥ ଅନ୍ୱେଷଣର ଏକ ମହାନ ପରମ୍ପରାକୁ ଉଜ୍ଜୀବିତ କରାଉଥାଏ। ସ୍ଥାନ, କାଳ, ପାତ୍ର ନିର୍ବିଶେଷରେ ତାଙ୍କ କବିତା ଜୀବନ ଜିଜ୍ଞାସାର କଥା ବ୍ୟଞ୍ଜିତ କରୁଥାଏ। କବିତାର ସାବଲୀଳତା କେବେ କେବେ ମନ୍ତ୍ର ମୁଗ୍ଧ କରେ। ଯେମିତି- ୧) କାନ୍ଥର ଫାଙ୍କରେ ତୁମେ ଗଛ ରୋପିପାର / ଅସମ୍ଭବ ଘଟେ ଯେବେ ତୁମେ ମନେପଡ / କବିସୂର୍ଯ୍ୟ ରଥେ ବୋଧେ / ସାପ ବୋଲି ଠିକ୍ କହିଥିଲେ / ଯେହେତୁ କେବଳ ତୁମେ / ଆଖିରେ ହିଁ ସବୁ ଶୁଣିପାର (ଦେହାନ୍ତର)

୨) ପର୍ବତ ଗର୍ଭରୁ ବାହାରି ଆସିଥିବା ଝରଣାର କୁଳୁକୁଳୁ ଶବ୍ଦ ପର୍ବତ ଶୀର୍ଷରେ ନୀରବତାର ରାଜତ୍ୱ / ମଣିଷ କେବେ ଏମାନଙ୍କୁ ଚିହ୍ନିଲା କେଜାଣି / ସେଇ ସବୁ ମୁହୂର୍ତ୍ତମାନେ ହିଁ ମୂଲ୍ୟବାନ (ନୀରବତାର ଶବ୍ଦ)

ସଂକଳନଟିର ପାଠକୀୟ ଆଦୃତି ଆଶା କରୁଛି।

*ଏ-୩୦୩, ପଣ୍ଡା ରେସିଡେନ୍‌ସି, ସତ୍ୟଭାମାପୁର, ଭୁବନେଶ୍ୱର*

## ନୈବେଦ୍ୟ କବିତା



### ମୋ ପାଇଁ ବଂଶୀଟିଏ



**ଆଶିଷ କୁମାର ମିଶ୍ର**

ମୋ ପାଇଁ ବଂଶୀଟିଏ
ତିଆରି ଦେଉଛି ଜଣେ

ମତେ କହୁଛି
ବଂଶୀଗଢା ପୂର୍ବରୁ
ଭଲପାଇ ନେ

ଭଲପାଇ ନେ
ବାଉଁଶକୁ, ଅରଣ୍ୟକୁ
ଭଲପାଇ ନେ
ସ୍ୱରକୁ, ପବନକୁ

ଗହନ ନୀରବତା ଓ
ଲୁହକୁ ଭଲପାଇ ନେ

ଭଲପାଇବା ନଥିଲେ
ବଂଶୀ ବାଜେନା
ପାଦ ଅସ୍ଥିର ହୁଏନା


ଭଲ ପାଇବା ନଥିଲେ
ମିଛ ଲାଗେ ଆତୁରତା,
ପ୍ରାର୍ଥନା ଓ ବଂଚିବା ବେଳ

ବଂଶୀ ସିନା ଓଠକୁ ଭଲପାଏ
ପାଦକୁ ଭଲପାଏ ବଂଶୀସ୍ୱର

ମୋ ପାଇଁ ବଂଶୀଟିଏ
ତିଆରି ଦେଉଛି ଜଣେ
ମତେ କହୁଛି
ବଂଶୀକୁ ସ୍ୱର ମାନେ ବିରହର!

*ସୋନପୁର*

### କହି ପାରେନି ବୋଲି



**ବର୍ଷାରାଣୀ ମହାମଲ୍ଲିକ**

କହି ପାରେନି ବୋଲି,
ଖୁବ୍ ନୀରବ ଆଜି ମୁଁ
ଯଦି ପାରିଥାନ୍ତି ବୋଧେ ମୁଁ ଖୁବ୍ କହୁଥାନ୍ତି
ସଭାପତି ଭାଷଣ ଦେଲା ଭଳି।

ଆଜି ଅଯଥା ମୁଁ ଶୁଣୁ ନ ଥାନ୍ତି
ଯଦି କହିପାରୁଥାନ୍ତି,
ବାସ୍ ବନ୍ଦ କର ମୋ କାନକୁ କଷ୍ଟ ହେଉଛି
ବେକାର ଶବ୍ଦ ପ୍ରଦୂଷଣ ହେଉଛି
ଚୁପ୍ ରହେ, କାଳେ ସମ୍ପର୍କ ମରିଯିବ.....

ଅପମାନିତ ହେଉନଥାନ୍ତି
କୁଣିଆ ଆଗରେ, ମାଷ୍ଟ୍ରେଙ୍କ ଆଗରେ
କହିପାରେନି ବୋଲି,
ମୁଣ୍ଡ ନୂଆଏ କ୍ଲାସ୍ ଭିତରେ,

କହିପାରେନି ବୋଲି ମୁଁ କାନ୍ଦେ
ଅନ୍ଧାରୁଆ ରୁମ୍ ଭିତରେ ବାଥରୁମର ସ୍ୱାଅର୍ ତଳେ,
ଅନ୍ୟ ଉପରେ ନୁହଁ ନିଜ ଉପରେ ଦାଉ ସାଧେ
ମନକୁ ଗାଳି ଦେଇ ଦେଇ କହେ
ବେଳେବେଳେ ମୁହଁରେ ଜବାବ୍ ଦେବା ଶିଖ୍।

ମୁଁ ସୁନ୍ଦର ନୁହଁ
ତଥାପି ମୋ ପ୍ରତି କମେଣ୍ଟର ବର୍ଷା କମ୍ ନ ଥାଏ
କେବେ କ୍ଲାସ ଯାଉ ଯାଉ
କେବେ ବସରେ କେବେ ମନ୍ଦିରରେ
କେବେ କେବେ ତ ଘରୁ
ବାହାରୁ ବାହାରୁ ଶୁଣିବାକୁ ମିଳେ,
ସିଟି ସାଙ୍ଗକୁ ଅଶ୍ଲୀଳ ଅଶ୍ରାବ୍ୟ ଭାଷା
ଠାଏଁ କିନା ମୁଁ ବି ବଜାଇ ଦେଇ ପାରନ୍ତି

ଲୋୟର ମିଡ଼ିଲ୍ କ୍ଲାସ ଝିଅ
କାଳେ କିଛି ଅଘଟଣ ଘଟିଯିବ,
ଚୁପ୍ ରୁହେ...
କହିପାରେନି ବୋଲି
ଶୁଣି ନ ଶୁଣିଲା ଭଳି ହେବାକୁ ପଡ଼େ।

ବାପା ମୋର ସାମାନ୍ୟ ବ୍ଲକଗ୍ରାଣ୍ଟ ଶିକ୍ଷକ
ଚାଉଳ ଠୁଁ ଲୁଣ ସବୁ କିଣା ପଡ଼େ
କାରଣ ଜମି ନାହିଁ ଆମର,
ବହି କଥା ଦୂରେ ଥାଉ ଖାତା କିଣିବାକୁ ଡର
ଖୋଲି କହିପାରେନା ବାପା ଅଭାବ ହଉଛି ମୋହର
ଯଦି କୁହନ୍ତି ହୁଏତ ବାପା ରକ୍ତ ବିକିଦିଅନ୍ତେ,
ବାରମ୍ବାର ମିଛ କହେ ମୋର କିଛି ଅସୁବିଧା ନାହିଁ ବାପା
କହିପାରେନା ବୋଲି କିଏ କିଏ କୁହନ୍ତି
ଆରେ ଡ୍ରେସ୍ ଟା ତୁମର ସାଇଟ୍‌ରେ ଚିରିଯାଇଛି ଯେ।

କହିପାରେନି ବୋଲି ଅନେକଙ୍କ ଆଖିରେ ନିର୍ଲଜ ମୁଁ
ଅବାନ୍ତର ପ୍ରଶ୍ନର ଉତ୍ତର ଦେବାକୁ ମତେ ବିରକ୍ତ ଲାଗେ
ହେଲେ ପାରେନି ବୋଲି ବାଧ୍ୟ ହୁଏ
କାଳେ କିଏ ଖରାପ ବୁଝିବ,
କହିପାରେନି ବୋଲି କୁଆଡେ ମୋର ଭାଉ ରହେନି....
ପାରେନି ବୋଲି ଶୁଣେ ଯାହା।

କହି ପାରେନି ବୋଲି ଲେଖିଦିଏ ସବୁ
ମରମ ତଳର ଦରଦ କଥା,
ଯଦିଓ ଲେଖି ଜାଣେନି ତାହା ଜାଣେ,
ବାସ୍ ଲେଖେ ଖାସ୍ କହିପାରେନି ବୋଲି।

*ବରଗଡ଼*
*ଦୂରଭାଷ : ୮୨୬୦୬୫୯୩୩୨*

### ସୁନା ଋଣ ପ୍ରଦାନ ସଂସ୍ଥା ନାମରେ ସାଇବର ଠକେଇ ଉଦ୍ୟମ

# ଉପସ୍ଥିତ ବୁଦ୍ଧି ଯୋଗୁ ବର୍ତ୍ତିଲେ ମହିଳା

**ଅସ୍ତରଙ୍ଗ:** ବର୍ତ୍ତମାନ ରାଜ୍ୟରେ ସାଇବର କ୍ରାଇମ୍ ରୋକିବା ପାଇଁ ସରକାରଙ୍କ ତରଫରୁ ଯେତେ ବ୍ୟବସ୍ଥା କରାଯାଉଛି କିନ୍ତୁ ସାଇବର କ୍ରାଇମ୍ ସେହି ହିସାବରେ ବଢ଼ିବାରେ ଲାଗୁଛି। ଏଭଳି ଏକ ଘଟଣା ଘଟିଛି ଅସ୍ତରଙ୍ଗ ବ୍ଲକ ରଘୁନାଥପୁର ଗ୍ରାମରେ। ଫେକ୍ କଲ ଆସି ସ୍ନେହଲତା ମହାନ୍ତି ନାମକ ଜଣେ ମହିଳାଙ୍କୁ ମଗାଯାଇଥିଲା ପଇସା। କିନ୍ତୁ ମହିଳାଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଠକାମୀର ଶିକାର ହେଉ ହେଉ ବର୍ତ୍ତୀ ଗଲେ। ସୂଚନା ମୁତାବକ ଅସ୍ତରଙ୍ଗ କାକଟପୁର ଅଞ୍ଚଳର ଏକମାତ୍ର ମୁଟହୁଟ ସୁନା ଋଣ ପ୍ରଦାନ କାରି କାର୍ଯ୍ୟାଳୟରେ ଅନେକ ସ୍ଥାନୀୟ ଲୋକ ନିଜ ନିଜର ସୁନା ବନ୍ଧକ ଥୋଇ ଲକ୍ଷାଧିକ ଟଙ୍କାର ଋଣ ଆଣିଛନ୍ତି। ଠିକ ସେହିପରି ସ୍ନେହଲତା ମହାନ୍ତି ନାମକ ମହିଳା ନିଜ ପରିବାରର ଏକ କାର୍ଯ୍ୟ ପାଇଁ ଗତବର୍ଷ ୧ ଲକ୍ଷ ଟଙ୍କାର ଋଣ ଆଣିଥିଲେ। ଋଣ ବାବଦକୁ ମାସକୁ ମାସ ୮ ଶହ ୨୦ ଟଙ୍କା ସୁଧ ଦେଉଛନ୍ତି। କିନ୍ତୁ ହଠାତ ତାଙ୍କ ନମ୍ବରକୁ (୭୨୦୫୬୨୩୯୪୭) ନମ୍ବରରୁ ଏକ କଲ୍ ଆସିଥିଲା। ଏହି କଲ୍ କରିଥିବା ବ୍ୟକ୍ତି ନିଜକୁ ମୁଟହୁଟ ଋଣ କାର୍ଯ୍ୟାଳୟର କର୍ମଚାରୀର ପରିଚୟ ଦେଇଥିଲେ। କହିଥିଲେ ଆପଣଙ୍କର ନିର୍ଦ୍ଦିଷ୍ଟ ସମୟ ଭିତରେ ଋଣର ସୁଧ ପୈଠ କରୁଥିବାରୁ ଆପଣଙ୍କୁ ମୁଟହୁଟ ତରଫରୁ ପଚିଶହଜାର ଟଙ୍କା ଛାଡ଼ କରାଗଲା। ସେଥିପାଇଁ ଆପଣଙ୍କଙ୍କର ଏକ ବୀମା ପ୍ରସ୍ତୁତି ହେବ ଏ ବାବଦରେ ୧୫ଶହ ଟଙ୍କା ଦେବାକୁ ପଡିବ। ମୁଁ ବ୍ୟାଙ୍କରେ ଅପେକ୍ଷା କରିଛି, ଆଉ ଆପଣ ବ୍ୟାଙ୍କ ଆସିବାକୁ ପଡ଼ିବନି ଗୋଟେ ଫୋନ ପେ ନମ୍ବର ଆପଣଙ୍କ ପାଖକୁ ଯାଉଛି ଆପଣ ସେଥିରେ ପଠେଇ ଦେବେ କହି (୮୨୫୮୪୨୭୫୬୦)ଏହି ନମ୍ବରରୁ କଲ କରିଥିଲେ। କିନ୍ତୁ ସ୍ନେହଲତା ମହାନ୍ତି ତାଙ୍କୁ କହିଲେ ମୋ ପାଖରେ ୫ଶହ ଟଙ୍କା ଅଛି, ତେଣୁକରି ଉକ୍ତ ବ୍ୟକ୍ତି ତାଙ୍କୁ କହିଥିଲେ ହଉ ୫ଶହ ଟଙ୍କା ପଠାନ୍ତୁ ମୁଁ ଆପଣଙ୍କ ପାଇଁ ଏକାହଜାର ଟଙ୍କା ଦେଇଦେଉଛି। ଏହି କଥା ଶୁଣିବା ପରେ ମହିଳା ଜଣକ ଅସ୍ତରଙ୍ଗରୁ କାକଟପୁର ଯାଇ ମୁଟହୁଟ ବ୍ୟାଙ୍କ ସହିତ ଯୋଗାଯୋଗ କରିଥିଲେ ଆଉ ସେଠୁ ସୂଚନା ପାଇଥିଲେ ଯେ ଏହା ଏକ ଫେକ୍ କଲ। ବ୍ୟାଙ୍କ ତରଫରୁ କେହି ଆପଣଙ୍କୁ ଫୋନ କରିନାହାନ୍ତି। ମହିଳା ଜଣକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ମହିଳା ଠକାମୀରୁ ବଞ୍ଚିଥିଲେ। ଏଠି ମହିଳା ଜଣକ ଅଭିଯୋଗ ଆଣିଛନ୍ତି ଯେ ମୋର ଉକ୍ତ ବ୍ୟାଙ୍କରେ ଲକ୍ଷେ ଟଙ୍କାର ଋଣ ଅଛି ଆଉ ସଠିକ ସମୟରେ ସୁଧ ଦିଆଯାଉଛି ଏହା କିପରି ସେହି ବ୍ୟକ୍ତି ଜାଣିଲେ। ଏଥିରେ ନିଶ୍ଚିନ୍ତ ରୂପେ ବ୍ୟାଙ୍କର କିଛି ହାତ ରହିଥାଇପାରେ। ତେଣୁକରି ସରକାର ଏ ବାବଦରେ ତୁରନ୍ତ ଏକ ତଦନ୍ତ କରି ଏହି ଘଟଣା ପଛରେ କାହାର ଭୂମିକା ରହୁଛି ତାହାର ପର୍ଦାଫାଶ କରନ୍ତୁ।

## ୮୦୦ ମେଗାୱାଟ ପାଇଁ ଗ୍ରିଡକୋ ଲିମିଟେଡ ସହ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ଚୁକ୍ତି ସ୍ୱାକ୍ଷର

**ନୂଆଦିଲ୍ଲୀ, (ପିଆଇବି):** କୋଇଲା ମନ୍ତ୍ରଣାଳୟ ଅଧୀନରେ ଥିବା ଏନଏଲସି ଇଣ୍ଡିଆ ଲିମିଟେଡ (ଏନଏଲସିଆଇଏଲ) ଏବଂ ଗ୍ରିଡକୋ ଲିମିଟେଡ ଓଡ଼ିଶାରେ ପ୍ରସ୍ତାବିତ ନେଭେଲି ତଳାବିରା ସୁପର କ୍ରିଟିକାଲ ଥର୍ମାଲ ପାୱାର ଷ୍ଟେସନ (ଏନଟିପିପି)ର ଷ୍ଟେଜ - ୧ରେ ୪୦୦ ମେଗାୱାଟ ଏବଂ ଷ୍ଟେଜ - ୨ରେ ୪୦୦ ମେଗାୱାଟ ପାଇଁ ଭୁବନେଶ୍ୱର ଗ୍ରୀଡକୋ ଲିମିଟେଡ ଠାରେ ଏକ ବିଦ୍ୟୁତ୍ କ୍ରୟ ଚୁକ୍ତି (ପିପିଏ) ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣା ସହିତ ଏନ୍‌ଏଲ୍‌ସିଆଇଏଲ୍ ନେଭେଲି ତଳାବିରା ସୁପର କ୍ରିଟିକାଲ ଥର୍ମାଲ ପାୱାର ଷ୍ଟେସନ ଷ୍ଟେଜ -୧ ର ୨୪୦୦ ମେଗାୱାଟର ସମ୍ପୂର୍ଣ୍ଣ କ୍ଷମତାକୁ ଅନୁବନ୍ଧିତ କରିଛି। ଏନଏଲସି ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଏମ୍ ପ୍ରସନ୍ନ କୁମାର ମୋଟୁପଲ୍ଲୀ ଏବଂ ଗ୍ରୀଡକୋ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ଏବଂ ଗ୍ରୀଡକୋ ଲିମିଟେଡର ନିର୍ଦ୍ଦେଶକ (ଏଫ୍ ଆଣ୍ଡ ସିଏ) ଗଗନ ବିହାରୀ ସ୍ୱାଇଁଙ୍କ ଉପସ୍ଥିତିରେ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ / ଏମ୍ ଭେଙ୍କଟଚାଲମ୍ ଏବଂ ଉମାକାନ୍ତ ସାହୁ, ଗ୍ରୀଡକୋ ଲିମିଟେଡର ନିର୍ଦ୍ଦେଶକ (ଟି ଆଣ୍ଡ ବିଡି) ବିଦ୍ୟୁତ କ୍ରୟ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏନଏଲସିଆଇଏଲ ଅତୀତରେ ତାମିଲନାଡୁ, କେରଳ ଏବଂ ପଣ୍ଡିଚେରୀ ସହିତ ନେଭେଲି ତଳାବିରା ସୁପର କ୍ରିଟିକାଲ ଥର୍ମାଲ ପାୱାର ଷ୍ଟେସନ ଷ୍ଟେଜ - ୧ରୁ ଯଥାକ୍ରମେ ୧୫୦୦ ମେଗାୱାଟ, ୪୦୦ ମେଗାୱାଟ ଏବଂ ୧୦୦ ମେଗାୱାଟ ବିଦ୍ୟୁତ ଯୋଗାଣ ପାଇଁ ଅନୁରୂପ ଚୁକ୍ତି ସ୍ୱାକ୍ଷର କରିସାରିଛି ଏବଂ ଏନଟିପିପିର ୧ X ୮୦୦ ମେଗାୱାଟର ଦ୍ୱିତୀୟ ପର୍ଯ୍ୟାୟରେ ୪୦୦ ମେଗାୱାଟ ପାଇଁ ବର୍ତ୍ତମାନ ଗ୍ରୀଡକୋ ଓଡ଼ିଶା ସହିତ ଚୁକ୍ତି ହୋଇଛି।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

#### ମହିଳା ସଂରକ୍ଷଣ ...

ମହିଳା ସଂରକ୍ଷଣ ମିଳିବ। ୧୫ ବର୍ଷ ଯାଏଁ ଏହି ନିୟମ ଲାଗୁ ରହିବ । ଅନ୍ୟପଟେ ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହୋଇଥିଲେ ମଧ୍ୟ ୨୦୨୪ ନିର୍ବାଚନରେ ଲାଗୁ ହୋଇପାରିବନାହିଁ। ୨୦୨୯ ନିର୍ବାଚନ ବେଳକୁ ହିଁ ମହିଳା ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇପାରେ। ବିଲ୍ ଆଇନରେ ପରିଣତ ହେଲେ ମଧ୍ୟ ସଂରକ୍ଷଣ ବ୍ୟବସ୍ଥା କେବଳ ପ୍ରଥମ ସୀମା ପୁନଃ ନିର୍ଦ୍ଧାରଣ କିମ୍ବା ନିର୍ବାଚନ ମଣ୍ଡଳୀ ପୁର୍ନଗଠିତ ହେବା ପରେ ଲାଗୁ ହେବ। ପରବର୍ତ୍ତୀ ଜନଗଣନା ପରେ ହିଁ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ହେବ।୨୦୨୭ରେ ପୁଣି ଦେଶରେ ଜନଗଣନା କରାଯିବ। ୨୦୨୧ରେ ଜନଗଣନା ହେବାର ଥିଲା। କିନ୍ତୁ କରୋନା ଯୋଗୁ ଏହା ହୋଇପାରିନାହିଁ। ଏଣୁ ୨୦୨୭ରେ ପୁଣି ଥରେ ଜନଗଣନା ହେବା ପରେ ହିଁ ୨୦୨୯ ନିର୍ବାଚନ ବେଳକୁ ମହିଳା ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇପାରିବ।

#### ଗଠନ ହେବ ...

ରତ୍ନଭଣ୍ଡାର ଅସୁରକ୍ଷିତ, ଚାବି ହି ଖୋଲିବା ନେଇ କାହିଁକି ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ ସରକାର। କେବଳ ରତ୍ନଭଣ୍ଡାର ନୁହେଁ ହ୍ୟୁମନ୍ତିଦ୍ୱାରଙ୍କୁ ନେଇ ନୀତି ବିଭ୍ରାଟ, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ରହିଆସିଛି ଓଡ଼ିଶା ସରକାରଙ୍କ ଭୂମିକା। ବାରମ୍ବାର ସାମ୍ନାକୁ ଆସିଛି ସରକାରଙ୍କ ପରିଚାଳନାଗତ ତ୍ରୁଟି ଓ ଖାମଖିଆଲ ମନୋଭାବ। ୨୦୧୫ ନବକଳେବର ସମୟରେ ବ୍ରହ୍ମ ପରିବର୍ତ୍ତନ ସମୟରେ ହେଲା ଘୋର ବିଭ୍ରାଟ। ସାମ୍ନାକୁ ଆସିଲା ରାଜ୍ୟ ସରକାରଙ୍କ ଚରମ ଅବହେଳା ଓ ଅପାରଗତା। ସେହିପରି କୋରୋନା ସମୟରେ ବାହାନା କରି ରଥଯାତ୍ରା ବନ୍ଦ କରିବାକୁ ଚାହୁଁଥିଲେ ରାଜ୍ୟ ସରକାର। କିନ୍ତୁ କୋର୍ଟଙ୍କ ନିର୍ଦ୍ଦେଶ ପରେ ସୁରୁଖୁରୁରେ ରଥଯାତ୍ରା ହେଲା। ଅନ୍ୟପଟେ ଶ୍ରୀମନ୍ଦିର ଖୋଲା ପ୍ରସଙ୍ଗରେ ମଧ୍ୟ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବ ବୁଝିପାରିନାହାନ୍ତି ସରକାର। ଏବେ କେବଳ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି ଭକ୍ତ। ଚାରିଦ୍ୱାର ଖୋଲିବା ପାଇଁ ବିଭିନ୍ନ ମହଲରୁ ଦାବି ସତ୍ତ୍ୱେ ନିଜ ଜିଦରେ ଅଟଳ ରହିଛନ୍ତି ସରକାର। ସେହିପରି ଶ୍ରୀମନ୍ଦିରରେ ନୀତି ବିଭ୍ରାଟ ପାଲଟି ଯାଇଛି ସରକାରୀ ନୀତି। ନିୟମିତ ହେଉନାହିଁ ବନକ ଲାଗି। ପ୍ରାୟ ୪ ମାସ ବନ୍ଦ ରହିବା ପରେ ନିଷ୍ପତ୍ତି ହୋଇଥିଲା ମାସକୁ ଦୁଇ ଥର ବନକ ଲାଗି କରାଯିବ। କିନ୍ତୁ ଏବେ ପୁଣି ମାସକ ହେଲା ଏହି ନୀତି ବନ୍ଦ ରହିଛି। ଅନ୍ୟପଟେ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ତ ସବୁ ସୀମା ଟପିଛି ସରକାରଙ୍କ ହେଳେଙ୍ଗାରୀ। ବର୍ଷ ପରେ ବର୍ଷ ବିଭିନ୍ନ ଆଳ ଦେଖାଇ ରତ୍ନଭଣ୍ଡାର ଖୋଲିବାକୁ ଏଡ଼ାଇ ଆସୁଛନ୍ତି। ସନାତନ ଧର୍ମ ଓ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ସନ୍ଦେହ ଘେରରେ ସରକାରଙ୍କ ଭୂମିକା। ୨୦୧୮ ମସିହାରେ ମଧ୍ୟ ରତ୍ନଭଣ୍ଡାର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ବାଧ୍ୟ ହୋଇ ନଇଁଥିଲେ ସରକାର। ୧୬ ଜଣିଆ କମିଟି ରତ୍ନଭଣ୍ଡାର ଯାଞ୍ଚ ପାଇଁ ଯାଇଥିଲେ ବି ଭିତର ରତ୍ନଭଣ୍ଡାର ଦେଖିପାରିନଥିଲେ। ସେତେବେଳେ ଚାବି ହଜିଯିବା ବାହାନା କରିଥିଲେ ସରକାର। ସେବେ ବାହାର ରତ୍ନଭଣ୍ଡାରକୁ ଅନୁଧ୍ୟାନ କରି ସେତେବେଳେ କମିଟି ରିପୋର୍ଟ ଦେଇଥିଲା। ରତ୍ନଭଣ୍ଡାର କାନ୍ଥ, ଛାତ ସବୁ କିଛି ବିପଦଜନକ ଅବସ୍ଥାରେ। ତୁରନ୍ତ ମରାମତି ଆବଶ୍ୟକ। କିନ୍ତୁ ୨୦୧୮ରୁ ନେଇ ୨୦୨୩ ଯାଏଁ କାହିଁକି ଚୁପ୍ ବସିଛନ୍ତି ରାଜ୍ୟ ସରକାର ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

#### କିସମ ପରିବର୍ତ୍ତନ ...

ଏକର ପିଛା ୭୫ ହଜାର ଦେବାକୁ ପଡୁଥିବା ବେଳେ ଉନ୍ନୟନ ଯୋଜନା (ଡେଭଲପମେଣ୍ଟ ପ୍ଲାନ) ଅନ୍ତର୍ଗତ ଅଞ୍ଚଳଗୁଡ଼ିକରେ ଏଥିପାଇଁ ଏକର ପିଛା ୩୦ ହଜାର ଟଙ୍କା ନିଆଯାଉଛି। ଏହାବ୍ୟତୀତ ଯେଉଁ ଅଞ୍ଚଳଗୁଡ଼ିକ ଉପରୋକ୍ତ କ୍ଷେତ୍ର ପରିସର ବାହାରେ ଆସିଛି, ସେହି ଜମି ପାଇଁ ବଜାର ମୂଲ୍ୟର ୫ ପ୍ରତିଶତ ପ୍ରିମିୟମ ବାବଦକୁ ଧାର୍ଯ୍ୟ କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ ଆକାଉଣ୍ଟ ଜେନେରାଲଙ୍କ ଅନୁଯାୟୀ ଅର୍ଦ୍ଧସହରୀ ଗ୍ରାମାଞ୍ଚଳର ଲୋକମାନେ କୃଷି ଜମିକୁ ଅଣ କୃଷି ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ସହରାଞ୍ଚଳର ଲୋକଙ୍କ ତୁଳନାରେ ଅଧିକ ପ୍ରିମିୟମ ଦେଉଛନ୍ତି। ସେହିପରି ୨୦୦୬ ମସିହାରେ ଧାର୍ଯ୍ୟ ଡେଭଲପମେଣ୍ଟ ପ୍ଲାନ ଅନ୍ତର୍ଗତ ଅଞ୍ଚଳ ପାଇଁ ନିର୍ଦ୍ଧାରିତ ହୋଇଥିବା ଏକର ପିଛା ୩୦ ହଜାର ଟଙ୍କା ବର୍ତ୍ତମାନ ପ୍ରରିପେକ୍ଷୀରେ ଗ୍ରାମାଞ୍ଚଳ ପାଇଁ ନିର୍ଦ୍ଧାରିତ ହୋଇଥିବା ପ୍ରିମିୟମଠାରୁ ମଧ୍ୟ କମ୍ ଅଟେ। ତେଣୁ ସମାନତା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଓଡ଼ିଶା ଭୂ-ସଂସ୍କାର ଆଇନ, ୧୯୬୦ର ଧାରା ୮-ଏ ର ଉପଧାରା ୨କୁ ସଂଶୋଧନର ଆବଶ୍ୟକତା ରହିଥିବା ମନ୍ତ୍ରୀ କହିଥିଲେ। ଏଣିକି କୃଷି ଜମିର ଅଣ କୃଷି ବ୍ୟବହାର ପାଇଁ ଏକର ପିଛା ଜମିର ବଜାରମୂଲ୍ୟର ୧ ପ୍ରତିଶତ ପ୍ରିମିୟମ ବାବଦରେ ଆଦାୟ କରାଯିବ। ଅନ୍ୟପକ୍ଷରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା (ଓଡ଼ିଶା ସଂଶୋଧନ) ବିଧେୟକ, ୨୦୨୩ ପାରିତ ହୋଇଛି।

#### ମହିଳା ବାଚସ୍ପତିଙ୍କୁ ...

ପବିତ୍ର ଗୃହରେ ବାଚସ୍ପତି ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ଏବଂ ତାଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟଚାଲିଥାଏ। ମୁଖ୍ୟମନ୍ତ୍ରୀ ମହିଳା ମାନଙ୍କୁ ଆଗକୁ ଆଣିବା ପାଇଁ ଲଢେଇ କରି ସଫଳ ହେବା ପରେ ରାଜ୍ୟର ଯେତେ ମହିଳା ମା' ମାନେ ଅଛନ୍ତି ସମସ୍ତେ କୃତଜ୍ଞନା ଜନାଇଛନ୍ତି ମୁଖ୍ୟମନ୍ତ୍ରୀଙ୍କୁ। ହେଲେ ବିଜେପି ବିଧାୟକଙ୍କ ଏହା କି ପ୍ରକାର ମାମାନଙ୍କୁ ସମ୍ମାନ, ଏହାକୁ ଘୋର ନିନ୍ଦା କରାଯାଉଛି। ଅନ୍ୟପଟେ ବରିଷ୍ଠ ନେତା ଦେବୀ ପ୍ରଶାଦ ମିଶ୍ର ଏହି ଘଟଣାକୁ ଘୋର ନିନ୍ଦା କରିଛନ୍ତି। ବିଜେପି ବିଧାୟକଙ୍କର ଅଧିକାର ଅଛି କହିବାର କିନ୍ତୁ କିଛି କହିବା ବଦଳରେ ଗୃହକୁ ଅଚଳ କରୁଛନ୍ତି। ଅପରପକ୍ଷେ ଜଣେ ମହିଳା ବାଚସ୍ପତିଙ୍କ ପ୍ରତି ଏଭଳି ଆଚରଣ ଓ ଉଚ୍ଚାରଣ କରିବା ଗ୍ରହଣୀୟ ନୁହେଁ। ଓଡ଼ିଶା ଇତିହାସରେ ଏହା କଳଙ୍କିତ ଦିନ ଭାବରେ ଗଣତି ହେବ କାରଣ ସ୍ୱାଧିନ ଭାରତର ପ୍ରଥମ ମହିଳା ବାଚସ୍ପତିଙ୍କୁ ଏଭଳି ଆଚରଣ ଅଶୋଭନୀୟ।

#### ଶୁଣାଣି ଆରମ୍ଭରୁ ...

ଅନେକ ଦିନ ଫେରାର ରହିଥିଲେ ଯାହାକି ତଦନ୍ତକାରୀ ପୋଲିସ ଅଫିସର ଲିଖିତ ଆକାରରେ ରିପୋର୍ଟ ଦାଖଲ କରିଥିଲେ। ଚଞ୍ଚକତା କରି ନିଜକୁ ୮୦ବର୍ଷର ବୃଦ୍ଧ ତଥା ରୋଗଶଯ୍ୟାରେ ପଡ଼ି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଦର୍ଶାଇ ଆଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟର ମାନ୍ୟବର ବିଚାରପତି ଶ୍ରୀ ପରିଡ଼ାଙ୍କୁ ୧୨ବର୍ଷ ତଳେ ନେଇଥିବା ଅଢ଼େଇ ଲକ୍ଷ ଟଙ୍କା ଦୁଇ ସପ୍ତାହ ମଧ୍ୟରେ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେବା ସହ ଜାମିନ ଆବେଦନ ମଞ୍ଜୁର କରିଥିଲେ। ଜଟଣୀ ଥାନା ପକ୍ଷରୁ ଫାଇନାଲ ଚାର୍ଜସିଟ ଦାଖଲ ହେଲା ପରେ ଚଳିତ ମାସ ନିମ୍ନ ଅଦାଲତରେ ମାମଲା ନମ୍ବର ୬୯୨ର ଶୁଣାଣୀ ଆରମ୍ଭ ହେଇଥିଲା। ସମନ ପାଇ ଗତ ୨୨ ତାରିଖ ଦିନ ଅଭିଯୁକ୍ତ ଶ୍ରୀ ପରିଡ଼ା ଜଟଣୀ ନିମ୍ନ ଅଦାଲତରେ ହାଜର ହେଇଥିଲେ। ହାଜର ହେବାର ମାତ୍ର ପାଞ୍ଚ ଦିନ ପରେ ଉଚ୍ଚ ନ୍ୟାୟାଳୟରୁ ସମନ ପାଇ ୨୭ ତାରିଖ ବୁଧବାର ଦିନ ଶ୍ରୀ ପରିଡ଼ା ମୃତ୍ୟୁବରଣ କରିଛନ୍ତି। ଏବେ ଆଇନଜୀବୀ ମହାପାତ୍ର ଦୁଃଖର ସହ ନିଜ ଆଡୁ ମାମଲାଟିକୁ ପ୍ରତ୍ୟାହାର କରିନେବାକୁ ନିଷ୍ପତ୍ତି ନେଇଛନ୍ତି।

#### ୫-ଟି ସଚିବଙ୍କ ...

ପରେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ବା ଏ ଘଟଣା ବାବଦରେ କୌଣସି ଖବର ପ୍ରଦାନ ନ କରିବା ଏ ରାଜ୍ୟବାସୀଙ୍କ ପ୍ରତି ଅନ୍ୟାୟ କି ନୁହେଁ। ଏ ସଂପୂର୍ଣ୍ଣ ଘଟଣାର ଭାରତୀୟ ଜନତା ପାର୍ଟିର ସାଂସଦ ତଥା ରାଜ୍ୟ ବରିଷ୍ଠ ନେତୃବର୍ଗ ଏବଂ କେନ୍ଦ୍ର ମନ୍ତ୍ରୀମାନେ ସଂପୂର୍ଣ୍ଣ ନୀରବ କାହିଁକି ? ଏଥିରୁ ସ୍ୱଷ୍ଟ ଭାବରେ ବୁଝାପଡୁଛି ରାଜ୍ୟରେ ବିଜେଡ଼ି ଓ ବିଜେପି ଉଭୟ ଏକ, କେବଳ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ପାଇଁ ଗଣମାଧ୍ୟମ ଆଗରେ ତୁମ୍ଭି ତୋଫାନ କରୁଛନ୍ତି। ଜଣେ ଆଇ.ଏସ୍. ଅଫିସର ନିଜର ଚାକିରୀ ସର୍ତାବଳିର ସମସ୍ତ ନିୟମକୁ ଉଲଘଂନ କରୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ କାହିଁକି ? କେନ୍ଦ୍ର ସରକାରଙ୍କର ଗୃହ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ସହିତ ଆଲୋଚନା ପରେ ଏ ସମସ୍ତ ଘଟଣା ସଂପୂର୍ଣ୍ଣ ଚାପି ଦିଆଯାଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଠିକ୍ ସେହିଭଳି ଭାବରେ ରାଜ୍ୟ ସରକାର ୨୮ ଅଗଷ୍ଟ ୨୦୧୯ ମସିହା ଚିଠି ସଂଖ୍ୟା ୨୪୧୫୭ ରେ ଆଡିମିନ୍‌ଷ୍ଟ୍ରେଟିଭ୍ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଭି.କେ. ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ସହିତ ୫ଟି ରୁପାୟନ କାର୍ଯ୍ୟକ୍ରମର ସଚିବ ରୂପେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କଲେ। ରାଜ୍ୟ ସରକାର ଏହି ୫ଟି କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ବିଭାଗରେ ଲାଗୁ କରିଛନ୍ତି ଯଥା ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଯୋଜନା ଓ ସମନ୍ୱୟ, ଶିଳ୍ପ ବିଭାଗ। ଏହି ସବୁ ବିଭାଗର ସଚୀବମାନେ ଏହି କାର୍ଯ୍ୟକ୍ରମକୁ ତଦାରଖ କରୁଛନ୍ତି କି ନାହିଁ ? ଯଦି ଏହି ସବୁ ବଭାଗର ସଚୀବମାନେ ବିଭାଗୀୟ ମୁଖ୍ୟ ହିସାବରେ ଏହି କାର୍ଯ୍ୟକ୍ରମକୁ ରୁପାୟନ କରୁଛନ୍ତି ଏବଂ ଏହାର ମନିଟରିଙ୍ଗ କରୁଛନ୍ତି। ତାହାଲେ ପୁଣି ଆଉ ଜଣେ ସଚୀବ କ'ଣ କରୁଛନ୍ତି। ୫ଟି କାର୍ଯ୍ୟକ୍ରମରୁ ରୁପାୟନ ସଚିବଙ୍କ ପାଖରେ କେବଳ ଅଥରଟି ଦିଆଯାଇଛି, କିନ୍ତୁ ଉତରଦାୟିତ୍ୱ କାହିଁକି ନାହିଁ ? ମୁଖ୍ୟମନ୍ତ୍ରୀ ଯଦି ପ୍ରକୃତରେ ରାଜ୍ୟରେ ଏହି କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ରୁପେ ଲାଗୁ କରିବା ପାଇଁ ଚାହୁଁଥିଲେ ତାହାଲେ ୪ ବର୍ଷ ପରେ ମଧ୍ୟ ଏଥିପାଇଁ କେବିନେଟ୍ ମିଟିଙ୍ଗ୍ ହେଲା ନାହିଁ, ଭି.କେ. ପାଣ୍ଡିଆନଙ୍କ ନିଯୁକ୍ତିକୁ କ୍ୟାବିନେଟ୍ ଅନୁମୋଦନ କଲା ନାହିଁ କାହିଁକି ? ଯେଉଁଥି ପାଇଁ ଏହି ସଚିବଙ୍କର ଉତରଦାୟିତ୍ୱ ନାହିଁ। ୫ଟି କାର୍ଯ୍ୟକ୍ରମ ରୁପାୟନ ସଚିବ ଏହି ୪ ବର୍ଷ ଭିତରେ କେଉଁ କେଉଁ ଜିଲ୍ଲାକୁ ଗସ୍ତ କରିଛନ୍ତି ଏବଂ ଏ ବାବଦରେ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି, ଏହାର ଉତର ସରକାର ଜନସାଧାରଣଙ୍କୁ ଦେଉନାହାନ୍ତି କାହିଁକି ? ଜଣେ ସଚିବ ଭୁବନେଶ୍ୱରରୁ ଖୋର୍ଦ୍ଧା ଯିବା ପାଇଁ ହେଲିକେପ୍ଟର ବ୍ୟବହାର କରିବା ପାଇଁ ରାଜ୍ୟ ସରକାର ଅନୁମତି ଦେଉଛନ୍ତି ? ରାଜ୍ୟର ଗରୀବ ଜନସାଧାରଣଙ୍କ ଟ୍ୟାକ୍ସ ପଇସାକୁ ଏହିଭଳି ଭାବରେ ନିର୍ଦ୍ଦିଷ୍ଟ କତିପୟ ବ୍ୟକ୍ତିବିଶେଷଙ୍କ ପାଇଁ ଖର୍ଚ୍ଚ କରାଯିବା କଥା କେତେଦୂର ଠିକ୍। ଏ ସମସ୍ତ କଥା ଜାଣିଶୁଣି ରାଜ୍ୟର କୌଣସି ମନ୍ତ୍ରୀ ପ୍ରତିବାଦ ନ କରିବା, ମୁଖ୍ୟ ଶାସନ ସଚିବ ପ୍ରତିବାଦ ନ କରିବା ଅତ୍ୟନ୍ତ ଗରହିତ ଅପରାଧ। ରାଜ୍ୟବାସୀ ଏହାକୁ କ୍ଷମା କରିବେ ନାହିଁ। ଏହି ସାମ୍ବାଦିକ ସମ୍ମଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର କୃଷ୍ଣଚନ୍ଦ୍ର ପତି ତଥା ବରିଷ୍ଠ ପ୍ରଶାସକ ତଥା କଂଗ୍ରେସ ନେତା ଆଇ.ଏ.ଏସ୍. ପଞ୍ଚାନନ ଦାସ ଉପସ୍ଥିତ ଥିଲେ।

#### 'ଶ୍ରଦ୍ଧା' ପ୍ରତି ...

ବିରୋଧୀ ଦଳ ନେତା ଯେତେବେଳେ 'ଶ୍ରଦ୍ଧା'ର କଥା କହିଲେ, ସେତେବେଳେ ଶାସକ ଦଳର ମନ୍ତ୍ରୀମଣ୍ଡଳ ସମ୍ପୂର୍ଣ୍ଣ ଆତଙ୍କିତ, ବିଚଳିତ ଓ ଭୟଭୀତ ହୋଇଯାଇଥିଲେ। ବାସ୍ତବରେ ଏହି ଶ୍ରଦ୍ଧା କିଏ ଏବଂ ଶ୍ରଦ୍ଧା ପ୍ରତି ରାଜ୍ୟ ସରକାରଙ୍କ ଏତେ ଶ୍ରଦ୍ଧା କାହିଁକି ? ସେ ମୁଖ୍ୟମନ୍ତ୍ରୀଙ୍କ ସହ ଭାଟିକାନ୍ ସିଟି କାହିଁକି ଓ କେଉଁ ଉଦ୍ଦେଶ୍ୟରେ ଯାଇଥିଲେ ? ମୁଖ୍ୟମନ୍ତ୍ରୀ କାହିଁକି ଅଣଓଡ଼ିଆ ମହିଳା 'ଶ୍ରଦ୍ଧା'କୁ ଭାଟିକାନ ସିଟିକୁ ସାଙ୍ଗରେ ନେଇଥିଲେ ? ଦୈନନ୍ଦିନ କାମ କ'ଣ କରୁଥିଲେ, ତାଙ୍କର ଟିକେଟ୍ କିଏ ଦେଲା, ମୁଖ୍ୟମନ୍ତ୍ରୀଙ୍କ ସହ କିପରି ପରିଚିତ ହେଲେ, ଏହାର ଉତର ପାଇବାକୁ ସାଢ଼େ ଚାରିକୋଟି ଓଡ଼ିଆ ଅପେକ୍ଷା କରି ବସିଛନ୍ତି। 'ଶ୍ରଦ୍ଧା'ର କଥା ଲୋକଲୋଚନକୁ ଆଣନ୍ତୁ, ନହେଲେ ଗୁମାସ୍ତାଙ୍କ ଦ୍ୱାରା ପରିଚାଳିତ ହେଉଥିବା ମୁଖ୍ୟମନ୍ତ୍ରୀ ଦାୟୀତ୍ୱରୁ ମୁକ୍ତ ହୁଅନ୍ତୁ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ବିରୋଧୀ ଦଳ ନେତାମାନଙ୍କୁ ବାରମ୍ବାର ଅସମ୍ମାନ କରୁଛନ୍ତି ଶାସକ ଦଳ। ଶାସକ ଦଳ କୌଣସି ପ୍ରସଙ୍ଗ ଉଠାଇଲେ ସ୍ୱାଧିକାର ଭଙ୍ଗ ନାଁରେ ବିଭିନ୍ନ ବିଶୃଙ୍ଖଳା କରି ବିରୋଧୀ ଦଳ ନେତାଙ୍କୁ ପାଗଳ ଓ ତାଙ୍କ ବକ୍ତବ୍ୟକୁ ପ୍ରଳାପ ବୋଲି କହୁଛନ୍ତି। ବିରୋଧୀ ଦଳ ନେତାଙ୍କ ପ୍ରତି ଆକ୍ରୋଶମୂଳକ ବ୍ୟବହାର ଓ ଆଚରଣ ପ୍ରଦର୍ଶନ କରୁଛନ୍ତି ଶାସକ ବିଜେଡି ଦଳ। ବାଚସ୍ପତି ଜଣେ ଜଜ୍‌ଙ୍କ ଭଳି ଏବଂ ସେ ନିରପେକ୍ଷତା ଅବଲମ୍ବନ କରିବା ଉଚିତ୍ । କିନ୍ତୁ ଦୁର୍ଭାଗ୍ୟର ବିଷୟ ବର୍ତମାନର ବାଚସ୍ପତି ନିରପେକ୍ଷ ନୁହଁନ୍ତି। ବିଧାନସଭାରେ 'ଡାଲି'ଦେଖି ବିଚଳିତ ହେଉଛନ୍ତି ବାଚସ୍ପତି। ଡାଲି କିଣାରେ ଦୁର୍ନୀତି, ଅନିୟମିତତା ପାଇଁ ୨୦୧୧ରେ ତାଙ୍କର ମନ୍ତ୍ରୀପଦ ଚାଲିଯାଇଥିଲା। ଆଜି ସେହି ଡାଲି ଦେଖି ଦୁଇ ଜଣ ବିଜେପି ବିଧାୟକଙ୍କୁ ସସ୍‌ପେଣ୍ଡ କରିଦେଇଛନ୍ତି । ଯଦି ଡାଲିକୁ ଏତେ ଡର, ତାହେଲେ ବାଚସ୍ପତି ଏବଂ ଶାସକ ବଜେଡିର ନେତା ଓ ମନ୍ତ୍ରୀ ଡାଲି ଖାଇବା ଛାଡିଦିଅନ୍ତୁ । ଏହା ଦ୍ୱାରା ଡାଲି ଦର କମିଯିବ ଏବଂ ସାଧାରଣ ଜନତା ଉପକୃତ ହେବେ। ଅନ୍ୟ ପଟେ ବିଭିନ୍ନ ଅଭିଯୋଗରେ ସଂପୃକ୍ତ ଥିବା ଶାସକ ବିଜେଡି ଦଳର ଦୋଷୀ ଓ ଆରୋପୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଏତେ ଶ୍ରଦ୍ଧା କାହିଁକି ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି। ଏହି ଅବସରରେ ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ୍ ଉପସ୍ଥିତ ଥିଲେ।

#### ରାଜ୍ୟର ...

ସରକାର ସ୍କୁଲସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରଶିକ୍ଷଣ ଶିବିର ଆୟୋଜନ କରୁଛନ୍ତି। ସହରାଞ୍ଚଳର ଲୋକଙ୍କୁ (ସହରୀ ଭୂମିକମ୍ପ ସମ୍ବେଦନଶୀତା ହ୍ରାସ କାର୍ଯ୍ୟକ୍ରମ) ମାଧ୍ୟମରେ ଭୂମିକମ୍ପ ସମ୍ପର୍କରେ ଅବଗତ କରାଯାଉଛି। ଭୂମିକମ୍ପ ପ୍ରତିରୋଧ ନିର୍ମାଣ ସମ୍ପର୍କରେ ଇଞ୍ଜିନିୟର ଓ ରାଜମିସ୍ତ୍ରୀମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଉଛି। ଏହାବ୍ୟତୀତ ପ୍ରାଥମିକ ସ୍କୁଲ ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବା ପାଇଁ ଭୂମିକମ୍ପକୁ ଏକ ବିଷୟ ଭାବେ ସାମିଲ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଛନ୍ତି।

#### ୧୩ ବର୍ଷ ଧରି ...

କରିଛନ୍ତି ହଜାର ହଜାର ଶବଙ୍କ ସାଦର ସତ୍କାର। ମାନିବାକୁ ହେବ ତାଙ୍କର କର୍ତ୍ତବ୍ୟବୋଧ ଓ କର୍ତ୍ତବ୍ୟଚେତନାକୁ, ଦାୟିତ୍ୱବୋଧ ଓ ଦାୟିତ୍ୱଶୀଳତାକୁ। ଯେ କୌଣସି ସମୟରେ ଶବଟିଏ ଆସିଲେ, ବାହାରିପଡନ୍ତି ସେ ତା'ର ସତ୍କାର କରିବାକୁ। ସ୍ୱାମୀ ଯାହା କରିବା କଥା, ତାହା ସେ କରିଥାନ୍ତି ସ୍ୱାମୀଙ୍କ ପକ୍ଷରୁ। ଭଲରେ କରେ, ପଛଘୁଞ୍ଚା ଦିଏ ନାହିଁ। ପ୍ରମାଣ କରି ଚାଲିଥାଏ ଯେମିତି ନିଜ ଆଚରଣରେ 'କର୍ତ୍ତବ୍ୟ ହିଁ ଈଶ୍ୱର' ଓ 'କର୍ମ ହିଁ ଉପାସନା' ବୋଲି। କେବେକେବେ ଘନ ଘୋର ଅମା ଅନ୍ଧକାର ଭିତରେ ବିଭତ୍ସ ବିକଟ ରୂପରେ ଶବଟିଏ ଆସିଥିଲେ ବି ଅଣ୍ଟା ଭିଡ଼ି ବାହାରି ପଡନ୍ତି ଲକ୍ଷ୍ମୀ। ମନରେ ଦୁଃଖ ଆସେ, ଭାବାବେଗ ଆସେ, କେତେ କଣ କଥା ଉଙ୍କି ମାରେ, ତଥାପି ସବୁବେଳେ ସବୁ କିଛି ଭାବାନ୍ତରକୁ ଚାପି ଆଗେଇ ଯାଆନ୍ତି ସେ ତାଙ୍କ କାମରେ ଛାତିକୁ ପଥର କରି, ମନକୁ ଦୃଢ଼ କରି, ଶୋଚନୀୟ, ଦୟନୀୟ ଅବସ୍ଥାରେ ଆସି ପହଞ୍ଚିଥିବା ଶବଟିର ସତ୍କାର କରିବା ପାଇଁ। ଖାଲି ଏତିକି ନୁହେଁ ବରଂ ଜୁଇ ପାଇଁ ଗୋଦାମରୁ କାଠ ଆଣିବା, ଜୁଇରେ କାଠ ସଜାଡିବା ସବୁ କାର୍ଯ୍ୟରେ ସେ ଆଗୁଆ। ଲକ୍ଷ୍ମୀର ଏପରି ଦୁଃସାହସିକ ସାହସକୁ ପ୍ରଶଂସା କରିଛନ୍ତି। ଏମିତି ନୁହେଁ କି ଲକ୍ଷ୍ମୀର ଘର ସଂସାର ନାହିଁ। ସବୁ ଅଛି। ପାଞ୍ଚ ପାଞ୍ଚଟି ସନ୍ତାନସନ୍ତତିଙ୍କର ଜନନୀ ସେ। ସେ ସମସ୍ତଙ୍କ ଖିଆ ପିଆ ସୁବିଧା ଅସୁବିଧା ବୁଝନ୍ତି। ଏସବୁ ସତ୍ତ୍ୱେ ବି ସନ୍ତୁଳନ ଓ ସମନ୍ୱୟ ରକ୍ଷା କରି ନିର୍ବାହ କରିଥାନ୍ତି ନିଜର ଦାୟିତ୍ୱ କର୍ତ୍ତବ୍ୟ। ସେ ଦାୟିତ୍ୱସମ୍ପନ୍ନ, ଆଉ କର୍ମଚଞ୍ଚଳ ମଧ୍ୟ। ଏସବୁ ବାସ୍ତବରେ ଲକ୍ଷଣୀୟ ଲାଗେ, ଆଜିର ଏ ସମୟ ଓ ସମାଜ ସକାଶେ ଲକ୍ଷ୍ମୀ ଏକ ଦୃଷ୍ଟାନ୍ତ, ଶିକ୍ଷା ଓ ପ୍ରେରଣାର ଏକ ଉତ୍ସ।

#### ଅଧିକାରୀଙ୍କ ...

ବ୍ୟବସ୍ଥା ମଧ୍ୟ ଉକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଏକ ବର୍ଷ ବିତିଯାଇଥିଲେ ବି ବ୍ୟବସ୍ଥା କରି ନଥିବା ଅଭିଯୋଗ ହେଉଛି। ପ୍ରତି କାର୍ଯ୍ୟ ପିଛା ଇନିସିଆଲ ପ୍ରୋସେସିଂ ଅବା ଅଫିସ ଖର୍ଚ୍ଚ ନାମରେ ଟଙ୍କା ଆଗୁଆ ମଗାଯାଉଥିବା ନେଇ ତାଙ୍କ ନାମରେ ଅଭିଯୋଗ ହେଉଛି। ଏଥିରେ ସତ୍ୟତା ଥିଲେ କାର୍ଯ୍ୟର ମାନ ହ୍ରାସ ହେବା ସହ କାର୍ଯ୍ୟରେ ସ୍ୱଚ୍ଛତା ନ ରହିବା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସେ ଉପକୂଳ ଅଞ୍ଚଳର ହୋଇଥିବାରୁ ଦୀର୍ଘ ଦିନ ଧରି ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳରେ ପାରିପାର୍ଶ୍ୱିକ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଏଷ୍ଟିମେଟ କରୁନଥିବା ନେଇ ଗୁରୁତର ଅଭିଯୋଗ ହେଉଛି। ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଇନ୍ଦ୍ରାବତୀ ଡ୍ୟାମ ସର୍କଲ ନାମ ପରିବର୍ତ୍ତନ ମଧ୍ୟରେ ଦୁଇ ଜଣ ଅଧିକାରୀ ଆସିଲେଣି କିଛି ଦିନ ବ୍ୟବଧାନରେ ଆଉ ଜଣେ ଆସିବେ ଛ ମାସ ପରେ ଅବସର ନେବେ। ଏଭଳି ସ୍ଥିତିରେ ଜନୈକ ଅଧିକାରୀ ହିଁ ସର୍ବେସର୍ବା ହେବାର ସୁଯୋଗ ସୃଷ୍ଟି ହୋଇଛି। ଦୀର୍ଘମିଆଦି ପ୍ରକଳ୍ପ ହେଉ ଅବା ଆଞ୍ଚଳିକ ବିକାଶ କାର୍ଯ୍ୟକ୍ରମ ହାତକୁ ନେଇ ହେବ କି ନା କୌଣସି ସମସ୍ୟା ବୁଝିଲା ବେଳକୁ କାର୍ଯ୍ୟକାଳ ଶେଷ କିମ୍ବା ସ୍ଥାନାନ୍ତର ହେଲେ ସମସ୍ୟା ସମାଧାନ ତ ହେଉନି। କିନ୍ତୁ ଉକ୍ତ ଅଧିକାରୀଙ୍କ ଏଭଳି ଭିତିରି ଦିଆ ନିଆ ବେଶ ଭଲ ଚାଲୁଛି। ସ୍ଥାୟୀ ଅଧିକାରୀ ଆବଶ୍ୟକ ଆର୍ଥିକ ଅନୁଦାନ ସାଙ୍ଗକୁ ପ୍ରକଳ୍ପର ସମସ୍ୟା ସମାଧାନ ପାଇଁ ଜଳ ସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

#### ଭାରତରେ ...

୨୦୦୮-୧୦ ମଧ୍ୟରେ ଦେଶର ମୋଟ ପ୍ରଜନନ ହାର ୮୬.୧ ଥିଲା, ଯାହା ୨୦୧୮ ରୁ ୨୦୨୦ ମଧ୍ୟରେ ୬୮.୭ କୁ ହ୍ରାସ ପାଇଛି। ଜାତୀୟ ହାର ତୁଳନାରେ ମୋଟ ଜନସଂଖ୍ୟାରେ ବୃଦ୍ଧଙ୍କ ସଂଖ୍ୟା କମ ଥିବା ୧୧ ଟି ରାଜ୍ୟ ଅଛି। ସେଥିମଧ୍ୟରୁ ବିହାର ହେଉଛି ଦେଶର ସବୁଠାରୁ କନିଷ୍ଠ ରାଜ୍ୟ ଯାହା ୭.୭ ପ୍ରତିଶତ ବୃଦ୍ଧ ଜନସଂଖ୍ୟା ବିଶିଷ୍ଟ ।୮.୧ ପ୍ରତିଶତ ବୃଦ୍ଧ ଜନସଂଖ୍ୟା ସହିତ ଉତ୍ତରପ୍ରଦେଶ ଦ୍ୱିତୀୟ କନିଷ୍ଠ ରାଜ୍ୟ ।ଶ୍ରେଷ୍ଠ ପାଞ୍ଚଟି ରାଜ୍ୟ ମଧ୍ୟରେ ଆସାମ ୮.୨ ପ୍ରତିଶତ ହୋଇ ତୃତୀୟ ସ୍ଥାନରେ, ଝାଡଖଣ୍ଡ ୮.୪ ପ୍ରତିଶତ ହୋଇ ଚତୁର୍ଥ ସ୍ଥାନରେ ଏବଂ ରାଜସ୍ଥାନ ଓ ମଧ୍ୟପ୍ରଦେଶ ୮.୫ ପ୍ରତିଶତ ହୋଇ ପଞ୍ଚମ ସ୍ଥାନରେ ରହିଛନ୍ତି। ୬୦ ବର୍ଷରୁ ଅଧିକ ୧୬.୫ ପ୍ରତିଶତ ଜନସଂଖ୍ୟା ଥିବା କେରଳ ହେଉଛି ସର୍ବ ବରିଷ୍ଠ ରାଜ୍ୟ। ବୃଦ୍ଧାବୃଦ୍ଧଙ୍କ ବଞ୍ଚିବାରେ ବୃଦ୍ଧି ଏବଂ ପ୍ରଜନନ ହାରରେ ତୀବ୍ର ହ୍ରାସ ଘଟିଛି। ପାଞ୍ଚଟି ବରିଷ୍ଠ ରାଜ୍ୟ ମଧ୍ୟରେ ତାମିଲନାଡୁ, କେରଳ ଏବଂ ଆନ୍ଧ୍ରପ୍ରଦେଶ ଦକ୍ଷିଣରୁ, ହିମାଚଳ ଏବଂ ପଞ୍ଜାବ ରହିଛନ୍ତି। ଜାତୀୟ ସ୍ତରରେ ବୃଦ୍ଧ ଜନସଂଖ୍ୟା ୨୦୨୧ ରେ ୧୦.୧ ପ୍ରତିଶତ ଥିଲା, ଯାହା ୨୦୩୬ ରେ ୧୫ ପ୍ରତିଶତକୁ ବୃଦ୍ଧି ପାଇବ। ୨୦୫୦ରେ ବୃଦ୍ଧ ଜନସଂଖ୍ୟା ୨୦.୮ ପ୍ରତିଶତ ହେବ। ରିପୋର୍ଟ ଅନୁଯାୟୀ, ନିର୍ଭରଶୀଳତା ଅନୁପାତ ଏକ ଚିନ୍ତାର ବିଷୟ। ବର୍ତ୍ତମାନ ପ୍ରତି ୧୦୦ କାର୍ଯ୍ୟରତ ବ୍ୟକ୍ତିଙ୍କ ମଧ୍ୟରେ ୧୬ ଜଣ ବୃଦ୍ଧ ଏବଂ ପ୍ରତ୍ୟେକ ୧୦୦ ପିଲାଙ୍କ ତୁଳନାରେ ୩୯ ଜଣ ବୃଦ୍ଧ ଅଛନ୍ତି।

## ଗରିବଙ୍କ ହାଣ୍ଡିଶାଳରୁ ଉଭାନ ହେଲାଣି ଜିରା



**ଭୁବନେଶ୍ୱର :** ୨ ମାସ ହେଲାଣି ଜିରା ଦର ୮୦୦ରୁ ୧ ହଜାର ଟଙ୍କାରେ ବିକ୍ରି ହେଉଛି। ସହରର ସ୍ୱଚ୍ଛଳ ଲୋକେ କଷ୍ଟେ ମଷ୍ଟେ କିଣୁଛନ୍ତି କିନ୍ତୁ ଗାଁର ଗରିବଙ୍କ ହାଣ୍ଡିଶାଳରୁ ଏବେ ଉଭାନ ହେଲାଣି ଜିରା। ସେପଟେ ଡାଲି ଦର ବି ଆକାଶଛୁଆଁ। କଣ ଖାଇବେ, କେତେ କିଣିବେ ଜାଣିପାରୁନାହାନ୍ତି ଖାଉଟି। ଅନ୍ୟପଟେ ବେଧଡ଼କ ଭାବେ ଚୀନ୍ ଓ ଅନ୍ୟଦେଶକୁ ଭାରତରୁ ଜିରା ରପ୍ତାନୀ ଚାଲିଛି। ଧୀରେ ଧୀରେ ଜିରା ମୋହରୁ ମନ ହଟାଇବାକୁ ବାଧ ହେଲେଣି ଗାଁର ଗରିବ ଲୋକେ। ଜିରା କିଲୋ ୮୦୦ , ଡାଲି ୨୦୦ ଟଙ୍କା। ବାଛିବାଛି ଲୋକଙ୍କ ଦ୍ୱାରା ବହୁଳ ବ୍ୟବହାର ହେଉଥିବା ଖାଦ୍ୟଶସ୍ୟରେ କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି କର୍ପୋରେଟ୍ ସଂସ୍ଥା। ଏନେଇ ରାଜ୍ୟର ବ୍ୟବସାୟୀ ମହାସଂଘ ବି ଅସନ୍ତୁଷ୍ଟ। ଲୋକଙ୍କ ଆର୍ଥିକ ବିକାଶ ପାଇଁ ପ୍ରତିଶ୍ରୁତି ଦେଇ ୨୦୧୪ରେ ଶାସନକୁ ଆସିଥିଲେ କେନ୍ଦ୍ର ସରକାର। ସେଇ ସରକାର ଏବେ ଲୋକଙ୍କୁ ଦରଦାମ ନିଆଁରେ ଘାଣ୍ଟି ଚାଲିଛନ୍ତି। ଅଭିଯୋଗ ଆସିଲେ କେନ୍ଦ୍ର ସରକାରଙ୍କ ମୁଣ୍ଡିଆଳମାନେ ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ପାଦନ କମ୍ ହୋଇଛି ବୋଲି କହି ବାହାନା କରିଚାଲିଛନ୍ତି। ସ୍ୱଚ୍ଛଳ ଲୋକେ ଯେନତେନ ପ୍ରକାରେ ଅଳ୍ପ ବହୁତ କିଣୁଛନ୍ତି କିନ୍ତୁ ଗାଁର ଗରିବ ଲୋକଙ୍କ ପାଖରେ ଶହେ ଗ୍ରାମ ଜିରାକୁ ୮୦ ଟଙ୍କା ଦେଇ କିଣିବାର ସମ୍ବଳ କାହିଁ ? କେନ୍ଦ୍ର ସରକାର ଜାଣିଶୁଣି ଲୋକଙ୍କୁ ମହଙ୍ଗା ଦରରେ ଅଭ୍ୟସ୍ତ କରିବା ପାଇଁ ଏକ ପ୍ରକାର ପଣ କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି। କୌଣସି ସାମଗ୍ରୀ ଯୋଗାଣ ନିଅଣ୍ଟ ହେଲେ କିଛି ଦିନ କିମ୍ବା ସପ୍ତାହ ପାଇଁ ଦର ଉଚ୍ଚା ରହିଥାଏ। ଦୁଇମାସ ହେଲାଣି ଯେପରି ଜିରାର ଚଢ଼ା ଦର ରହିଲାଣି ଆଉ ଜିରା କିଲୋ ୨୦୦ ଟଙ୍କାକୁ ଖସିବ ସେ ଆଶା ଦେଖାଯାଉନି। ଜିରା ଦର ଉଚ୍ଚା ରହୁଥିବାରୁ ପ୍ୟାକେଟ୍ ମସଲା ଦାମ ବି କମ୍ପାନୀ ବଢାଇଲେଣି। ଲୋକେ ଆଉ କେତେ ଦଣ୍ଡ ଭୋଗିବେ ତାର ଉତ୍ତର କାହା ପାଖରେ ନାହିଁ।

## ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ଦାବି

### ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନଭେମ୍ବର ୪ରେ କୋଣାର୍କ ଅବରୋଧ

**କୋଣାର୍କ :** କୋଣାର୍କ ସମେତ ଏହାର ଆଖପାଖ ଅଞ୍ଚଳର ୧୦ଟି ମୌଜାର ଜମିଜମା ସମସ୍ୟାର ସମାଧାନ ଓ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ଦାବିରେ କୋଣାର୍କ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ଏଯାବତ ହୋଇ ନାହିଁ । ଏନେଇ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ପ୍ରଜାମାନେ ଆନ୍ଦୋଳନାତ୍ମକ ପନ୍ଥାନ ଅବଲମ୍ବନ କରି ନଭେମ୍ବର ୪ତାରିଖ ଦିନ କୋଣାର୍କକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାକୁ ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ସମସ୍ୟାର ସମ୍ମୁଖୀନ ହୋଇଥିବା କୋଣାର୍କ, ମାଧିପୁର, ବେରୁହଁ, ସୁତନ, ତରକୋର, ଖାଲକଟାପାଟଣା, ବାଙ୍ଗୋରବରପଦା, ଗଡବାଙ୍ଗୋର, ଭୂଆଁ ଓ ଜୁଣେଇଁ ରାଜସ୍ୱ ଗ୍ରାମର ପ୍ରଜାମାନେ ପ୍ରଶାସନର ଏତାଦୃଶ୍ୟ ବେଆଇନ କାର୍ଯ୍ୟକୁ ଘୋର ବିରୋଧ କରୁଛନ୍ତି। ଲୋକଙ୍କ ମାଲିକାନା ସ୍ୱତ୍ୱକୁ ଖାରଜ କରି ସରକାରୀ ଖାତାରେ ରଖିବା ଫଳରେ ପୁରୁଷାନୁକ୍ରମିକ ଭାବେ ଭୋଗଦଖଲରେ ଥିବା ବାସିନ୍ଦା ସେମାନଙ୍କର ଭିଟାମାଟି ହରାଇବା ନିଶ୍ଚିତ ହୋଇଛି। ରାଜସ୍ୱ ବିଭାଗର ଏପରି ଅବିଚାର ବିରୋଧରେ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଓହ୍ଲାଇଥିବା କଥା ମିଟିର ସଭାପତି ସୁକାନ୍ତ ମହନ୍ତି ସୂଚନାଦେଇଛନ୍ତି। ଦାବିପୂରଣ ନ ହେବାଯାଏଁ ଏହି ପରି ଆନ୍ଦୋଳନ ଯାରିରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏ ଅଞ୍ଚଳର ବାସିନ୍ଦାମାନେ ସରକାରଙ୍କର ବିଭିନ୍ନ ଜନହିକର ଯୋଜନାର ସୁଫଳ ପାଇପାରୁ ନ ଥିବାବେଳେ ଗୃହ ନିର୍ମାଣ, ମାଛ ଚାଷ ପାଇଁ ପୋଖରୀ ଖୋଳା, ଉଦ୍ୟାନ କୃଷି, କୁକୁଡା ଓ ଗୋ ପାଳନ ଇତ୍ୟଦି ପାଇଁ ବ୍ୟାଙ୍କରୁ ଋଣ ପାଇପାରୁ ନାହାନ୍ତି । ଏତଦବ୍ୟତିତ ନିଜସ୍ୱ ଜମିଜମା ସମ୍ବନ୍ଧିୟ କାଗଜାତ ଓ ଛାତ୍ରଛାତ୍ରୀଙ୍କ ପାଠ ପଢା ନିମନ୍ତେ ଜାତିଗତ ପ୍ରମାଣ ପତ୍ର, ଆବସ ପ୍ରମାଣ ପତ୍ର, ବାର୍ଷିକ ଆୟ ପ୍ରମାଣ ଓ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ପ୍ରମାଣ ପତ୍ର ମିଳିପାରୁ ନାହିଁ । ଏ ନେଇ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ରାଜସ୍ୱ ସଚିବ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ବନଖଣ୍ଡ ଅଧିକାରୀ ଓ ଗୋପ ତହସିଲଦାରଙ୍କୁ ଲିଖିତ ଭାବେ ପୂର୍ବରୁ ଅବଗତ କରାଇଛନ୍ତି।

## ଅବ୍ୟବସ୍ଥା ଘେରରେ ହୋମିଓପାଥିକ କେନ୍ଦ୍ର



**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଉଦୟପୁର ପଞ୍ଚାୟତରେ ରହିଛି ୪୦ ବର୍ଷ ପୁରୁଣା ସରକାରୀ ହୋମିଓପାଥିକ ଚିକିତ୍ସାଳୟ। ଆଖ ପାଖ ୪ଟି ପଞ୍ଚାୟତବାସୀଙ୍କୁ ଏହି ଡିସପେନସାରି ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛି। ଏବେ ଏହି ଡିସପେନସାରିଟି ସରକାରୀ ଅବହେଳାର ଶିକାର ହୋଇଛି। ସରକାରୀ ହୋମିଓପାଥିକ କେନ୍ଦ୍ରକୁ ରୋଗୀମାନେ ଯେତେବେଳେ ସେଠାକୁ ଚିକିତ୍ସିତ ହେବାକୁ ଯାଉଛନ୍ତି ଡାକ୍ତର ସେମାନଙ୍କୁ ଔଷଧ ପ୍ରେସକ୍ରିପସ୍‌ନ ଧରାଇ ଦେଇ ତାଙ୍କୁ କୁହଛନ୍ତି ସିସି ନାହିଁ, ଔଷଧ ଦେବୁ କେମିତି ? ଏପରି ପରିସ୍ଥିତିରେ ରୋଗୀମାନେ ବାଧ ହୋଇ ଧାଡିବାନ୍ଧି ପାଖ ବେସରକାରୀ ହୋମିଓପାଥିକି ଦୋକାନରୁ ପ୍ରେସକ୍ରିପସନ ଦେଖାଇ ଔଷଧ କିଣୁଛନ୍ତି। ପରୋକ୍ଷରେ ସିସି କିଣି ପୁଣି ଧାଡି ବାନ୍ଧି ଡାକ୍ତରଖାନାରୁ ଔଷଧ ନେଇ ଘରକୁ ଫେରୁଛନ୍ତି। ଆଉ ଯେତେବେଳେ ପାଖ ଦୋକାନ ବନ୍ଦ ରହୁଛି, ସେମାନେ ପ୍ରେସକ୍ରିପସନ ଧରି ହଟହଟା ହୋଇ ଘରକୁ ଫେରୁଛନ୍ତି ଏଠୁ। ଏ ସମ୍ପର୍କରେ ଡିସପେନସାରି କର୍ମଚାରୀଙ୍କୁ ପଚରା ଯିବାରୁ ସେମାନେ ନାମ ଗୋପନ ରଖିବା ସର୍ତରେ କହୁଛନ୍ତି, ସିସି ଛଅ ମାସରେ ଥରେ ଆମକୁ ମିଳୁଛି। ତା ପୂର୍ବରୁ ଶେଷ ହେଲେ ଆମକୁ ଦିଆଯାଉନାହିଁ। କିନ୍ତୁ ସାଧାରଣ ରୋଗୀମାନଙ୍କ କହିବା କଥା ଏଠି ବର୍ଷ ସାରା ଏଇ ଅବସ୍ଥା। ଘରେ ଥିବା ପୁରୁଣା ସିସିକୁ ଧୋଇ ଧାଡିରେ ଛିଡା ହୋଇ ଆମେ ଏମିତି ଔଷଧ ନେଉ। ଯିଏ ଏମିତି ନକରନ୍ତି ସେମାନେ ଘରକୁ ଫେରିକି ଯାଆନ୍ତି। ଏଠି ମନରେ ସ୍ୱତଃ ପ୍ରଶ୍ନ ଉଠେ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର 'ସମସ୍ତ ଜୀବନ ମୂଲ୍ୟବାନ' ମନ୍ତ୍ର କ'ଣ ସତରେ ଧୂଆଁବାଣ ? ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଉ ବୋଲି ଡିସପେନସାରିକୁ ଆସୁଥିବା ଶତାଧିକ ରୋଗୀମାନେ ପ୍ରକାଶ କରିଛନ୍ତି।

# ଶରତ ଆସିଛି ମରତେ




ପ୍ରେମାନନ୍ଦ ପାଣିଗ୍ରାହୀ





ବାୟୁମଣ୍ଡଳର ସମସ୍ତ ପ୍ରକାର ତାପମାତ୍ରା ବୃଦ୍ଧି ଓ ହ୍ରାସ ମୂଳତଃ ସୂର୍ଯ୍ୟଙ୍କର ଉତ୍ତାପରୁ ହୋଇଥାଏ । ଭୌଗୋଳିକ ତଥ୍ୟ ଅନୁଯାୟୀ ପୃଥିବୀ ଯେତେବେଳେ ସୂର୍ଯ୍ୟଙ୍କ ସହ ୨୩ ଡିଗ୍ରୀ ୨୭ ମିନିଟ୍ ଉତ୍ତର ଆକ୍ଷାଂଶରେ ରହେ ସେତେବେଳେ ବାୟୁମଣ୍ଡଳର ତାପମାତ୍ରା ସନ୍ତୁଳିତ ଅବସ୍ଥାରେ ଥାଏ । ପୃଥିବୀର ପରିକ୍ରମଣ ଫଳରେ ଋତୁ ପରିବର୍ତ୍ତନ ହୁଏ । ଋତୁ ଚକ୍ରର ନିୟମ ଅନୁସାରେ ଭାରତରେ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ବର୍ଷା ଋତୁ ବିରାଜମାନ କରିଥାଏ । ସେପ୍ଟେମ୍ବର ମାସ ଶେଷ କିମ୍ବା ଅକ୍ଟୋବର ମାସର ପ୍ରଥମ ସପ୍ତାହ ମଧ୍ୟରେ ସୂର୍ଯ୍ୟ ବିଷୁବରେଖା ଉପରେ ଅବସ୍ଥାନ କରିଥାନ୍ତି । ଉତ୍ତର-ପୂର୍ବ ମୌସୁମୀ ବାୟୁ ପ୍ରବାହ ଆରମ୍ଭ ହେବାରୁ ଭାରତରେ ବର୍ଷାଦିନର ଶେଷ ପର୍ବ ଆରମ୍ଭ ହୋଇଯାଏ । ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କର ଉତ୍ତରାୟଣ ଓ ଦକ୍ଷିଣାୟଣ ଦୁଇଟି ଗତି ଅଛି । ଆଷାଢ ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କର ଦକ୍ଷିଣାୟଣ ଆରମ୍ଭ ହୁଏ । ସୂର୍ଯ୍ୟଙ୍କର ଦକ୍ଷିଣାୟଣ ଗତି କାଳରେ ବର୍ଷା,ଶରତ ଓ ହେମନ୍ତ ଋତୁ ପଡେ । ସବୁ ଋତୁ ଠାରୁ ଅନନ୍ୟ ଏ ଶରତ ଋତୁ । ସରତ ଆସିବା ମାତ୍ରେ ମୌସୁମୀ ମେଘର ପଣତ କାନିରେ ଲୁଚେ । ଆକାଶରୁ କଳା ବାଦଲ ହଟିଯାଇ ଶୁଭ୍ର ମେଘର ବିଭୂତି ତରଙ୍ଗାୟିତ ହୁଏ । ପ୍ରକୃତିର ସୁରମ୍ୟ କୋଳ ସୁନିଲ ମଧୁରିମାର ସମ୍ଭାରରେ ଭରିଯାଏ । ଋତୁଚକ୍ରର ଆଉ ଏକ ବସନ୍ତ "ଶରତ" ନିର୍ମଳକାନ୍ତିରେ ବିଭୂଷିତ ହୋଇ ଧରାପୃଷ୍ଠରେ ସୁସମାଗତ । ଶରତ ଋତୁର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋମୁଗ୍ଧକର । ବଣ,ନଦୀ,ଝରଣା ସବୁଠାରେ ଶରତର ସୁଷମା । ବସୁମତି ଆଜି ସୁଶ୍ୟାମଳା ଆଉ ପୂର୍ଣ୍ଣଗଭା ଶରତର ଶୁଭାଗମନରେ ଧରିତ୍ରୀର ସୃଜନଶୀଳତା ଭବ୍ୟରୂପ ଧାରଣ କରେ । ବର୍ଷାର ଲଗାମ ଭିଡା ହୁଏ । ଶୀତ ଆସିବାକୁ ସଜବାଜ ହୁଏ । ଅନନ୍ତ ନିର୍ମଳ ଆକାଶ ଦେହରେ ଆଜି ଶୁଭ୍ର ମେଘର ବିଭୂତି । ତରଙ୍ଗାୟିତ ବାଦଲର ଉତ୍ତାଳ ଲହରୀ ଭିତରେ ସୁନେଲୀ ସୂର୍ଯ୍ୟକିରଣ ସୃଷ୍ଟି କରୁଛି ବର୍ଣ୍ଣାଢ୍ୟ ସୌନ୍ଦର୍ଯ୍ୟ । ଜଳରାଶି ଆଜି ନିର୍ମଳ । ଶରତରେ ସୁଗନ୍ଧିତ ବାତାବରଣ । ନଦୀପଠା ଆଉ ପ୍ରାନ୍ତରର କାକର ଭିଜା ପବନର ସ୍ପର୍ଶ ପାଇ ଶୁଭ୍ର କାଶତଣ୍ଡୀ କିରିକିରି ହସୁଛି । ଗହୀର ପାଟ ଆଉ ପୁଷ୍କରିଣୀରେ ଦୋଳାୟିତ ହେଉଛି କୁମୁଦ ମହ୍ଲାର । ଗଙ୍ଗଶିଉଳିର ଶୁଭ୍ର ଚାଦରରେ ସୁଶୋଭିତା ମା ବସୁଧା । କେବଳ ଗଙ୍ଗଶିଉଳି କାହିଁକି ଶରତ ଋତୁରେ ବହୁଳ ଭାବରେ ଫୁଟୁଥିବା ଫୁଲମାନଙ୍କ ମଧ୍ୟରେ ଅପରାଜିତା ଅନ୍ୟତମ । ତାର ନୀଳିମା ଆନମନା କରେ ଅନେକଙ୍କୁ । ମା ଦୁର୍ଗାଙ୍କର ପ୍ରିୟ ଫୁଲମାନଙ୍କ ମଧ୍ୟରୁ ଏହା ଗୋଟିଏ । କେହି ଏହାକୁ ଘର ସଜାଇବାରେ ବ୍ୟବହାର କରିଥାନ୍ତି ତ ପୁଣି କେହି ଭଗବାନଙ୍କୁ ଅର୍ପଣ କରି କୃତାର୍ଥ ହୋଇଥାନ୍ତି ।





ବସନ୍ତ ଋତୁ ପରେ ଶରତ ଋତୁରେ ସର୍ବାଧିକ ଫୁଲ ଫୁଟେ । ସେଥିଲାଗି ଶରତ ଋତୁକୁ ଫୁଲର ଋତୁ କୁହାଯାଏ । ଚାରିଆଡେ ଖାଲି ଫୁଲ ଆଉ ଫୁଲ । ନୀଳକଇଁ, ପଦ୍ମ, ହରଗୌରା, ଜବାକୁସୁମର ଅପୂର୍ବ ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ଦର୍ଶନରେ ଆଜି ଫୁଲପରି ମନ, ଫୁଲପରି ହୃଦୟ ଆଉ, ମନଭର୍ତ୍ତି ପୁଲକ । ଶରତ ଋତୁର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ମନୋମୟ ମୁଗ୍ଧ ଅମୃତୋପମ ବାତାବରଣକୁ ଦେଖି ଫରାସୀ ଲେଖକ ଆଲବର୍ଟ କାମ୍ୟୁ କହିଥିଲେ :- Autumn is a second spring when every leaf is a flower । ଏହାର ଅର୍ଥ ଶରତ ଋତୁରେ ଗଛର ପତ୍ର ସବୁ ବି ପାଲଟିଯାନ୍ତି ଗୋଟେ ଗୋଟେ କମନୀୟ ଫୁଲ । ଶରତ ଋତୁର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଭାଷା ମଧ ହାର ମାନିଯାଏ । ଶରତର ସରସତାକୁ ବର୍ଣ୍ଣନା କରିବାପାଇଁ କବି, ଗାଳ୍ପିକଙ୍କ ଲେଖନୀ ଆଉ ଚିତ୍ରଶିଳ୍ପୀର ତୂଳୀ ଚଞ୍ଚଳ ହୋଇଉଠେ । ସୌନ୍ଦର୍ଯ୍ୟ ପିପାସୁଙ୍କ ଅନ୍ତର ରସପ୍ଳୁତ ହୋଇଯାଏ ।

ଶରତ ୃତୁରେ ନୂଆ ଫୁଲ,ଫଳ,ନୂଆ ଧାନ କେଣ୍ଡା ଆଦିର ସବୁଜିମାରେ ପୃଥିବୀ ହସି ଉଠେ । ମନ ମଧ୍ୟ ନିର୍ମଳ ସରସ ହୋଇଉଠେ । ଗଜାନନଙ୍କ ପୂଜା ଠାରୁ ଆରମ୍ଭ ହୁଏ ପାର୍ବଣ ଋତୁ । ମା ଖୁଦୁକୁଣୀ , ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଆରାଧନା ପରେ ଧରାବତରଣ କରନ୍ତି ମା ଦଶଭୂଜା । ପାର୍ବଣର ପୁଲକ ଖେଳିଯାଏ ପ୍ରତିଟି ପ୍ରାଣରେ । ପାର୍ବଣ ଆସିଛି । ସବୁଠି ପାର୍ବଣର ମହୋତ୍ସବ ପାଇଁ ଚାଲିଛି ପ୍ରସ୍ତୁତି । ମା ଆସିବେ । ସଂସାରରୁ ଦୁଃଖ ଦୂର ହେବ । ଦୁଷ୍ଟ ନିଧନ କରି ସେ ଶିଷ୍ଟ ପାଳନ କରିବେ । ଶରତ କାଳରେ ଦୁର୍ଗାପୂଜା ପାଳିତ ହୁଏ ବୋଲି ମାଦୁର୍ଗାଙ୍କର ଅନ୍ୟ ନାମ ଶାରଦା । ଶରତ କାଳ ବା ଆଶ୍ୱିନ ମାସରେ ମା ଦୁର୍ଗାଙ୍କ ଆର୍ବିଭାବକୁ ଅକାଳବୋଧନ ବୋଲି ମଧ୍ୟ କୁହାଯାଏ । ଦୁଷ୍ଟଶକ୍ତି ରାବଣର ନିଧନ ପାଇଁ ଅକାଳ ବା ଅସମୟରେ ପ୍ରଭୁ ରାମଚନ୍ଦ୍ର ଭଗବତୀଙ୍କୁ ଆରାଧନା କରିଥିଲେ । କେଉଁ ମଣ୍ଡପରେ ଷୋହଳ ଦିନ ବ୍ୟାପୀ ମାଙ୍କର ଷୋଡଷ ପୂଜା ତ କେଉଁଠି ନଅ ଦିନ ବ୍ୟାପୀ ନବ ଦିନାତ୍ମକ ପୂଜା କରାଯାଏ । ମା ଆସନ୍ତୁ । ସମସ୍ତଙ୍କ ଜୀବନ ମଧୁମୟ ହେଉ । ଜୀବନ ସତ୍ୟ, ଶିବ, ସୁନ୍ଦର ହେଉ, ପ୍ରତିଟି ପ୍ରାଣରେ ପ୍ରତିଷ୍ଠିତ ହେଉ - ସତ୍‌ଚିନ୍ତା, ସଦ୍‌ଭାବନା, ଦିବ୍ୟଜ୍ଞାନ ଆଉ ପବିତ୍ରତା । ମା ଦୁର୍ଗା ସମସ୍ତ ପରିବେଶକୁ ପ୍ରଦୂଷଣମୁକ୍ତ କରି ମଧୁମୟ କରନ୍ତୁ । ଆମ ହୃଦୟରୁ କଳୁଷିତ ଓ ଆସୁରିକ ପ୍ରବୃତ୍ତିକୁ ଧ୍ୱଂସ କରି କ୍ଷମାଗୁଣରେ ଭରପୂର କରନ୍ତୁ । ଧରା ଧାରାରେ ପରିଣତ ହେଉ । ଶରତର ଶୁଭ୍ରତା ପରି ସଂପର୍କ ମଧୁର ହେଉ ।

*ଭୁଷଳ, ଭୁବନ, ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*







# ୬୭୦୦ କୋଟି ଟଙ୍କାର ୨ ପ୍ରସ୍ତାବିତ ରେଳ ପ୍ରକଳ୍ପରୁ ଓଡିଶାରେ ଗୋଟିଏ

**ନୂଆଦିଲ୍ଲୀ, (ପିଆଇବି):** ପ୍ରଧାନମନ୍ତ୍ରୀ ଗତିଶକ୍ତି ଅଧୀନରେ ୫୬ତମ ନେଟୱାର୍କ ପ୍ଲାନିଂ ଗ୍ରୁପ୍ (ନେଟୱର୍କ ଯୋଜନା ଗୋଷ୍ଠୀ) ବୈଠକରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ (ଏମ୍‌ଓଆର୍ଟିଏଚ୍) ର ୪ଟି ପ୍ରକଳ୍ପ ଏବଂ ରେଳ ମନ୍ତ୍ରଣାଳୟର ୨ଟି ପ୍ରକଳ୍ପ ସମେତ ୬ଟି ପ୍ରକଳ୍ପ ପ୍ରସ୍ତାବର ଆକଳନ କରାଯାଇଥିଲା, ଯାହାର ସମୁଦାୟ ବ୍ୟୟ ଅଟକଳ ପ୍ରାୟ ୫୨,୦୦୦ କୋଟି ଟଙ୍କା ରହିଛି । ଲଜିଷ୍ଟିକ୍ସ, ଶିଳ୍ପ ସମ୍ବର୍ଦ୍ଧନ ଓ ଆନ୍ତରିଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି)ର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସୁମିତା ଡାୱ୍ରାଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀର ଯଶୋଭୂମି କନଭେନ୍ସନ୍ ସେଣ୍ଟରରେ ୫୬ତମ ଏନ୍‌ପିଜି ବୈଠକ ଅନୁଷ୍ଠିତ ହୋଇଥିଲା । ପିଏମ୍ ଗତିଶକ୍ତି ଆଭିମୁଖ୍ୟ ଆରମ୍ଭ ହେବା ପର ଠାରୁ ଏନ୍‌ପିଜି ଦ୍ୱାରା ଆକଳନ କରାଯାଇଥିବା ମୋଟ ପ୍ରକଳ୍ପ ପ୍ୟୟ ପ୍ରାୟ ୧୧.୫୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବା ସହିତ ପ୍ରକଳ୍ପ ସଂଖ୍ୟା ୧୧୨ ହୋଇଯାଇଛି । ଏମଓଆରଟିଏଚ୍ ପ୍ରାୟ ୪୫୦୦୦ କୋଟି ଟଙ୍କାର ୪ଟି ସଡ଼କ ପ୍ରକଳ୍ପ ଏନପିଜି ନିକଟରେ ଉପସ୍ଥାପିତ କରିଥିଲା ଏବଂ ଏଥିରେ ଗତିଶକ୍ତି ନିୟମାବଳୀର ଅନୁପାଳନ ପ୍ରଦର୍ଶନ କରିଥିଲା । ଏହି ବୈଠକରେ, ପ୍ରାୟ ୬୭୦୦ କୋଟି ଟଙ୍କାର ମୋଟ ପ୍ରକଳ୍ପ ବ୍ୟୟରେ ଦୁଇଟି ରେଳ ପ୍ରକଳ୍ପ ପ୍ରସ୍ତାବକୁ ଆକଳନ କରାଯାଇଥିଲା । ଏହା ମଧ୍ୟରୁ ଗୋଟିଏ ପ୍ରସ୍ତାବିତ ଗ୍ରୀନଫିଲ୍ଡ ରେଳଲାଇନ ପ୍ରକଳ୍ପ ଓଡ଼ିଶାରେ ଅବସ୍ଥିତ ଏବଂ ଏହା ଗଞ୍ଜାମ, ନୟାଗଡ଼, କନ୍ଧମାଳ, ବୌଦ୍ଧ, ସମ୍ବଲପୁର ଓ ଅନୁଗୁଳ ଜିଲ୍ଲା ଦେଇ ଯିବ । ଏହା ପଶ୍ଚିମ ଓଡ଼ିଶାର ଶିଳ୍ପ ଓ ଖଣିଜ କ୍ଲଷ୍ଟରକୁ ପୂର୍ବତଟ ବନ୍ଦର ସହ ସଂଯୋଗ କରିବ । ଏହା ବ୍ୟତୀତ ପୂର୍ବ ଛତିଶଗଡ଼ ଶିଳ୍ପ କ୍ଲଷ୍ଟର ଗୁଡ଼ିକର ପୂର୍ବତଟ ବନ୍ଦର ସହିତ ସଂଯୋଗ ଦୂରତା କମ୍ ହେବ । ଏହି ରେଳଲାଇନ କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ଆଦିବାସୀ ଅଂଚଳରେ ସାମଗ୍ରିକ ସାମାଜିକ ଓ ଅର୍ଥନୈତିକ ବିକାଶ ଆଣିବ ଏବଂ ପ୍ରସ୍ତାବିତ ଲାଇନରେ ନୂତନ ଶିଳ୍ପ କରିଡର ପାଇଁ ସୁଯୋଗ ଉନ୍ମୁକ୍ତ କରିବ ବୋଲି ଆଶା କରାଯାଉଛି । ଅନ୍ୟ ଏକ ପ୍ରସ୍ତାବିତ ରେଳ ପ୍ରକଳ୍ପ କେରଳ ରାଜ୍ୟରେ ଅବସ୍ଥିତ ଏବଂ ଏଥିରେ ରେଳ ଲାଇନର ଦୋହରୀକରଣ ଅନ୍ତର୍ଭୁକ୍ତ । ପ୍ରସ୍ତାବିତ ଭିତ୍ତିଭୂମି ବୃଦ୍ଧି ଦକ୍ଷିଣ ରେଳପଥର ଏକ ଅତ୍ୟଧିକ ଚାପଗ୍ରସ୍ତ କରିଡରରେ ରେଳ ଚଳାଚଳର ଗୁଣବତ୍ତାରେ ଉନ୍ନତି ଆଣିବ । ଏହା ବ୍ୟତୀତ ଏହା ଦ୍ୱାରା ଉଭୟ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନର ଯାତ୍ରା ସମୟ ହ୍ରାସ ପାଇବ । ପ୍ରଥମ ପ୍ରସ୍ତାବିତ ସଡକ ପ୍ରକଳ୍ପ ହେଉଛି ଗୁଜରାଟ ଏବଂ ମହାରାଷ୍ଟ୍ର ରାଜ୍ୟରେ ଅବସ୍ଥିତ ଏକ ଗ୍ରୀନଫିଲ୍ଡ ମାର୍ଗ, ଯାହା କେବଳ ନବସାରୀ, ନାସିକ, ଅହମ୍ମଦନଗର ଜିଲ୍ଲାର ଶିଳ୍ପାଞ୍ଚଳ ନୁହେଁ ବରଂ ଏହି ଅଞ୍ଚଳର କୃଷି କ୍ଷେତ୍ରକୁ ମଧ ଉପକୃତ କରିବ । ଏହା ବ୍ୟତୀତ ଏହି ପ୍ରକଳ୍ପ ନବସାରୀ, ବଲସାଦ ଏବଂ ନାସିକ ଭଳି ଆଦିବାସୀ ଜିଲ୍ଲା ଗୁଡ଼ିକର ସାମଗ୍ରିକ ସାମାଜିକ - ଅର୍ଥନୈତିକ ବିକାଶରେ ସହଜ ଏବଂ ସୁବିଧାଜନକ ଯୋଗାଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏହା ଦ୍ୱାରା ଏହି ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ର ମଧ ଉପକୃତ ହେବ ଏବଂ ଉସମାନବାଦ ଭଳି ଆକାଂକ୍ଷୀ ଜିଲ୍ଲା ଗୁଡ଼ିକୁ ମଧ ସଂଯୋଗ କରିବ । ଦ୍ୱିତୀୟ ଗ୍ରୀନଫିଲ୍ଡ ରାସ୍ତା ପ୍ରକଳ୍ପ ମଧ ଗୁଜରାଟ ରାଜ୍ୟରେ ଅବସ୍ଥିତ, ଯାହା ବନସକଣ୍ଠା, ପାଟନ, ମହେସାନା, ଗାନ୍ଧୀନଗର ଏବଂ ଅହମ୍ମଦାବାଦ ଜିଲ୍ଲା ଦେଇ ଯିବ । ଏହା ଅମୃତସର - ଜାମନଗର ଅର୍ଥନୈତିକ କରିଡରକୁ ଅହମ୍ମଦାବାଦ ଏବଂ ଭଦୋଦରା ସହିତ ସଂଯୋଗ କରିବ ଏବଂ ପରିବହନର ଅନ୍ୟାନ୍ୟ ମାଧମ ସହିତ ସମନ୍ୱିତ ହେବ, ଯାହା ଫଳରେ ଏହି ଅଞ୍ଚଳରେ ବହୁମୁଖୀ ପ୍ରୋତ୍ସାହନ ଏବଂ ଉପଯୋଗ କ୍ଷେତ୍ରରେ ଏହା ଯୋଗଦାନ କରିବ । ପ୍ରସ୍ତାବିତ ତୃତୀୟ ସଡ଼କ ପ୍ରକଳ୍ପ ବିହାର ରାଜ୍ୟରେ ଅବସ୍ଥିତ ଏବଂ ଏଥିରେ ଭାରତମାଳା ପରିଯୋଜନା ଅଧୀନରେ ପାଟନା - ଆରା - ସାସାରାମ କରିଡରର ୪ ଲେନ୍ ରାସ୍ତା ନିର୍ମାଣ ଅନ୍ତର୍ଭୁକ୍ତ । ଆଦିବାସୀ ଅଞ୍ଚଳ ସମେତ ବାମପନ୍ଥୀ ଉଗ୍ରବାଦ (ଏଲଡବ୍ଲୁଇ) ପ୍ରଭାବିତ ଜିଲ୍ଲା ମାନଙ୍କରେ ଏହି ପ୍ରକଳ୍ପ ସାମାଜିକ - ଅର୍ଥନୈତିକ ବିକାଶ ଆଣିବ ବୋଲି ଆଶା କରାଯାଉଛି । ଏହି ପ୍ରକଳ୍ପ ପୂର୍ବରୁ ରହିଥିବା ମାର୍ଗ ଏବଂ ଯାତ୍ରା ସମୟକୁ ହ୍ରାସ କରି ଲଜିଷ୍ଟିକ୍ ଦକ୍ଷତାରେ ଉନ୍ନତି ଆଣିବା କ୍ଷେତ୍ରରେ ସହାୟକ ହେବ ଏବଂ ଉତ୍ତର ପ୍ରଦେଶରୁ ପୂର୍ବାଂଚଳ ଏକ୍ସପ୍ରେସୱେ ଦେଇ ଏବଂ ଝାଡ଼ଖଣ୍ଡ ଏବଂ ପାଟନା ଅଭିମୁଖେ ଯାଉଥିବା ଟ୍ରାଫିକ୍ ପାଇଁ ନିରବଚ୍ଛିନ୍ନ ଯୋଗାଯୋଗ ପ୍ରଦାନ କରିବ । ଏହା ଏହି ଅଞ୍ଚଳର ଜଳପଥକୁ ମଧ ସମନ୍ୱିତ କରିବ । ଏହି ବୈଠକରେ ଆଲୋଚନା ହୋଇଥିବା ଚତୁର୍ଥ ସଡ଼କ ପ୍ରକଳ୍ପ ଉତ୍ତରପ୍ରଦେଶରେ ଅବସ୍ଥିତ ଏବଂ ଏହା ମଧପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡ ମଧ୍ୟରେ ଆନ୍ତଃରାଜ୍ୟ ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ କରାଯାଉଛି । ଏହି ବୈଠକରେ ଏନପିଜି ସ୍ୱୀକାର କରିଛି ଯେ ଏହି ପ୍ରକଳ୍ପ ଗୁଡିକ ଶିଳ୍ପ ବିକାଶର ଦ୍ୱାର ଉନ୍ମୁକ୍ତ କରି ଅନେକ ଆକାଂକ୍ଷୀ ଜିଲ୍ଲା ଏବଂ ଆଦିବାସୀ ଜିଲ୍ଲାକୁ ଉପକୃତ କରିବ । ଏହି ବୈଠକରେ ସଦସ୍ୟ ବିଭାଗ ଓ ମନ୍ତ୍ରଣାଳୟ, ଯଥା : ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ରେଳ ମନ୍ତ୍ରଣାଳୟ, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ, ଶକ୍ତି ମନ୍ତ୍ରଣାଳୟ, ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ, ଦୂରସଂଚାର ବିଭାଗ ଏବଂ ନୀତି ଆୟୋଗର ବରିଷ୍ଠ ଅଧିକାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



# ରାଜ୍ୟର ଚାଷୀଙ୍କ ମାସିକ ଆୟ ଦେଶରେ ତଳଆଡୁ ଦ୍ୱିତୀୟ



**ଭୁବନେଶ୍ୱର:** ଓଡ଼ିଶାର ଚାଷୀଙ୍କ ମାସିକ ଆୟ ଅତ୍ୟନ୍ତ ଦୟନୀୟ। ଜାତୀୟ ନମୁନା ସର୍ବେକ୍ଷଣ ୨୦୧୮-୧୯ ଅନୁଯାୟୀ ଓଡ଼ିଶା ଦେଶରେ ତଳଆଡୁ ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶା ତଳକୁ କେବଳ ଝାଡ଼ଖଣ୍ଡ ରହିଛି। ଏପରିକି ଦେଶରେ କୃଷକଙ୍କ ମାସିକ ହାରହାରି ଆୟଠାରୁ ମଧ୍ୟ ରାଜ୍ୟର କୃଷକଙ୍କ ମାସିକ ଆୟ ପ୍ରାୟ ଅଧା। ପୂର୍ବରୁ ଦେଶର ଯେଉଁ ରାଜ୍ୟଗୁଡ଼ିକରେ କୃଷକଙ୍କ ମାସିକ ଆୟ ଓଡ଼ିଶା ତୁଳନାରେ କମ୍ ରହିଥିଲା ସେସବୁ ରାଜ୍ୟ ଏବେ ଓଡ଼ିଶାକୁ ଟପି ଯାଇଛନ୍ତି। ରାଜ୍ୟରେ କୃଷକଙ୍କ ଆୟ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଏକପ୍ରକାର ବିଫଳ ହୋଇଛି। ରାଜ୍ୟ ସରକାର ଦେଇଥିବା ସୂଚନା ଅନୁସାରେ ଜାତୀୟ ନମୁନା ସର୍ବେକ୍ଷଣର ରିପୋର୍ଟରେ ରାଜ୍ୟର କୃଷକ ପରିବାରର ମାସିକ ଆୟ ୨୦୦୩ ମସିହାରେ ଥିଲା ୧୦୬୨ ଟଙ୍କା। ୨୦୧୨-୧୩ରେ ଏହା ବୃଦ୍ଧି ପାଇ ୪୯୭୬ରେ ପହଞ୍ଚିଥିଲା। ୨୦୧୮-୧୯ ରିପୋର୍ଟରେ କୃଷକଙ୍କ ଆୟ ୫୧୧୨ଟଙ୍କାକୁ ବୃଦ୍ଧି ପାଇଛି। ଦେଶରେ ହାରାହାରି ମାସିକ ଆୟ ୧୦,୨୧୮ ଟଙ୍କା ରହିଛି। ଝାଡ଼ଖଣ୍ଡରେ କୃଷକଙ୍କ ମାସିକ ଆୟ ୪୮୯୫ ଟଙ୍କା ରହିଛି, ଯାହାକି ଓଡ଼ିଶା ତୁଳନାରେ କମ୍। ରାଜ୍ୟ ଭିତରେ ମେଘାଳୟରେ କୃଷକଙ୍କ ମାସିକ ଆୟ ସର୍ବାଧିକ ୨୯,୪୩୮ ଟଙ୍କା ରହିଛି। ଏହାପରେ ପଞ୍ଜାବରେ ୨୬,୭୦୧ ଟଙ୍କା ଓ ହରିୟାନାରେ ୨୨,୮୪୧ ଟଙ୍କା ରହିଛି। ୨୦୧୨-୧୩ ମସିହାରେ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ବିହାର ଆଦି ରାଜ୍ୟରେ କୃଷକଙ୍କ ମାସିକ ଆୟ ଓଡ଼ିଶା ତୁଳନାରେ କମ୍ ରହିଥିଲା। ମାତ୍ର ୨୦୧୮-୧୯ବର୍ଷରେ ଏସବୁ ରାଜ୍ୟ କୃଷକଙ୍କ ମାସିକ ଆୟରେ ଓଡ଼ିଶାକୁ ଟପି ଯାଇଛନ୍ତି। ୬ବର୍ଷରେ ଓଡ଼ିଶାରେ ଚାଷୀଙ୍କ ଆୟ ୧୩୬ ଟଙ୍କା ବଢ଼ିଛି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ କୃଷକ ପରିବାରର ଆୟ ଆକଳନ ପାଇଁ ନିୟମିତ ସର୍ଭେ କରି ନ ଥାଏ। ଏହାକୁ କେନ୍ଦ୍ରୀୟ ପରିସଂଖ୍ୟାନ ମନ୍ତ୍ରାଳୟ ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟର ପରିକ୍ରମା ଅନୁଯାୟୀ ସର୍ଭେ କରାଯାଇଥାଏ।

# ଭୀମ ପୃଷ୍ଟିଙ୍କୁ ଶାରଳା ପୁରସ୍କାର

**ଭୁବନେଶ୍ୱର:** କଥାକାର ଭୀମ ପୃଷ୍ଟି ପାଇବେ ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର'। ପଶ୍ଚିମା ପବ୍ଲିକେଶନ୍ ଦ୍ୱାରା ୨୦୧୭ରେ ପ୍ରକାଶିତ ତାଙ୍କର ପ୍ରସିଦ୍ଧ ଉପନ୍ୟାସ 'ଜମ୍ବୁଲୋକ' ପାଇଁ ତାଙ୍କୁ ଏହି ପୁରସ୍କାର ଦିଆଯିବ। ଆସନ୍ତା ଅକ୍ଟୋବର ୨୬ତାରିଖରେ ଆୟୋଜିତ ହେବାକୁ ଥିବା ଏକ ସାରସ୍ୱତ ସମାବେଶରେ ତାଙ୍କୁ ପୁରସ୍କୃତ କରାଯିବ। ପୁରସ୍କାର ବାବଦକୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହ ପାଞ୍ଚ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ଇମ୍ପା ଚାରିଟେବଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରତିବର୍ଷ ଶ୍ରେଷ୍ଠ ସାହିତ୍ୟକୃତି ପାଇଁ ଏହି ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ପ୍ରଦାନ କରାଯାଇଥାଏ। ସେହିପରି କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ୨ଜଣଙ୍କ ନାମ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ-୨୦୨୩' ପାଇଁ ଘୋଷଣା କରାଯାଇଛି। ପଟ୍ଟଚିତ୍ରର ଅଦ୍ୱିତୀୟ ଶିଳ୍ପୀଗୁରୁ

**ଉପନ୍ୟାସ 'ଜମ୍ବୁଲୋକ' ପାଇଁ ହେବେ ସମ୍ମାନିତ**

ବେଣୁଧର ମହାପାତ୍ର ଏବଂ ପ୍ରସିଦ୍ଧ ବଂଶୀବାଦକ ଗୁରୁ ମୋହିନୀ ମୋହନ ପଟ୍ଟନାୟକଙ୍କୁ ଚଳିତ ବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ଦୁଇ ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ।



ସୂଚନାଯୋଗ୍ୟ, ଭୀମ ପୃଷ୍ଟିଙ୍କ 'ଜମ୍ବୁଲୋକ' ସହ ବିଜୟ କୁମାର ଶତପଥୀଙ୍କ 'ନଷ୍ଟନୀଡ଼ର ଉପକଥା', ଅପର୍ଣ୍ଣା ମହାନ୍ତିଙ୍କ 'ଅଗ୍ନି କମଳିନୀ', ଅମରେଶ ପଟ୍ଟନାୟକଙ୍କ 'ଚାହଁ ବା ନଚାହଁ', ସରୋଜିନୀ ସାହୁଙ୍କ 'ଦାଦନ', ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'କାନୀନ' ଏବଂ ପ୍ରଦୀପ କୁମାର ପଣ୍ଡାଙ୍କ 'ଯାହା ମୁଁ ଚାହୁଁ ନଥିବି' ଚୂଡ଼ାନ୍ତ ପର୍ଯ୍ୟାୟରେ ବିଚାର ପ୍ରକ୍ରିୟାରେ ସାମିଲ ହୋଇଥିଲା। ପ୍ରାଥମିକ ପୁସ୍ତକ ଚୟନମଣ୍ଡଳୀରେ ସୀତେଶ ତ୍ରିପାଠୀ, ଡ. ସୁଚେତା ମିଶ୍ର, ଡ. ପରମେଶ୍ୱର ମୁଣ୍ଡ, ବୈଜୟନ୍ତୀ ମିଶ୍ର ଓ ଡ. ପ୍ରୀତିଧାରା ସାମଲ ବିଚାରକ ଥିଲା ବେଳେ ଚୂଡ଼ାନ୍ତ ପର୍ଯ୍ୟାୟରେ ବିଚାରକ ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ, ଡ. ମୃଣାଳ ଚାଟାର୍ଜୀ,ଡ. ପ୍ରସନ୍ନ କୁମାର ମହାନ୍ତି, ଡ. ଯଶୋଧାରା ମିଶ୍ର, ରଞ୍ଜନ କୁମାର ଦାସ, ଚିରଶ୍ରୀ ଇନ୍ଦ୍ରସିଂ ଏବଂ ଆଦିତେଶ୍ୱର ମିଶ୍ର ଥିଲେ। ସେହିପରି ସଙ୍ଗୀତ ବିଭାଗରେ ଅରୁଣା ମହାନ୍ତି, ରତିକାନ୍ତ ମହାପାତ୍ର, ମିତାଲି ଚିନାରା ଏବଂ ଚିତ୍ରକଳା ବିଭାଗରେ ପଞ୍ଚମୀ ମାନୁ ଉକିଲ, ବିୟପ୍ରଜ୍ଞା ତ୍ରିପାଠୀ ଓ ରମାକାନ୍ତ ସାମନ୍ତରାୟ ବିଚାରକ ଭାବେ ଥିଲେ।

# ଦୁଇ ବର୍ଷରେ ସାପ କାମୁଡାରେ ୧୩୩୬ ମୃତ

**ଭୁବନେଶ୍ୱର:** ବିଧାନସଭା ମୌସୁମୀ ଅଧିବେଶନରେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ଏକ ପ୍ରଶ୍ନ କରିଥିଲ। ରାଜ୍ୟରେ ସାପକାମୁଡାରେ, ବଜ୍ରପାତରେ, ବାଘ ଓ କୁମ୍ଭୀର ଖାଇ ମାରିଦେବା, ହାତୀ ଆକ୍ରମଣରେ କେତେ ଜଣ ଗତ ୨ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଛନ୍ତି। ସେବାବଦକୁ ସରକାର କ୍ଷତିପୂରଣ ଓ ଅନୁକମ୍ପାମୂଳକ ସହାୟତା ରାଶି କେତେ ଜଣଙ୍କୁ କେତେ ଟଙ୍କା ଲେଖାଏଁ ଅନୁଦାନ ଦେଇଛନ୍ତି। ଏହାର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ



ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିକହିଥିଲେ ଯେ, ବିଗତ ୨ ବର୍ଷ ମଧ୍ୟରେ (୨୦୨୧- ୨୨ ରୁ ୨୦୨୨-୨୩) ରାଜ୍ୟରେ ସାପ କାମୁଡାରେ ୧୩୩୬ ଜଣ ମୃତ୍ୟୁବରଣ କରିଥିବା ବେଳେ ୪୨୪ ଜଣ ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତି। ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ କ୍ଷତିଗ୍ରସ୍ତ ପରିବାରକୁ ଜଣଙ୍କ ପିଛା ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଅଛି। ପାଣିରେ ବୁଡି ମୃତ୍ୟୁବରଣ କଲେ ସରକାର ଜଣଙ୍କ ପିଛା ୪ ଲକ୍ଷ ଟଙ୍କା ଲେଖାଏଁ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରୁଛନ୍ତି। ଆତ୍ମହତ୍ୟା କରିବା ପାଇଁ ନଦୀକୁ ଡେଇଁବା ଜନିତ ମୃତ୍ୟୁ ଏବଂ ବିଷଖାଇ ମୃତ୍ୟୁବରଣ କଲେ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ କୌଣସି ସହାୟତା ରାଶି ପ୍ରଦାନ କରାଯାଇ ନ ଥାଏ। ବିଗତ ୨ ବର୍ଷ ମଧ୍ୟରେ (୨୦୨୧-୨୨ ରୁ ୨୦୨୨-୨୩) ବାଘ ଆକ୍ରମଣରେ କେହି ମୃତାହତ ହୋଇନଥିବା ବେଳେ, କୁମ୍ଭୀର ଆକ୍ରମଣରେ ୧୧ ଜଣ ଓ ହାତୀ ଆକ୍ରମଣରେ ୨୫୯ ଜଣ ମୃତ୍ୟୁବରଣ କରିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପ୍ରତ୍ୟେକ ମୃତ ବ୍ୟକ୍ତିପିଛା ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଅଛି। ଚଳିତ ବର୍ଷ 'ମଇ'୨୨ ଠାରୁ ଅନୁକମ୍ପାମୂଳକ ସହାୟତା ରାଶି ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି।

### ବିଧାନସଭାରେ ବିରୋଧୀ ଦଳ ନେତାଙ୍କ ପ୍ରଶ୍ନ

# ସିଏମଓ କହିଲେ କଣ କେବଳ ଜଣେ ବ୍ୟକ୍ତିଙ୍କୁ ବୁଝାଏ ?

**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ଦୁଇ ଥର ନବ ଦାସ ଓ ୫-ଟି ପ୍ରସଙ୍ଗରେ ନିଜଆଡୁ ବିବୃତି ଗୃହରେ ରଖିଲେ। କିନ୍ତୁ ଯେଉଁ କଲେଜ ଛାତ୍ରଛାତ୍ରୀମାନଙ୍କୁ ବୁହା ହୋଇ ଅଣାଗଲା ସେଇଟା କେଉଁ ପ୍ରକାର ଜନ ଶୁଣାଣି। ହେଲିକପ୍ଟର ହିସାବ ଆମେ ମାଗି ନଥିଲୁ ସେଇଟା ଦେଲେ ଆଉ କହିଲେ ୪୦ କୋଟି ବୋଲି। କିନ୍ତୁ ଟେଷ୍ଟ ଓ ଚେୟାର ପକେଇବା ପାଇଁ ହୋଇଥିବା ଖର୍ଚ୍ଚ କେତେ? ସିକ୍ୟୁରିଟି ଆରେଞ୍ଜମେଣ୍ଟର ଖର୍ଚ୍ଚ କେତେ ତାହାର ହିସାବ ଦିଅନ୍ତୁ ମୁଖ୍ୟମନ୍ତ୍ରୀ। ବିଧାନସଭାରେ ଏଭଳି ପ୍ରଶ୍ନ କରିଥିଲେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର। ବିରୋଧୀ ଦଳ ନେତା ଆହୁରି କହିଛନ୍ତି, ପାଲଲହଡା ବିଧାୟକଙ୍କ ବାହାଘର ଓ ତାଳଚେର ବିଧାୟକଙ୍କ ବାପାଙ୍କ ଶୁଦ୍ଧିକ୍ରିୟାରେ ୫-ଟି ସଚିବ ଯିବା ସମୟରେ ହେଲିକପ୍ଟର ବ୍ୟବହାର କଣ ପାଇଁ ହେଲା? କଟକ ଓ ଖୋର୍ଦ୍ଧା କେତେ ଦୂର? ମନ୍ତ୍ରୀ ପ୍ରଦୀପ ଅମାତଙ୍କ ନାଁରେ ବୁକ ଥିବା ହେଲିକପ୍ଟରକୁ କଟକ ଯିବା ପାଇଁ ୫-ଟି ସଚିବ ବ୍ୟବହାର କଲେ କେମିତି? ଜଣେ



ବ୍ୟକ୍ତି କଣ ସିଏମଓ? ସିଏମଓ କହିଲେ କଣ କେବଳ ଜଣେ ବ୍ୟକ୍ତି କି? ଅଭିଯୋଗ ଶୁଣାଣି ପାଇଁ ଏତେ ବ୍ୟବସ୍ଥା ଥିବା ସତେ ଜଣେ ଯଦି ଅଭିଯୋଗ ଶୁଣିବ ତେବେ ଆମେ ଏତେ ଧଳା ହାତୀ କାହିଁକି ପୋଷିବା? ସରକାରକୁ ଏଠି ଲିଜରେ ଦେଇ ଦିଆଯାଇଛି। ବିରୋଧୀଙ୍କୁ ଶୂନ୍ୟକାଳରେ ଟାର୍ଗେଟ କରି ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ବିରୋଧୀ ଜ୍ଞାନ ବାଣ୍ଟୁଛନ୍ତି କିନ୍ତୁ ଜ୍ଞାନ ଗ୍ରହଣ କରୁନାହାନ୍ତି। ବିଧାନସଭା ଜ୍ଞାନ ବିତରଣ ସଭା ନୁହେଁ, ଗୃହରେ ଯାହା ଚାହିଁବେ ତାହା କହିବେ। ସୁପର ସିଏମ ଶବ୍ଦକୁ ବାଦ ଦେବାକୁ ଅରୁଣ ବାଚସ୍ପତିଙ୍କୁ ଦାବି କରିଛନ୍ତି। ଏପଟେ ଯେଉଁମାନେ ଅଭିଯୋଗ ଆଣୁଛନ୍ତି, ସେମାନଙ୍କ ମେଣ୍ଟାଲ ହେଲଥ ଭଲ ନାହିଁ, ସମ୍ପୂର୍ଣ୍ଣ ତଥ୍ୟ ନେଇକି ଆସନ୍ତୁ। ଯେଉଁମାନେ କହୁଛନ୍ତି ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନର ଯାଉନାହାନ୍ତି ତେବେ କୋଭିଡରେ କିଏ ଯାଉଥିଲେ? ୫-ଟି ହେଉଛି ଏକ କନସେପ୍ଟ, ଯିଏ ପ୍ରଭାବିତ ହୁଅନ୍ତୁ କି ନ ହୁଅନ୍ତୁ କିନ୍ତୁ ଦୁଇ ବିରୋଧୀ ମିଶ୍ର ବେଶୀ ପ୍ରଭାବିତ ହୋଇଛନ୍ତି। ୫-ଟିକୁ ଦୁଇ ମିଶ୍ର ପିଇ ଦେଇଛନ୍ତି। ୫-ଟି ଯୋଗୁଁ କଣ ହୋଇଛି ଆଗ ନିଜ ନିର୍ବାଚନ ଅଞ୍ଚଳର ବିକାଶକୁ ଦେଖନ୍ତୁ। ମୁଁ ବିତର୍କ କୁ ଆହ୍ୱାନ କରୁଛି, ଯଦି ୫-ଟି ଦ୍ୱାରା ତାଙ୍କ ଅଞ୍ଚଳରେ କିଛି ହୋଇନଥିବ ତେବେ ମୁଁ ରାଜନୀତିରୁ ସନ୍ନ୍ୟାସ ନେବି।

# ବିରୋଧୀଙ୍କୁ ମୁଖ୍ୟମନ୍ତ୍ରୀ ଜନ ବିରୋଧୀ କହିବା ଠିକ୍ ନୁହେଁ: ନରସିଂହ

**ଭୁବନେଶ୍ୱର :** ଗାନ୍ଧୀ ମାର୍ଗରେ ଆନ୍ଦୋଳନକାରୀଙ୍କ ପ୍ରସଙ୍ଗ ଉଠାଇଥିଲେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର। ସେ ଗୃହରେ ଶୂନ୍ୟକାଳରେ ଦୃଷ୍ଟି ଆକର୍ଷଣ କରି କହିଥିଲେ, ଆନ୍ଦୋଳନକାରୀଙ୍କ ଭୁଲ୍ କ'ଣ? କଣ ହକ ମାଗିପାରି ବେନି ସେମାନେ। ସିଏମଓ କାହିଁକି ତାଙ୍କ ସମସ୍ୟା ବୁଝିବାକୁ ଯାଉନି ବୋଲି ସେ ପ୍ରଶ୍ନ କରିଛନ୍ତି। ଗୃହରେ କହୁଛନ୍ତି କି ସିଏମଓ ଯାଉଛି ଲୋକଙ୍କ କଥା ବୁଝିବା ପାଇଁ। କିନ୍ତୁ ବାସ୍ତବରେ କଣ ବରଗଡ଼ ସଭାରେ କହିଲେ ମୋର ବ୍ୟକ୍ତିଗତ ସଚିବଙ୍କୁ ଆପଣଙ୍କ ସମସ୍ୟା ବୁଝିବାକୁ ଛାଡିଛି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଚିଠି ଯାଉଛି କି ୫-ଟି ଆସୁଛନ୍ତି ବୋଲି, କିନ୍ତୁ ଏଠି ଏତେ ଦ୍ୱନ୍ଦ୍ୱ କଣ ପାଇଁ ସୃଷ୍ଟି କରିଛନ୍ତି ସରକାର। ନରସିଂହ ମିଶ୍ର ଆହୁରି କହିଛନ୍ତି, ଶାସକ ଦଳର ମନ୍ତ୍ରୀ, ବିଧାୟକ ଓ ସାଂସଦଙ୍କୁ ଚଉକି ବୋହିବା, ଗାତ ଖୋଳିବା ଓ ଲୋକଙ୍କୁ ଆଣି ସଚିବଙ୍କ ସଭା ବାନ୍ଧିବା ପାଇଁ କୁହାଯାଉଛି। ଯାହା ସେହି ଦୃଶ୍ୟଗୁଡ଼ିକ ପ୍ରମାଣ କରୁଛି। ଅଭିଯୋଗ କଥା କହୁଛନ୍ତି, କିନ୍ତୁ



ଛାତ୍ରମାନେ କଣ ଗ୍ରିଭାନ୍ସ ପାଇଁ ଯାଉଥିଲେ କି? ଯଦି ଯାଇଥିଲେ ସେ ସମସ୍ୟା କେତେ କାମ ହୋଇଛି ତାହା କାଲି ଶିକ୍ଷା ମନ୍ତ୍ରୀଙ୍କ ଉତ୍ତର ହିଁ ବାସ୍ତବ ଜଣା ପଡୁଛି। ଗୃହକୁ ବିଭ୍ରାନ୍ତ କରାଯାଉଛି ଆଉ କିଛି ନାହିଁ। ଗ୍ରିଭାନସର ଅର୍ଥ ନୁହେଁ ପଇସା ବାଣ୍ଟିବା।ଗ୍ରିଭାନସର ଅର୍ଥ ନୁହେଁ କି ଶାସକ ଦଳକୁ ନିର୍ବାଚିତ କରିବାକୁ। ବିରୋଧୀଙ୍କୁ ମୁଖ୍ୟମନ୍ତ୍ରୀ ଜନ ବିରୋଧୀ କହିବା ଠିକ୍ ନୁହେଁ, ଏହା ଅଗଣତାନ୍ତ୍ରିକ। କାଲିକି ହୁଏତ କହିପାରନ୍ତି ମୋ ବ୍ୟକ୍ତିଗତ ସଚିବ ବିଧାନସଭାରେ ଉତ୍ତର ଦେବେ। ରାଜ୍ୟରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ଗୁମସ୍ତା ଶାସନ ଚାଲିଛି। କେନ୍ଦ୍ର ସରକାର ଚିଠି କରିଛନ୍ତି ତାଙ୍କ ଉପରେ ତଦନ୍ତ କରିବାକୁ, କିନ୍ତୁ ତାହା ହୋଇ ପାରୁନି କାହିଁକି? ଆଉ ବିଜେପି ସଦସ୍ୟ ଗୃହରେ କହୁଛନ୍ତି ଠିକ୍ କଥା, କିନ୍ତୁ ବାସ୍ତବରେ ତାଙ୍କ ଗୃହମନ୍ତ୍ରୀ ଆସି ସଚିବଙ୍କ ସହ ୱାନ ଠୁ ୱାନ ଆଲୋଚନା କରିବାର ମାନେ କ'ଣ? ଏଣେ ବଲାଙ୍ଗୀର ପୌରାଧକ୍ଷଙ୍କ ବିରୁଦ୍ଧରେ ସ୍ୱାଧୀକାର ଭଙ୍ଗ ନୋଟିସ ଆଣିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର। ନରସିଂହଙ୍କ ଅଭିଯୋଗ ଯେ ତାଙ୍କୁ କୌଣସି ସରକାରୀ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଉ ନାହିଁ। କାହିଁକି ନିମନ୍ତ୍ରଣ ଦିଆ ଯାଉନାହିଁ, ବାଚସ୍ପତି ତାର ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କରିଛନ୍ତି ନରସିଂହ। ଏହା କେବଳ ମୋର ନୁହେଁ, ବିଧାୟକ ଭାବେ ସମସ୍ତଙ୍କର ଅପମାନ। ବାଚସ୍ପତି ଏହାର ଉତ୍ତରରେ କହିଥିଲେ ଯେ ମୁଁ ଏହାର ତଦନ୍ତ କରିବା ପରେ ଜଣାଇବି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286


# ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

**ପଡ଼ିଆ:** ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ଅନ୍ତର୍ଗତ ମାଟେରୁ ଓ ନିଳିଗୁଡା ପଞ୍ଚାୟତ ରେ ଆଜି ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ନେଇ ଏକ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଟେରୁ ଓ ନିଳିଗୁଡା ପଞ୍ଚାୟତରେ ଥିବା ମ୍ୟାଲେରିଆ ପ୍ରବଣ ଗାଁ ଗୁଡିକର ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସଂପାଦକ ଓ ସଦସ୍ୟ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉକ୍ତ ଶିବିର ରେ ମ୍ୟାଲେରିଆ ଜ୍ୱର କିପରି



ଅଞ୍ଚଳରୁ ଲୋପ ପାଇବ, ମଶାରୀର ବ୍ୟବହାର, ସ୍ୱଚ୍ଛତା ଏବଂ ଶୂନ୍ୟ ମ୍ୟାଲେରିଆ ଆମର ଲକ୍ଷ୍ୟ ବିଷୟରେ ସଚେତନ ସୃଷ୍ଟି କରାଯାଇଥିଲା। ଆଗାମୀ ଦିନରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନେ କିପରି ସକ୍ରିୟ ହୋଇ ଗାଁରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେଥିପ୍ରତି ଦୃଷ୍ଟି ଦେବା ନିମନ୍ତେ ପରାମର୍ଶ ଦିଆଗଲା। ଏହି କାର୍ଯ୍ୟକ୍ରମକୁ ପିଏଚଇଓ ନବୀନ ଚନ୍ଦ୍ର ସମରଥ ପରିଚାଳନା କରିଥିବା ବେଳେ ବିପିସି ରାଜେଶ ସହଯୋଗ କରିଥିଲେ।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ଉତ୍ତର ଭୁବନେଶ୍ୱର ବିକାଶ ପରିଷଦ ଗଠିତ

**ଭୁବନେଶ୍ୱର :** ସ୍ଥାନୀୟ ଜାଭିୟର ଛକ ସ୍ଥିତ ଏକ ତାରକା ହୋଟେଲରେ ଉତ୍ତର ଭୁବନେଶ୍ୱର ବିକାଶ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏ ଅଞ୍ଚଳର ବରିଷ୍ଠ ନାଗରିକ, ଯୁବକ ଏବଂ ଛାତ୍ର ନେତାମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ କରି ଏଭଳି ଏକ ଅନୁଷ୍ଠାନ ଜନ୍ମ ନେବା ପରେ ଉପସ୍ଥିତ ଥିବା ବୁଦ୍ଧିଜୀବୀମାନେ ଏହାକୁ ସ୍ୱାଗତ କରିଥିଲେ। ଉତ୍ତର ଭୁବନେଶ୍ୱର ବାସୀଙ୍କ ବିକାଶ ପାଇଁ ଏହି ପରିଷଦ ସର୍ବଦା ଚେଷ୍ଟା କରିବ ବୋଲି ଆୟୋଜକ କହିଥିଲେ। ଉତ୍ତର ଭୁବନେଶ୍ୱର ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରି ଏହାର ସମାଧାନ ନିମନ୍ତେ ଚେଷ୍ଟା କରାଯିବ ବୋଲି କର୍ମକର୍ତ୍ତା



ମାନେ କହିଥିଲେ। କାର୍ଯ୍ୟକ୍ରମର ଆବାହକ କୃଷ୍ଣଚନ୍ଦ୍ର ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିକାଶ ପରିଷଦର ମୁଖ୍ୟ ଉପଦେଷ୍ଟା ବିଶ୍ୱଜିତ ପଟ୍ଟନାୟକ (ସିଲୁ), ସୁର ପାତ୍ର, ମଞ୍ଚେଶ୍ୱର ବରିଷ୍ଠ ନାଗରିକ ସଂଘ ସଭାପତି ଈଶ୍ୱର ସାହୁ, ନିଳାମ୍ବର ସାହୁ, ବିଡିଏ କଲୋନୀ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ପ୍ରମେଶ ସାହୁ, ନୀଳାଦ୍ରି ବିହାର ପକ୍ଷରୁ ପ୍ରେମଚାନ୍ଦ ମଣ୍ଡଳ, ନଳିନୀକାନ୍ତ ରାୟ, ଅନ୍ନଦାପ୍ରସାଦ ମଥାନ, ଆଲୋକ ଜେନା, ଦୁଷ୍ମନ୍ତ ଜେନା, ଅଶୋକ କୁମାର ନାୟକ, ସାମ୍ବାଦିକ ସୂରଜିତ ଆର୍ଯ୍ୟ, ମଧୁସୁଦନ ବାରିକ, ସୁବ୍ରତ ନନ୍ଦ ଏବଂ ରଞ୍ଜେଶ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍ତର ଭୁବନେଶ୍ୱର ଅଞ୍ଚଳରେ ଅନୁଷ୍ଠିତ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜାର ଏକ ଭଷାଣୀ କମିଟି ଗଠନ ହେବାକୁ ନିଷ୍ପତ୍ତି ନିଆଗଲା।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**